ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୦/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, March 10/2024 Page 20 ₹ 7.00

୫୦ଶ ଭାଗ ୧୦୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 107 ମୂଲ୍ୟ ₹୭/-

ଶ୍ରୀମନ୍ଦିରରୁ ପୁଣି ପଥର ଖସିଲା

ପୁରୀ ୯।୩(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରୁ ପୁଣି ପଥର ଖସିଛି। ଶନିବାର ଭୋର୍ ସମୟରେ ବିମଳା ମନ୍ଦିର ସମ୍ମୁଖ ଏକାଦଶୀ ମନ୍ଦିର ନିକଟରେ ପଥର ଖଣ୍ଡ ପଡିଥିବା ଦେଖିବାକୁ ମିଳିଥିଲା। ଉକ୍ତ ପଥରଟି ବରାହ ମନ୍ଦିର ଉପର ମୁଖ୍ୟ ମନ୍ଦିରରୁ ଖସିଥିବା କୁହାଯାଉଛି। ପଥର ଖସିବା ଫଳରେ ଏକାଦଶୀ ମନ୍ଦିର ଉପରେ ଲାଗିଥିବା ଶେଡ୍ ମଧ୍ୟ କଣା ହୋଇଯାଇଛି। ପଥରଟିର ଓସାର ପ୍ରାୟ ୫ ଇଞ୍ଚ ଓ ଲମ୍ବ ୧୦ ଇଞ୍ଚ ହୋଇଥିବାବେଳେ ଓଜନ ୩ରୁ ୪ କେଜି ହେବ। ତେବେ ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ଘଟଣାକୁ ନେଇ ଭକ୍ତ ଓ ସେବାୟତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀମନ୍ଦିର ରକ୍ଷଣାବେକ୍ଷଣରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ବାରମ୍ବାର ପଥର ଖସୁଥିବାରୁ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ଦାୟିତ୍ୱହୀନତା ପୁଣି ପଦାରେ ପଡିଛି। ହେଲେ ପଥର ଖସିବା ଘଟଣାକୁ ଏଏସ୍ଆଇ ହାଲୁକା ଭାବେ ନେବା ସମସ୍ତଙ୍କୁ ବ୍ୟଥିତ କରିଛି। ପୁରାତନ ପଥର ହେତୁ ଏହା ଦୁର୍ବଳ ଅବସ୍ଥାରେ ରହିଥିଲା। ମାଙ୍କଡ଼ଙ୍କ ଉତ୍ପାତ ଯୋଗୁ ଉକ୍ତ ପଥରଟି ଖସିପଡିଥିବା ଏଏସ୍ଆଇ ପକ୍ଷରୁ ସ୍ୱୀକୃତି ଦିଆଯାଇଛି। କିଛିଦିନ ତଳେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଗୁମୁଟର ତଳ ପାର୍ଶ୍ୱ ପଦ୍ମପାଖୁଡ଼ା ଓ ଲାଗିଥିବା ପଥରରେ ଏକାଧିକ ଫାଟ ସୃଷ୍ଟି

■ ଲୁଣା ପବନ, ମାଙ୍କଡ଼କୁ ଦୋଷଦେଲା ଏଏସ୍ଆଇ

ହୋଇଥିବା ନଜରକୁ ଆସିଥିଲା। ଏପରିକି ଗୁମୁଟ ଭୁଶୁଡି ପଡ଼ିବା ସମ୍ଭାବନା ଥିବା ସେବାୟତମାନେ କହିଥିଲେ ମଧ୍ୟ କୌଣସି ବିପଦ ନ ଥିବା ଏଏସ୍ଆଇ କହି ଆସୁଛି। ସେହିପରି ୨୦୨୨ ଅକ୍ଟୋବରରେ ବେହରଣ ଦ୍ୱାର ଓ ମୁଦୁଲି ଦ୍ୱାର ମଝିରେ ଜେଟିପି/ଚର୍ଚ୍ଚାମାନେ ବସୁଥିବା ସ୍ଥାନରେ ପ୍ରାୟ ଦେଢ଼ଫୁଟ ଲମ୍ବର ପଥର ପଡ଼ିଥିଲା। ତେବେ ଶନିବାର ଖସିଥିବା ପଥର ସମ୍ପର୍କରେ ଏଏସ୍ଆଇ ଓଡ଼ିଶା ମୁଖ୍ୟ ଡି. ବି. ଗଡନାୟକ କହିଛନ୍ତି, ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱ ☞ପୃଷ୍ଠା–୫

ଘୋଷଯାତ୍ରା ବେଳେ ହେବ ରତ୍ନଭଣ୍ଡାରରେ ଗଣତି

ତଦାରଖ କମିଟି ଅଧ୍ୟକ୍ଷ କଲେ ବୈଠକ

ପୁରୀ ୯।୩(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କ ମୂଲ୍ୟବାନ ଅଳଙ୍କାରର ଗଣତି ପାଇଁ ପ୍ରକ୍ରିୟା ଆଗକୁ ବଢ଼ିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗଠିତ ଉଚ୍ଚସ୍ତରୀୟ ତଦାରଖ କମିଟିର ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଶନିବାର ଅପରାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରତ୍ନଭଣ୍ଡାର ସ୍ଥିତି ଓ ଅଳଙ୍କାର ଗଣତି ସହ ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରାଯାଇଛି। ବୈଠକରେ ହୋଇଥିବା ଆଲୋଚନା ସମ୍ପର୍କରେ ଜଷ୍ଟିସ୍ ପଶାୟତ ସୂଚନା ଦେଇ କହିଛନ୍ତି, ୧୯୭୮ରେ ଶେଷଥର ପାଇଁ ରତ୍ନଭଣ୍ଡାର ଅଳଙ୍କାର ଗଣତି କରାଯାଇଥିଲା। ତେଣୁ ୧୯୭୮ର ରିପୋର୍ଟ ପାଇବା ପରେ ରିପୋର୍ଟକୁ ଅନୁଧ୍ୟାନ କରାଯିବ। ତଦନୁଯାୟୀ ଲିଷ୍ଟରେ ଥିବା ଅଳଙ୍କାର ଏବଂ ନମ୍ବରକୁ ମିଶାଯାଇ ଯାଞ୍ଚ କରାଯିବ। ☞ପୃଷ୍ଠା–୫

ଲୋକ ସଭା ନିର୍ବାଚନ ପୂର୍ବରୁ ଇସିଙ୍କ ଇସ୍ତଫା

ନୂଆଦିଲ୍ଲୀ, ୯।୩

ଲୋକ ସଭା ନିର୍ବାଚନକୁ ଆଉ ମାତ୍ର କିଛି ସପ୍ତାହ ବାକି ଥିବାବେଳେ ନିର୍ବାଚନ କମିଶନର (ଇସି) ଅରୁଣ ଗୋଏଲ ନିଜ ପଦରୁ ଶନିବାର ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ପତ୍ରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗ୍ରହଣ କରିଛନ୍ତି। ଫଳରେ ଭାରତର ନିର୍ବାଚନ କମିଶନ (ଇସିଆଇ)ରେ ବର୍ତ୍ତମାନ କେବଳ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ରହିଥିବାବେଳେ ୨ ଇସି ପଦ ଖାଲି ହୋଇଛି। ଗତ ଫେବୃଆରୀ ୫ରେ ଅନ୍ୟତମ ଇସି ଅନୁପ ପାଣ୍ଡେ ଅବସର ନେଇଥିଲେ। ସାଧାରଣ ନିର୍ବାଚନ ତାରିଖ ଘୋଷଣାର ପ୍ରାୟ ସପ୍ତାହେ ପୂର୍ବରୁ ଇସି ଗୋଏଲଙ୍କ ଇସ୍ତଫା ଅନେକଙ୍କୁ ବିସ୍ମିତ କରିଛି।

୧୯୬୨ରେ ପଞ୍ଜାବର ପଟିଆଲାରେ ଜନ୍ମିତ ଅରୁଣ ଗୋଏଲ ବ୍ରିଟେନର କେମ୍ବ୍ରିଜ ୟୁନିଭର୍ସିଟିରେ ଡେଭେଲପ୍‌ମେଣ୍ଟ ଇକୋନୋମିକ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ।

ଅରୁଣ ଗୋଏଲ

୧୯୮୫ ବ୍ୟାଚ୍‌ର ପଞ୍ଜାବ କ୍ୟାଡର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଗୋଏଲ ୧୯୮୯ରେ ଜଣେ ଉପଖଣ୍ଡୀୟ ଅଧିକାରୀ (ଏସ୍‌ଡିଓ) ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ସେ କେନ୍ଦ୍ର ସରକାରଙ୍କ ସଂସ୍କୃତି, ଶ୍ରମ ଓ ନିୟୋଜନ, ଅର୍ଥ ସମେତ ବିଭିନ୍ନ ମନ୍ତ୍ରଣାଳୟରେ କାର୍ଯ୍ୟ କରିଥିଲେ। ୨୦୧୯ ଡିସେମ୍ବରରୁ ୨୦୨୨ ନଭେମ୍ବର ୧୯ ପର୍ଯ୍ୟନ୍ତ ଭାରୀଶିଳ୍ପ ମନ୍ତ୍ରଣାଳୟ ସଚିବ ଭାବେ ଗୋଏଲ ଦାୟିତ୍ୱ ତୁଲାଇ କାର୍ଯ୍ୟକାଳ ଶେଷ ହେବାର ମାସକ ପୂର୍ବରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଅବସରର କିଛିଦିନ ପରେ ପରେ ତାଙ୍କୁ ନିର୍ବାଚନ କମିଶନର ଭାବେ ନିଯୁକ୍ତ କରାଯାଇଥିଲା। ଜଣେ ଅମଲାତନ୍ତ୍ରୀ କେନ୍ଦ୍ରୀୟ ସଚିବ ପଦରୁ ଅବସର ନେବା ପରେ ତାଙ୍କୁ ତତ୍କାଳ ଇସି ରୂପେ ନିଯୁକ୍ତି ଦିଆଯିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ତାଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଏଡିଆର୍ ପକ୍ଷରୁ ଦାଖଲ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ୨୦୨୩ ଅଗଷ୍ଟ ୪ରେ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଥିଲେ। ରାଜୀବ କୁମାର ୨୦୨୫ ଫେବୃଆରୀରେ ଅବସର ନେବା ପରେ ଗୋଏଲ ତାଙ୍କ ସ୍ଥାନରେ ଅବସ୍ଥାପିତ ହୋଇଥାନ୍ତେ।

ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ପ୍ରୋତ୍ସାହନ ରାଶି ବଢ଼ିଲା

ଭୁବନେଶ୍ୱର, ୯।୩(ଅନିଲ ଦାସ)

ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କର ପ୍ରୋତ୍ସାହନ ରାଶି ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଏଥିଯୋଗୁ ମିଶନ ଶକ୍ତିର ୫୯,୫୦୯ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଉପକୃତ ହେବେ। ରାଜ୍ୟରେ ମହିଳା ସଶକ୍ତୀକରଣରେ ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କର ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଏହି ପ୍ରୋତ୍ସାହନ ରାଶିରେ ବୃଦ୍ଧି ଘୋଷଣା କରିଛନ୍ତି। ମିଶନ ଶକ୍ତି ଅଧୀନରେ ୫୯,୫୦୯ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଯଥା ମାଷ୍ଟର ବୁକ୍ କିପର(ଏମ୍‌ବିକେ), କମ୍ୟୁନିଟି ରିସୋର୍ସ ପର୍ସନ ଫର କମ୍ୟୁନିଟି ମୋବିଲାଇଜେଶନ(ସିଆରପି–ସିଏମ୍), ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର ଓ ଜୀବିକା ସହାୟିକା କାର୍ଯ୍ୟରତ ଅଛନ୍ତି। ଏହି ନୂତନ ଘୋଷଣା ଅନୁଯାୟୀ, ଏମ୍‌ବିକେ, ବ୍ୟାଙ୍କ ମିତ୍ର ଏବଂ ଜୀବିକା ସହାୟିକାମାନେ ମାସିକ ୬,୭୫୦ ଟଙ୍କା ପରିବର୍ତ୍ତେ ୧୦,୭୫୦ ଟଙ୍କା ପାଇବେ। କୃଷି ମିତ୍ର ଓ ପ୍ରାଣୀ ମିତ୍ର ମାସିକ ୩,୭୫୦ ଟଙ୍କା ପରିବର୍ତ୍ତେ ୬,୨୫୦ ଟଙ୍କା ପାଇବେ। ସିଆର୍‌ପି–ସିଏମ୍ ଏବେ ମାସକୁ ୩,୬୦୦ ଟଙ୍କା ପରିବର୍ତ୍ତେ ୬୧୦୦ ଟଙ୍କା ପାଇବେ। ଉପରୋକ୍ତ ବର୍ଦ୍ଧିତ ପ୍ରୋତ୍ସାହନ ରାଶି ପିଛିଲା ଭାବେ ଅକ୍ଟୋବର ୨୦୨୩ରୁ ପ୍ରଦାନ କରାଯିବ।

ସୂଚନା: ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

ଆଜିର ସମ୍ପାଦକୀୟ

ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର

ସଂକ୍ଷେପରେ

ଇଲେକ୍ଟୋରାଲ ବଣ୍ଡ୍: ୧୧ରେ ଏସ୍‌ବିଆଇ ଆବେଦନର ଶୁଣାଣି

ନୂଆଦିଲ୍ଲୀ,୯।୩: ଇଲେକ୍ଟୋରାଲ ବଣ୍ଡ୍ ସମ୍ପର୍କିତ ତଥ୍ୟ ଦାଖଲ ସମୟସୀମା ଜୁନ୍ ୩୦ ପର୍ଯ୍ୟନ୍ତ ବଢ଼ାଇବା ନିମନ୍ତେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) କରିଥିବା ଆବେଦନର ଶୁଣାଣି ଆସନ୍ତା ୧୧ ତାରିଖରେ ସୁପ୍ରିମକୋର୍ଟରେ ୫ ଜଣିଆ ସାମ୍ବିଧାନିକ ପୀଠରେ ହେବ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଗତ ମାସ ୧୫ ତାରିଖରେ ଇଲେକ୍ଟୋରାଲ ବଣ୍ଡକୁ ଅସାମ୍ବିଧାନିକ ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ ଦର୍ଶାଇ ଏହାକୁ ରଦ୍ଦ କରିଦେଇଥିଲେ। ଏଥିସହିତ ବଣ୍ଡ୍ ସମ୍ପର୍କିତ ସବିଶେଷ ତଥ୍ୟ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବା ନିମନ୍ତେ ସର୍ବୋଚ୍ଚ ଅଦାଲତ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏତେ କମ୍ ସମୟ ମଧ୍ୟରେ ଇଲେକ୍ଟୋରାଲ ବଣ୍ଡ୍ ସମ୍ପର୍କିତ ସମସ୍ତ ତଥ୍ୟ ଏକାଠି କରିବା ସହଜ ନୁହେଁ ବୋଲି ଦର୍ଶାଇ ଏସ୍‌ବିଆଇ ସମୟ ବଢ଼ାଇବା ପାଇଁ ଗତ ୪ ତାରିଖରେ ଆବେଦନ କରିଥିଲା।

ସିଙ୍ଗାପୁର ଜାହାଜକୁ ହୁତି ଆତଙ୍କବାଦୀଙ୍କ ଟାର୍ଗେଟ

ଦୁବାଇ,୯।୩: ଆଡେନ୍ ଉପସାଗରରେ ସିଙ୍ଗାପୁରର ଏକ ଜାହାଜକୁ ୟେମେନ୍‌ର ହୁତି ବିଦ୍ରୋହୀମାନେ ଟାର୍ଗେଟ କରିଛନ୍ତି। ଗାଜା ଷ୍ଟ୍ରିପ୍‌ରେ ହମାସ୍ ସହ ଇସ୍ରାଏଲ୍‌ର ଯୁଦ୍ଧ ଲାଗିରହିଥିବାବେଳେ ଇରାନ ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀ ବିଦେଶୀ ଜାହାଜଗୁଡ଼ିକୁ ଟାର୍ଗେଟ କରି ଆକ୍ରମଣ ଜାରି ରଖିଛି। ଆମେରିକା ସେନା କେନ୍ଦ୍ରୀୟ କମାଣ୍ଡଙ୍କ ଅନୁଯାୟୀ ଶୁକ୍ରବାର ସିଙ୍ଗାପୁରର ମାଲ୍‌ବାହୀ ଜାହାଜ ପ୍ରୋପେଲ ଫର୍ଚ୍ଚୁନ୍‌କୁ ଟାର୍ଗେଟ କରି ହୁତି ଆତଙ୍କବାଦୀ କ୍ଷେପଣାସ୍ତ୍ର ମାଡ଼ କରିଥିଲେ। କିଛି ଦୂରରେ କ୍ଷେପଣାସ୍ତ୍ର ପଡ଼ିବାରୁ ଜାହାଜର କୌଣସି କ୍ଷତି ହୋଇନାହିଁ। ଆମେରିକାର ଯୁଦ୍ଧଜାହାଜଗୁଡ଼ିକୁ ଟାର୍ଗେଟ କରି ହୁତି ୩୭ଟି ଡ୍ରୋନ୍ ଛାଡ଼ିଥିବା ଏହାର ସାମରିକ ମୁଖପାତ୍ର କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଉଦ୍‌ଘାଟନ କରିଥିବା ସେଲା ଟନେଲ।

୧୫ ସୁଦ୍ଧା ନିର୍ବାଚନ ତାରିଖ ଘୋଷଣା

ନୂଆଦିଲ୍ଲୀ,୯।୩

ଲୋକ ସଭା ସହ କଶ୍ମୀର ବିଧାନସଭା ନିର୍ବାଚନ ହୋଇପାରେ

ଲୋକ ସଭା ନିର୍ବାଚନ ତାରିଖ ଘୋଷଣା ଗୁରୁବାର କିମ୍ବା ଶୁକ୍ରବାର ହୋଇପାରେ। ଏଥିସହ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମ ବିଧାନସଭା ନିର୍ବାଚନ ତାରିଖ ପ୍ରକାଶ ପାଇବାକୁ ଥିବାବେଳେ ଜମ୍ମୁ-କଶ୍ମୀର ବିଧାନସଭା ଭୋଟ ପାଇଁ ମଧ୍ୟ ଘୋଷଣା ହୋଇପାରେ ବୋଲି ସୂତ୍ରରୁ ପ୍ରକାଶ।

ଭାରତର ନିର୍ବାଚନ କମିଶନ (ଇସିଆଇ) ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଜମ୍ମୁ ଓ କଶ୍ମୀର ଗସ୍ତକରି କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ କରାଇବା ନେଇ ସମୀକ୍ଷା କରିବେ। କମିଶନ କଶ୍ମୀରରୁ ଫେରିବା ପରେ ତତ୍କାଳ ନିର୍ବାଚନ ତାରିଖ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ସେପ୍ଟେମ୍ବର ସୁଦ୍ଧା ଜମ୍ମୁ-କଶ୍ମୀରରେ ବିଧାନସଭା ଭୋଟ କରାଇବା ସକାଶେ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସିଇସି ରାଜୀବ କୁମାର

ଇତିମଧ୍ୟରେ ଉପତ୍ୟକାରେ ଲୋକ ସଭା ସହ ବିଧାନସଭା ନିର୍ବାଚନ ପରିଚାଳନା ଉପରେ ସ୍ଥିତିସମୀକ୍ଷା ପାଇଁ କେନ୍ଦ୍ର ସରକାର ଆୟୋଗଙ୍କୁ ପରାମର୍ଶ ଦେଇଛନ୍ତି। ଜମ୍ମୁ-କଶ୍ମୀର ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାରଙ୍କୁ କେନ୍ଦ୍ରଶାସିତ ଅଞ୍ଚଳର ସୁରକ୍ଷା ସ୍ଥିତି ସମ୍ପର୍କରେ ଅବଗତ କରାଯାଇଛି। ବୁଧବାର ଏହି ସମୀକ୍ଷା ଶେଷ ହେବା ପରେ କମିଶନ ଗୁରୁବାର କିମ୍ବା ଶୁକ୍ରବାର ଲୋକ ସଭା ନିର୍ବାଚନ ତାରିଖ ଘୋଷଣା କରିପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଜମ୍ମୁ-କଶ୍ମୀରରେ ଶେଷ ବିଧାନସଭା ନିର୍ବାଚନ ୨୦୧୪ରେ ହୋଇଥିଲା। ଭାଜପା ଏବଂ ମେହବୁବା ମୁଫ୍‌ତିଙ୍କ ନେତୃତ୍ୱାଧୀନ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମେଣ୍ଟ ସରକାର ଚାଲିଥିଲା। ୨୦୧୮ରେ ଭାଜପା ସମର୍ଥନ ପ୍ରତ୍ୟାହାର କରିବା ପରେ ସରକାର ଭାଙ୍ଗିଯାଇଥିଲା। ସେବେଠୁ କଶ୍ମୀରରେ କୌଣସି ନିର୍ବାଚିତ ସରକାର ନାହିଁ।

୨୦୧୯ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଜମ୍ମୁ-କଶ୍ମୀର ରାଜ୍ୟକୁ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଥିଲା। ଗତ ଡିସେମ୍ବରରେ ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣି କରି ସେପ୍ଟେମ୍ବର ୩୦ ସୁଦ୍ଧା ରାଷ୍ଟ୍ରପତି ଶାସନାଧୀନ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ କରାଇବା ପାଇଁ ଇସିଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଯଥାଶୀଘ୍ର ସମ୍ଭବ କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ଫେରସ୍ତ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ଶୁକ୍ରବାର ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ସିଇସିଙ୍କୁ ଭେଟି ଉପତ୍ୟକାର ସୁରକ୍ଷା ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଅନ୍ୟପକ୍ଷେ ତାରିଖ ଘୋଷଣା ସହ ତତ୍କାଳ ଆଦର୍ଶ ଆଚରଣ ବିଧି ଲାଗୁ ହେବ। ଏହାକୁ ଦୃଷ୍ଟିରେ ରଖି ଦଳଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି।

ବିଶ୍ୱର ଦୀର୍ଘତମ ୨ ଲେନ୍ ବିଶିଷ୍ଟ ଟନେଲ ଉଦ୍‌ଘାଟିତ

ଇଟାନଗର/ନୂଆଦିଲ୍ଲୀ,୯।୩ (ପି.ଟି.)

ଆସାମର ତେଜପୁରକୁ ଅରୁଣାଚଳର ୱେଷ୍ଟ କାମେଙ୍ଗକୁ ସଂଯୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅରୁଣାଚଳପ୍ରଦେଶରେ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସେଲା ଟନେଲକୁ ଉଦ୍‌ଘାଟନ କରିଛନ୍ତି। ସମୁଦ୍ର ପତ୍ତନରୁ ୧୩,୦୦୦ ଫୁଟ୍ ଉଚ୍ଚତାରେ ନିର୍ମିତ ଏହି ଟନେଲ ତାୱାଙ୍ଗକୁ ଯୋଡୁଛି। ଫଳରେ ଫ୍ରଣ୍ଟିୟର ଅଞ୍ଚଳକୁ ସବୁ ପ୍ରକାର ପ୍ରତିକୂଳ ପାଗ ମଧ୍ୟରେ ସେନା ପ୍ରେରଣ ସୁବିଧା ହୋଇପାରିବ। ୮୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଟନେଲ ଆସାମର ତେଜପୁରକୁ ଅରୁଣାଚଳପ୍ରଦେଶର ୱେଷ୍ଟ କାମେଙ୍ଗ ଜିଲାକୁ ସଂଯୋଗ କରୁଛି। ଏଭଳି ଉଚ୍ଚତାରେ ବିଶ୍ୱରେ ଏହା ଦୀର୍ଘତମ ଦୁଇ ଲେନ୍ ବିଶିଷ୍ଟ ଟନେଲ। ଏହାଦ୍ୱାରା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟସ୍ଥ ଫରୱାର୍ଡ ଅଞ୍ଚଳକୁ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ପରିବହନ ସୁବିଧାଜନକ ହୋଇପାରିବ। ଇଟାନଗରରେ 'ବିକଶିତ ଭାରତ, ବିକଶିତ ଉତ୍ତରପୂର୍ବାଞ୍ଚଳ' କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ଭର୍ଚୁଆଲି ଉକ୍ତ ଟନେଲକୁ ଉଦ୍‌ଘାଟନ କରିଛନ୍ତି। ଅଷ୍ଟ୍ରେଲିଆର ସୁଡ଼ଙ୍ଗ ନିର୍ମାଣ କୌଶଳରେ ଏହାକୁ ଏହି ଟନେଲ ନିର୍ମିତ ହୋଇଛି। କାର୍ଯ୍ୟକ୍ରମରେ ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ, କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

କାଜିରଙ୍ଗାରେ ସଫାରିର ମଜା ନେଲେ ପ୍ରଧାନମନ୍ତ୍ରୀ

କାଜିରଙ୍ଗା,୯।୩ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନ ଏବଂ ଟାଇଗର ରିଜର୍ଭରେ ହାତୀ ଏବଂ ଜିପ୍ ସଫାରିର ମଜା ନେଇଛନ୍ତି। ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ୟୁନେସ୍କୋର ଏହି ବିଶ୍ୱ ଐତିହ୍ୟ ସ୍ଥଳ ପରିଦର୍ଶନ କରିବା ସହ ସେଠାରେ ୨ ଘଣ୍ଟା ଅତିବାହିତ କରିଥିଲେ। ଏହି ଅବସରରେ ସେ ମହିଳା ଜଙ୍ଗଲ ସୁରକ୍ଷା କର୍ମଚାରୀମାନଙ୍କ ଟିମ୍ 'ବନଦୁର୍ଗା'ର ସଦସ୍ୟ, ହାତୀର ମାହୁନ୍ତ ଏବଂ ବନ ଅଧିକାରୀମାନଙ୍କ ସହ କଥା ହୋଇଥିଲେ। ଗଣ୍ଡା ପାଇଁ ଜଣାଶୁଣା କାଜିରଙ୍ଗାରେ ବହୁ ସଂଖ୍ୟାରେ ହାତୀ ଓ ଅନ୍ୟାନ୍ୟ ପ୍ରାଣୀ ରହିଛନ୍ତି। ମୋଦି କେନ୍ଦ୍ରୀୟ କୋହେରା ରେଞ୍ଜ୍ ଅନ୍ତର୍ଗତ ମିହିମୁଖ ଅଞ୍ଚଳରେ ପ୍ରଥମେ ହାତୀ ସଫାରି କରିଥିଲେ। ସେ ପ୍ରଦ୍ୟୁମ୍ନ ନାମକ ହାତୀ ପିଠିରେ ବସି ଡଗଲାଙ୍ଗ ଏବଂ ଫୋଲିସମାରି ମଧ୍ୟରେ ସଫାରି ରାସ୍ତା ଅତିକ୍ରମ କରିଥିଲେ। ତାଙ୍କ ପଛେ ପଛେ ୧୬ଟି ହାତୀର ଏକ ଦଳ ଯାଇଥିଲା। ମୋଦି ୩ଟି ଲକ୍ଷ୍ମୀମାଇ, ପ୍ରଦ୍ୟୁମ୍ନ ଓ ଫୁଲମାଇଙ୍କୁ ଆଖୁ ଖୁଆଇଥିଲେ। ଏହା ପରେ ସେ ଜିପ୍ ସଫାରିରେ ଯାଇ ଡଫ୍ଲାଙ୍ଗ ୱାଚ୍ ଟାୱାରରେ ଅଟକିବା ସହ ଅଭୟାରଣ୍ୟର ଦୃଶ୍ୟ ଉପଭୋଗ କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଜିରଙ୍ଗା ଜାତୀୟ ଉଦ୍ୟାନରେ ହାତୀ ଉପରେ ବସି ବୁଲୁଛନ୍ତି।

୨୦୦୦ କୋଟିର ଡ୍ରଗ୍ସ ଚୋରାଚାଲାଣ: ଫିଲ୍ମ ନିର୍ମାତା ଗିରଫ

ନୂଆଦିଲ୍ଲୀ,୯।୩

ଦେଶ ବାହାରକୁ ୨,୦୦୦ କୋଟି ଟଙ୍କାର ଡ୍ରଗ୍ସ ଚୋରାଚାଲାଣରେ ସମ୍ପୃକ୍ତି ଅଭିଯୋଗରେ ଚଳଚ୍ଚିତ୍ର ନିର୍ମାତା ଜାଫର ସାଦିକ୍‌ଙ୍କୁ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଶନିବାର ଗିରଫ କରିଛି। ଡିଏମ୍‌କେର ପୂର୍ବତନ କାର୍ଯ୍ୟକର୍ତ୍ତା ଜାଫର ତାମିଲ ଚଳଚ୍ଚିତ୍ର ଶିଳ୍ପରେ କାର୍ଯ୍ୟ କରୁଥିଲେ। ସେ ଫେବୃଆରୀ ୧୫ରୁ ଫେରାର ଥିଲେ। ଜାଫର ଭାରତ-ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ଡ୍ରଗ୍ସ ଚୋର କାରବାର ନେଟ୍‌ୱର୍କର କିଙ୍ଗପିନ୍ ବୋଲି ଏନ୍‌ସିବି କହିଛି। ଉକ୍ତ ର୍‍ୟାକେଟ୍ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡକୁ

ଜାଫର ସାଦିକ୍

୨,୦୦୦ କୋଟିର ଡ୍ରଗ୍ସ ଚୋରା ଚାଲାଣ କରୁଥିବାବେଳେ ଧରାପଡ଼ିଥିଲା। ୪୫ଟି ପ୍ୟାକେଟରେ ୩,୫୦୦ କିଲୋଗ୍ରାମ ସେଉଡୋଫେଡ୍ରିନ୍‌କୁ ନଡ଼ିଆ ଏବଂ ଡ୍ରାଏ ଫ୍ରୁଟ୍‌ରେ ଲୁଚାଇ ନିଆଯାଉଥିଲା ବୋଲି ଏନ୍‌ସିବି ଡେପୁଟି ଡିଜି ଘନେଶ୍ୱର ସିଂ କହିଛନ୍ତି। ଏହି ଘଟଣା ପରେ ଜାଫର ଥିରୁଭାନନ୍ତପୁରମ୍, ମୁମ୍ବାଇ, ପୁଣେ ଏବଂ ହାଇଦ୍ରାବାଦ ଦେଇ ଜୟପୁର ପଳାଇଥିଲେ। ସେ ଡ୍ରଗ୍ସ କାରବାରରୁ କୋଟି କୋଟି ଟଙ୍କା ଆୟ କରି ଏହାକୁ ରିଅଲ ଇଷ୍ଟେଟ୍ ଏବଂ ଫିଲ୍ମ ପ୍ରଯୋଜନାରେ ବିନିଯୋଗ କରିଥିଲେ ବୋଲି ଘନେଶ୍ୱର କହିଛନ୍ତି। ଜାଫର ଏପର୍ଯ୍ୟନ୍ତ ୪ଟି ଫିଲ୍ମ ନିର୍ମାଣ କରିଛନ୍ତି। ଗତ ସପ୍ତାହରେ ମଦୁରାଇର ୨ ଜଣ ଟ୍ରେନ ଯାତ୍ରୀଙ୍କଠାରୁ ଏବଂ ଚେନ୍ନାଇର ଏକ ଅଳିଆ ଗଦାରୁ ୧୮୦ କୋଟି ଟଙ୍କାର ମେଥାମଫେଟାମିନ୍ ଜବତ ହୋଇଥିଲା।

ପ୍ରତ୍ୟାଖ୍ୟାନ ଅଧିକାର ବିନା ନୋଟା ଦନ୍ତହୀନ: ବିଶେଷଜ୍ଞ

ନୂଆଦିଲ୍ଲୀ,୯।୩ (ପି.ଟି.)

ସୁପ୍ରିମକୋର୍ଟଙ୍କ ରାୟର ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ନିର୍ବାଚନ ପାଇଁ ବ୍ୟବହୃତ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ନୋଟା (ନନ୍ ଅଫ୍ ଦି ଏବଭ) ବିକଳ୍ପ ସାମିଲ ହୋଇଥିଲା। ତେବେ ନୋଟାରେ ପଡୁଥିବା ଭୋଟ୍ ସଂଖ୍ୟା ଯଥେଷ୍ଟ କମ୍ ରହିଆସିଛି। ନିର୍ବାଚନ ଫଳାଫଳ ଉପରେ ଏହା କୌଣସି ପ୍ରଭାବ ପକାଉ ନାହିଁ। ତେଣୁ ପ୍ରତ୍ୟାଖ୍ୟାନ ଅଧିକାର ବିନା ନୋଟା ଏକ 'ଦନ୍ତହୀନ ବାଘ' ବୋଲି ବିଶେଷଜ୍ଞମାନେ କହିଛନ୍ତି। ୨୦୧୩ରେ ନୋଟା ବିକଳ୍ପକୁ ଇଭିଏମ୍‌ରେ ସାମିଲ କରାଯିବା ସମୟରେ ବିଶ୍ୱାସ କରାଯାଉଥିଲା ଯେ, ଏହା ଦ୍ୱାରା ରାଜନୈତିକ ଦଳଗୁଡ଼ିକ ଦାଗୀ ନେତାଙ୍କୁ ପ୍ରାର୍ଥୀ କରିବାରୁ ନିବୃତ୍ତ ହେବେ।

ଗତ ୫ ବର୍ଷ ମଧ୍ୟରେ ଲୋକ ସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନଗୁଡ଼ିକରେ ନୋଟାକୁ ୧.୨୯ କୋଟିରୁ ଊର୍ଦ୍ଧ୍ୱ ଭୋଟ ମିଳିଛି। ଉଭୟ ନିର୍ବାଚନରେ ଆପରାଧିକ ରେକର୍ଡ ଥିବା ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିଚାଲିଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର୍) ରିପୋର୍ଟ ଅନୁଯାୟୀ ୨୦୦୯ ଲୋକ ସଭା ନିର୍ବାଚନରେ ୫୪୩ ବିଜୟୀଙ୍କ ମଧ୍ୟରୁ ୧୬୨ ଜଣ (୩୦%) ସେମାନଙ୍କ ବିରୋଧରେ ଅପରାଧ ମାମଲା ସମ୍ପର୍କରେ ଘୋଷଣା କରିଥିଲେ। ୭୬ ଏମ୍‌ପି (୧୪%)ଙ୍କ ବିରୋଧରେ ଗୁରୁତର ଅପରାଧ ମାମଲା ରହିଥିଲା। ୨୦୧୯ରେ ଏମ୍‌ପିମାନଙ୍କ ବିରୋଧରେ ଅପରାଧ ମାମଲା ଏବଂ ଗମ୍ଭୀର ଅପରାଧ ମାମଲା ଯଥାକ୍ରମେ ୪୩ ଏବଂ ୨୯ ପ୍ରତିଶତକୁ ବୃଦ୍ଧି ପାଇଥିଲା ବୋଲି ଏଡିଆର୍ ରିପୋର୍ଟରୁ ଜଣାପଡ଼ିଛି। ଏଥିରୁ ସ୍ପଷ୍ଟ ହୋଇଛି ଯେ, ନିର୍ବାଚନ ପ୍ରକ୍ରିୟାରୁ ଅପରାଧୀଙ୍କୁ ହଟାଇବାରେ ନୋଟାର କୌଣସି ଅବଦାନ ନ ଥିବା ଏଡିଆର୍ ମୁଖ୍ୟ ଅବସରପ୍ରାପ୍ତ ମେଜର ଅନିଲ ବର୍ମା କହିଛନ୍ତି। ନୋଟା ଏକ ଦନ୍ତହୀନ ବାଘରେ ପରିଣତ ହୋଇଛି। କେବଳ ରାଜନୈତିକ ଦଳ ପ୍ରତି ନିଜର ଅସନ୍ତୋଷ ଓ କ୍ରୋଧ ଜଣାଇବା ପାଇଁ ଭୋଟର ନୋଟାକୁ ବାଛୁଛନ୍ତି। ନୋଟା ବିକଳ୍ପକୁ ଅଧିକ କ୍ଷମତା ମିଳିବା ଆବଶ୍ୟକ ବୋଲି ଆକ୍ସିସ ଇଣ୍ଡିଆ ଅଧ୍ୟକ୍ଷ ପ୍ରଦୀପ ଗୁପ୍ତା କହିଛନ୍ତି।

ଫୁରସତ୍

ବର୍ଷାରେ ଛୁଟି ବିତାଅ, କ୍ଷତିପୂରଣ ନିଅ

ଲାୟନ୍ ସିଟି (ସିଙ୍ଗାପୁର)

କୌଣସି ଏକ ସ୍ଥାନକୁ ଯେକେହି ବି ଛୁଟି କଟେଇବା ପାଇଁ ଯାଇଥିବା ବେଳେ, ଯଦି ସେଠାରେ ବର୍ଷା ହୁଏ ତେବେ ଭ୍ରମଣ କରିବାକୁ ସକ୍ଷମ ହୋଇ ନ ପାରି ଅନେକ ଲୋକ ଦୁଃଖରେ ନିଜ ଭାଗ୍ୟକୁ ଦୋଷ ଦେଇଥାନ୍ତି। ଦକ୍ଷିଣ ଏସିଆରେ ଅବସ୍ଥିତ ସିଙ୍ଗାପୁରରେ ଅଧିକାଂଶ ଦିନ ବର୍ଷା ଲାଗି ରହୁଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଭଲ ଭାବେ ଭ୍ରମଣ କରିପାରୁ ନ ଥିବାର ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ସିଙ୍ଗାପୁରର ଲାୟନ ସିଟିରେ ଥିବା ଇଣ୍ଟରକଣ୍ଟିନେଣ୍ଟାଲ୍ ସିଙ୍ଗାପୁର ହୋଟେଲ ପକ୍ଷରୁ ବର୍ଷା ଯୋଗୁ ନିଜ ଅତିଥିମାନଙ୍କର ଛୁଟି ନଷ୍ଟ ନ ହେବାକୁ ଖୁବଶୀଘ୍ର ଏକ ପଦକ୍ଷେପ ନିଆଯାଉଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବର୍ଷା ହେତୁ ଏହି ହୋଟେଲ ନିଜର ଅତିଥିମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବ ବୋଲି ଜଣାପଡ଼ିବାରୁ ଏବେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ହୋଟେଲର ଜେନେରାଲ ମ୍ୟାନେଜର ଆଣ୍ଡ୍ରିଆସ୍ କ୍ରେମର୍ ଏନେଇ ସ୍ଥାନୀୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଜଣେ ବନ୍ଧୁ ତାଙ୍କୁ ମଜାଳିଆ ଢଙ୍ଗରେ ଏପରି କରିବାକୁ ଉପଦେଶ ଦେଇଥିବା ବେଳେ ଏହା ତାଙ୍କୁ ଠିକ୍ ଲାଗିଥିଲା ବୋଲି ସେ କହିଛନ୍ତି। ତେବେ ଏହି ପ୍ୟାକେଜ ପାଇବା ପାଇଁ ହୋଟେଲ ପକ୍ଷରୁ ଅତିଥିଙ୍କ ପାଇଁ କିଛି ସର୍ତ୍ତ ରଖାଯାଇଛି। ଯଦି ସକାଳ ୮ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ କୌଣସି ୪ ଘଣ୍ଟାର ଅବଧି ମଧ୍ୟରେ ୧୨୦ ମିନିଟ ଧରି ବର୍ଷା ଲାଗିରହିଥାଏ, ତେବେ ଏହି ସ୍କିମ୍ ଲାଗୁ ହେବ। ଉଦାହରଣ ସ୍ୱରୂପ ଯଦି ଅପରାହ୍ନ ୪ଟାରୁ ୫ଟା ୩୦ ମଧ୍ୟରେ (୯୦ ମିନିଟ୍) ଏବଂ ପରେ ପୁଣି ସନ୍ଧ୍ୟା ୬ଟାରୁ ୬ଟା ୩୦ ମଧ୍ୟରେ (୩୦ ମିନିଟ୍) ଧରି ବର୍ଷା ଲାଗିରହେ, ତେବେ ଏହି ସ୍କିମ ଲାଗୁ ହେବ। ଏହି ବର୍ଷା ସୁରକ୍ଷା ବୀମା ପ୍ୟାକେଜ ସମ୍ପର୍କରେ ହୋଟେଲ ପକ୍ଷରୁ ନିଜ ୱେବ୍‌ସାଇଟ୍‌ରେ ମଧ୍ୟ ଉଲ୍ଲେଖ କରାଯାଇଛି।

ପ୍ରଥମ ଦିନ କମାଲ ଦେଖାଇଲା 'ଶୈତାନ୍'

ମୁମ୍ବାଇ

ଅଜୟ ଦେବଗନ୍, ଆର ମାଧବନ୍ ଏବଂ ଜ୍ୟୋତିକାଙ୍କ ଅଭିନୀତ 'ଶୈତାନ୍' ଚଳଚ୍ଚିତ୍ର ଚଳିତ ଶୁକ୍ରବାର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ରିଲିଜ୍ ପୂର୍ବରୁ ବହୁ ଚର୍ଚ୍ଚାରେ ଥିବା ଏହି ଚଳଚ୍ଚିତ୍ରକୁ ପ୍ରଥମ ଦିନ ବକ୍ସ ଅଫିସରେ ସଫଳତା ମିଳିଛି। ଫିଲ୍ମ ରିଲିଜ୍ ପୂର୍ବରୁ ଆଡଭାନ୍ସ ବୁକିଂ ଦୃଷ୍ଟିରୁ ଏହା ଭଲ ବ୍ୟବସାୟ କରିବ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଆଶା କରାଯାଉଥିବାବେଳେ ଏହା ସତ୍ୟ ପ୍ରମାଣିତ ହୋଇଛି। ଅଜୟ ଦେବଗନଙ୍କ ଅଭିନୀତ ଏହି ଚଳଚ୍ଚିତ୍ରର ଟ୍ରେଲର ରିଲିଜ ହେବା ପରଠାରୁ ତାଙ୍କ ପ୍ରଶଂସକମାନେ ଏହାର ରିଲିଜ୍‌କୁ ଅପେକ୍ଷା କରି ରହିଥିଲେ। ଫିଲ୍ମ ରିଲିଜ୍ ପୂର୍ବବର୍ତ୍ତୀ ଆଡଭାନ୍ସ ବୁକିଂ ଆକଳନରୁ ଏହି ଚଳଚ୍ଚିତ୍ର ପ୍ରଥମ ଦିନରେ ପ୍ରାୟ ୮ରୁ ୧୨ କୋଟି ଟଙ୍କା ବ୍ୟବସାୟ କରିବ ବୋଲି ଅନୁମାନ କରାଯାଉଥିଲା। ତେବେ ଏହି ଫିଲ୍ମ ପ୍ରଥମ ଦିନରେ ୧୪.୫୦ କୋଟି ଟଙ୍କା ଆୟ କରିଛି, ଯାହା ଫିଲ୍ମ ନିର୍ମାତାମାନଙ୍କୁ ଖୁସି କରିପାରିଛି। ୬୦ରୁ ୬୫ କୋଟି ଟଙ୍କା ବ୍ୟୟରେ 'ଶୈତାନ୍' ଚଳଚ୍ଚିତ୍ର ନିର୍ମାଣ ହୋଇଥିବା ବେଳେ ପ୍ରଥମ ଦିନରେ ଏହି ବ୍ୟବସାୟ ଉତ୍ସାହଜନକ ଥିବା ଫିଲ୍ମ ସମୀକ୍ଷକ ମଧ୍ୟ ପ୍ରକାଶ କରିଛନ୍ତି। ଶନିବାର ଏବଂ ରବିବାର ଉଇକ୍ ଏଣ୍ଡ ଥିବାରୁ ରୋଜଗାରରେ ଆହୁରି ବୃଦ୍ଧି ଘଟିବ ବୋଲି ଆକଳନ କରାଯାଉଛି। ଏହି ଚଳଚ୍ଚିତ୍ରରେ ଆର୍ ମାଧବନ୍ ଶୈତାନ୍‌ର ଭୂମିକା ନିର୍ବାହ କରିଛନ୍ତି, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରୁଛନ୍ତି।

ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୦/୨୦୨୪ | Bhubaneswar, Sunday, March 10/2024 | ପୃଷ୍ଠା-୧



ଅସିଫ୍ ଅଲି ଜର୍ଦ୍ଦାରୀ ପାକିସ୍ତାନ ରାଷ୍ଟ୍ରପତି

ଇସ୍‌ଲାମାବାଦ, ୯।୩

ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ନେତା ଅସିଫ୍ ଅଲି ଜର୍ଦ୍ଦାରୀ ଶନିବାର ଦେଶର ଚତୁର୍ଦ୍ଦଶ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ପିପିପି ସହଅଧକ୍ଷ ଜର୍ଦ୍ଦାରୀଙ୍କ ରାଷ୍ଟ୍ରପତି ଭାବେ ଏହା ଦ୍ୱିତୀୟ ପାଳି। ଏହା ପୂର୍ବରୁ ସେ ୨୦୦୮ ସେପ୍ଟେମ୍ବରରୁ ୨୦୧୩ ସେପ୍ଟେମ୍ବର ପର୍ଯ୍ୟନ୍ତ ରାଷ୍ଟ୍ରପତି ଥିଲେ। ୬୮ ବର୍ଷୀୟ ଜର୍ଦ୍ଦାରୀଙ୍କ ସପକ୍ଷରେ ୨୨୫ ଭୋଟ ପଡ଼ିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପାଶତୁନଖ୍ୱା ମିଲି ଆୱାମୀ ପାର୍ଟିର ମହମ୍ମଦ ଖାନ୍ ଆଚାକଜାଇଙ୍କୁ ନ୍ୟାଶନାଲ ଆସେମ୍ବ୍ଲିର ୧୧୯ ☞ପୃଷ୍ଠା–୫

ବ୍ଲକଗ୍ରାଣ୍ଟ କଲେଜ ଶିକ୍ଷକଙ୍କୁ ଅବସରକାଳୀନ ସହାୟତା

୧୬ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ

ଶିକ୍ଷକଙ୍କୁ ମିଳିବ ୧୦, କର୍ମଚାରୀଙ୍କୁ ୫ ଲକ୍ଷ

ଭୁବନେଶ୍ୱର, ୯।୩ (ଅନିଲ ଦାସ)

ରାଜ୍ୟ ସରକାର ବ୍ଲକଗ୍ରାଣ୍ଟ କଲେଜ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ଅବସରକାଳୀନ ଆର୍ଥିକ ସହାୟତା ରାଶି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଅନୁଦାନ ଆଦେଶ ୨୦୦୮ ଓ ୨୦୦୯ ଅନ୍ତର୍ଭୁକ୍ତ ବ୍ଲକ୍‌ଗ୍ରାଣ୍ଟ କଲେଜ ଶିକ୍ଷକଙ୍କୁ ଅବସର ପରେ ଏକକାଳୀନ ୧୦ ଲକ୍ଷ ଓ କର୍ମଚାରୀମାନଙ୍କୁ ଏକକାଳୀନ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହା କେବଳ ଶତ ପ୍ରତିଶତ ବ୍ଲକଗ୍ରାଣ୍ଟ ଅନୁଦାନ ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ପାଇଁ ଲାଗୁ ହେବ। ଅବସରପ୍ରାପ୍ତ ଏବଂ ୨୦୨୪ରେ ଅବସର ନେବାକୁ ଥିବା ୯୫୨ ଜଣ ଅଧ୍ୟାପିକା, ଅଧ୍ୟାପକ ଓ ୧୦୨୫ ଜଣ କର୍ମଚାରୀଙ୍କୁ ମଧ୍ୟ ଏହି ଅବସରକାଳୀନ ରାଶି ମିଳିବ। ଏ ବାବଦରେ ରାଜ୍ୟ ସରକାର ୧୪୯.୪୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ସରକାର ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଓ ସଂସ୍କୃତ ଟୋଲ୍‌ର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ୬ ଲକ୍ଷ, କର୍ମଚାରୀମାନଙ୍କୁ ୪ ଲକ୍ଷ ଏବଂ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମଦ୍ରାସାର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ୫ ଲକ୍ଷ ଲେଖାଏ ଏକକାଳୀନ ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି।

ରାଜ୍ୟ ସରକାର ନୂଆ–ଓ ଛାତ୍ରବୃତ୍ତି ପରିସୀମାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ନୂଆ–ଓ ଛାତ୍ରବୃତ୍ତି ଗାଇଡ୍‌ଲାଇନ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହି ସଂଶୋଧନ ଫଳରେ ଅନ୍ୟ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ଅଣବୈଷୟିକ ୟୁଜି, ପିଜି ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବାକୁ ସରକାର ଅନୁମତି ଦେବେ। ରାଜ୍ୟ ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରମାନେ ସମ୍ମୁଖୀନ ହେଉଥିବା ଆର୍ଥିକ ସମସ୍ୟାର ସମାଧାନ ପାଇଁ ନୂଆ–ଓ ଛାତ୍ରବୃତ୍ତି କାର୍ଯ୍ୟକାରୀ କରିଛନ୍ତି। ଏହି ପଦକ୍ଷେପ ଉଚ୍ଚମାନର ଶିକ୍ଷା ପ୍ରତିପୋଷଣ ପାଇଁ ସରକାରଙ୍କ ନିରନ୍ତର ଚେଷ୍ଟାକୁ ପ୍ରତିପାଦିତ କରୁଛି। ଯେପରି ଆର୍ଥିକ ପ୍ରତିବନ୍ଧକ ହେତୁ କୌଣସି ଯୋଗ୍ୟ ଛାତ୍ରୀଛାତ୍ର ଶିକ୍ଷାରୁ ବଞ୍ଚିତ ନ ହେବେ ତାହା ହିଁ ହେଉଛି ସରକାରଙ୍କ ମୂଳ ଲକ୍ଷ୍ୟ।

ସେହିପରି ଓଡ଼ିଶା (ବେସରକାରୀ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ଅନୁଦାନ ନିୟମ, ୨୦୧୪ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରାଯାଇଛି। ମାନଦଣ୍ଡ ସାରଣୀ ଅନୁସାରେ ଇଚ୍ଛାଧୀନ ବିଷୟ ତଥା ପଦବୀର ବିଚାରଯୋଗ୍ୟ ବିଭିନ୍ନ ପାଠ୍ୟ ବିଭାଗରେ ଛାତ୍ରୀଛାତ୍ରମାନଙ୍କ ନାମ ପଞ୍ଜୀକରଣ ଉପରେ ଆଧାରିତ। ଯେତେବେଳେ ଛାତ୍ରୀଛାତ୍ରମାନଙ୍କ ନାମ ପଞ୍ଜୀକରଣ ମାନଦଣ୍ଡ ସାରଣୀର ଦୁଇଟି ପ୍ରସ୍ତାବିତ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ମଧ୍ୟରେ ପଡ଼ିଥାଏ ସେତେବେଳେ ଇଚ୍ଛାଧୀନ ବିଷୟ ତଥା ପଦବୀ ବିଚାରଯୋଗ୍ୟ ହୋଇ ନ ଥାଏ। ଯେଉଁ କଲେଜରେ ଉଭୟ ଉଚ୍ଚ ମାଧ୍ୟମିକ ପାଠ୍ୟକ୍ରମ (କନିଷ୍ଠ ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ଏବଂ ଡିଗ୍ରୀ ପାଠ୍ୟକ୍ରମ (+୩ ଡିଗ୍ରୀ ମହାବିଦ୍ୟାଳୟ) ପ୍ରଦାନ କରାଯାଉଥାଏ, ପଦର ବିଚାରଯୋଗ୍ୟ ସେହି ମହାବିଦ୍ୟାଳୟର ପରିଚାଳିତ ହେଉଥିବା ଉଭୟ ଅଂଶର ସମସ୍ତ ପାଠ୍ୟକ୍ରମ କାର୍ଯ୍ୟଭାରକୁ ଆଧାର କରାଯାଉଛି। ଯଦିଓ ଉଭୟ ପାଠ୍ୟକ୍ରମ ପୃଥକ୍ ସଭା ଏବଂ ପରିଚୟର ଆଧାରରେ ପରିଚାଳିତ। ପରିଶିଷ୍ଟ–୨ରେ ନିର୍ଦ୍ଧାରିତ ମାନଦଣ୍ଡରେ ☞ପୃଷ୍ଠା–୫

ଢେଙ୍କାନାଳ ବିରାଶାଳରେ ହେବ ବିଜୁ ପଟ୍ଟନାୟକ ଆଭିଏଶନ ସେଣ୍ଟର

ବର୍ଷକୁ ୫୦୦ ପାଇଲଟ ନେବେ ତାଲିମ

ଭୁବନେଶ୍ୱର, ୯।୩(ଅନିଲ ଦାସ)

ରାଜ୍ୟରେ ଦକ୍ଷ ପାଇଲଟ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଢେଙ୍କାନାଳ ଜିଲାର ବିରାଶାଳଠାରେ ବିଜୁ ପଟ୍ଟନାୟକ ଆଭିଏଶନ ସେଣ୍ଟର ପ୍ରତିଷ୍ଠା କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସେଠାରେ ପାଇଲଟ ଟ୍ରେନିଂ, ସିମୁଲେଟର ଟ୍ରେନିଂ ଏବଂ କ୍ୟାବିନ୍ କ୍ରୁ ଟ୍ରେନିଂ ପାଇଁ ରାଜ୍ୟ ସରକାର ୬୬୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବାର୍ଷିକ ହାରାହାରି ୫୦୦ ଜଣଙ୍କୁ ତାଲିମ ଦିଆଯିବା ସହିତ ବିମାନ ଚଳାଚଳ ବିକାଶରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିପାରିବ। ରାଜ୍ୟର ବେସାମରିକ ଚଳାଚଳ ନୀତି ୨୦୨୨ ଅନୁଯାୟୀ, 'ଗତି'ର ଏହି ପ୍ରସ୍ତାବିତ ନବୀକରଣ ଆସନ୍ତାବର୍ଷରେ ଏକ ମାଇଲ୍‌ଷ୍ଟୋନ୍‌ରେ ପରିଣତ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଓଡ଼ିଶା ବିମାନ ଚଳାଚଳ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଭାବେ ସମଗ୍ର ଦେଶରେ ପରିଣତ ହେବ। ଭାରତରେ ବର୍ତ୍ତମାନ ପାଇଲଟଙ୍କ ସଂଖ୍ୟା ବହୁତ କମ୍ ଅଛି। ଆସନ୍ତା ୨୦ ବର୍ଷ ମଧ୍ୟରେ ଚାହିଦା ପୂରଣ ପାଇଁ ବର୍ଷକୁ ୨୦୦୦ ପାଇଲଟଙ୍କ ଆବଶ୍ୟକତା ରହିଛି। ଏହି ପ୍ରକଳ୍ପ ଦ୍ୱାରା ବାର୍ଷିକ ପ୍ରାୟ ୫୦୦ ଜଣଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହିତ ଏହି ଆଭିଏଶନ ସେଣ୍ଟର ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବୃଦ୍ଧିରେ ସହାୟକ ହେବା ସହିତ ପର୍ଯ୍ୟଟନ, ଅତିଥି ସେବା ଏବଂ ସ୍ଥାନୀୟ ବ୍ୟବସାୟ ମାଧ୍ୟମରେ ଅର୍ଥନୈତିକ କାର୍ଯ୍ୟକଳାପର ଅଭିବୃଦ୍ଧି ଘଟିବ।

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଅଷ୍ଟାଦଶ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: ଭୁବନେଶ୍ୱର ଶହୀଦ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗା ପୂଜା ମଣ୍ଡପ, ସମୟ: ସକାଳ ୯ଟା।
- କ୍ୟାପିଟାଲ ଟୟୋଟା ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ, ସ୍ଥାନ: ବରମୁଣ୍ଡା, ସମୟ: ସକାଳ ୯ଟା।
- କଳିଙ୍ଗ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ଝିଅ ବଞ୍ଚାନ୍ତୁ, ଝିଅ ପଢାନ୍ତୁ', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସକାଳ ୯ଟା ୩୦।
- ଅର୍ଗସ ଟିଭି ପକ୍ଷରୁ ଟୁରିଜିମ୍ କନକ୍ଲେଭ୍, ସ୍ଥାନ: ହୋଟେଲ କ୍ରାଉନ, ସମୟ: ସକାଳ ୯ଟା ୪୫।
- ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବୁଦ୍ଧ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଉତ୍କଳ ମହିଳା ସମିତି, ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।
- ଓଡ଼ିଶା ଖଣ୍ଡାୟତ କ୍ଷତ୍ରିୟ ସମାଜ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ଭବନ, ସମୟ: ଅପରାହ୍ନ ୫ଟା।
- ଜ୍ୟୋତିର୍ମୟୀ ପରିଡ଼ାଙ୍କ ସଂକଳନ କବିତା 'ବଣମଲ୍ଲୀ' ପାଠକାର୍ପଣ, ସ୍ଥାନ: ରେଡକ୍ରସ ଭବନ, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା।
- ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ ଭୁବନେଶ୍ୱର ଫିଏଷ୍ଟା, ସ୍ଥାନ: ଆଇଏମ୍‌ବି କ୍ୟାମ୍ପସ୍, ସମୟ: ଅପରାହ୍ନ ୫ଟା ୩୦।
- ନୃତ୍ୟକଳା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ମେଗା ଡ୍ୟାନ୍ସ ଫେଷ୍ଟିଭାଲ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୀତାଞ୍ଜଳୀର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ୬୦ ତମ ବାର୍ଷିକ ବାଦି ପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକର ଶାଳେଶ୍ୱର ଗ୍ରାମ ପାଲା ମଣ୍ଡପ, ସମୟ: ରାତି ୭ଟା।

କଟକ

- ଉତ୍କଳ ସିନେ ଚ୍ୟାମ୍ବର ଅଫ୍ କମର୍ସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପ୍ଲଟ୍ ନଂ-୨୭, ତଳତେଲେଙ୍ଗାବଜାର, ସମୟ: ସକାଳ ୯ଟା।
- ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତି ସ୍ମୃତି ସଂସଦ ଆନୁକୂଲ୍ୟରେ ରକ୍ତଦାନ ଶିବିର, ସ୍ଥାନ: କଟକ ଚାନ୍ଦିନୀଚୌକସ୍ଥିତ ରାଜକିଶୋର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବୁଥ୍‌ସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: କଟକ ଦେଉଳସାହିସ୍ଥିତ ମୋନାଲିସା ପ୍ୟାଲେସ, ସମୟ: ମଧ୍ୟାହ୍ନ ୧୨ଟା।

ପୁରୀ

- ମାନସିକ ଅଷ୍ଟମ ପ୍ରହର ନାମଯଜ୍ଞ ଓ ଆନନ୍ଦ ବଜାର, ସ୍ଥାନ: ଗ୍ରାମେଶ୍ୱର ମହାଦେବଙ୍କ ପୀଠ, ନୁହାରକିରୀ, ନିମାପଡ଼ା, ସମୟ: ପ୍ରାତଃ ୫ଟା ଓ ସନ୍ଧ୍ୟା ୭ଟା।
- ୟୁଥ କ୍ଲବ ଖେଲାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖେଲାର, ନିମାପଡ଼ା, ସମୟ: ସକାଳ ୯ଟା।
- ସାକ୍ଷୀଗୋପାଳସ୍ଥିତ ସି ଶମ୍ଭୁନାଥଙ୍କ ଅଷ୍ଟପ୍ରହରି ନାମ ଯଜ୍ଞ, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାକ୍ଷୀଗୋପାଳସ୍ଥିତ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବାଦୀପାଲା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ମାନସିଂହ ସାହିତ୍ୟ ସଂସଦର କବିତା ଆସର, ସ୍ଥାନ: ନନ୍ଦଳା ଗ୍ରାମ, କୃଷ୍ଣପ୍ରସାଦ, ସମୟ: ସନ୍ଧ୍ୟା ୭ଟା।
- ଚଣ୍ଡୀହରଙ୍କ ପୀଠରେ ଲୋକନାଟ୍ୟ ରାମଲୀଳା, ସ୍ଥାନ: ଓରା ଗ୍ରାମ, କୃଷ୍ଣପ୍ରସାଦ, ସମୟ: ରାତି ୧୦ଟା।

ଖୋର୍ଦ୍ଧା

- ବିଶ୍ୱଶାନ୍ତି ରୁଦ୍ର ଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ବେଗୁନିଆ, ସମୟ: ସକାଳ ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପୁଇଁଚା ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୬ଟା।
- କେରଙ୍ଗ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ୫୦ତମ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କେରଙ୍ଗ ପଡ଼ିଆ, ଖୋର୍ଦ୍ଧା ଉପକଣ୍ଠ, ସମୟ: ଅପରାହ୍ନ ୩ଟା।
- କଳିଙ୍ଗ କ୍ରିକେଟ କପ୍ ଫାଇନାଲ ମ୍ୟାଚ୍, ସ୍ଥାନ: ପାନବରଜ ପଡ଼ିଆ, ଖୋର୍ଦ୍ଧା, ସମୟ: ଅପରାହ୍ନ ୩ଟା।
- ପ୍ରବଚନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।
- ମୁକ୍ତମଞ୍ଚ ନାଟକ ମଞ୍ଚସ୍ଥ, ସ୍ଥାନ: ପୁଇଁଚା ଯାତ୍ରା ପଡ଼ିଆ, ବେଗୁନିଆ ଉପକଣ୍ଠ, ସମୟ: ରାତି ୯ଟା।

ବାଲେଶ୍ୱର

- ସମାଜ କଲ୍ୟାଣ ବିକାଶ ପରିଷଦର ଧାରଣା, ସ୍ଥାନ: ଜଳେଶ୍ୱର ରେଲଷ୍ଟେଶନ, ସମୟ: ସକାଳ ୭ଟା।
- ବିଶ୍ୱ କଲ୍ୟାଣ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ହଳଦୀପଦା ବଜାର, ସଦର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିଭା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଖଇରା ଦୁର୍ଗା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା।
- ଅନ୍ତରା ମହୋତ୍ସବର ଉଦଯାପନୀ ସନ୍ଧ୍ୟା, ସ୍ଥାନ: ଖଇରା ବ୍ଲକର ଅନ୍ତରା ସ୍କୁଲ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

ମୟୂରଭଞ୍ଜ

- ସୁକଯୋଡ଼ା ନାଳରେ ନୂତନ ପୋଲ ନିର୍ମାଣର ଶିଳାନ୍ୟାସ, ସ୍ଥାନ: ୱାର୍ଡ ନଂ. ୧୭, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- କୁଡୁମୀ ଭବନର ଶିଳାନ୍ୟାସ, ସ୍ଥାନ: ଶୁଳିଆପଦା ବ୍ଲକ୍ କଣ୍ଟିସାହି, ସମୟ: ପୂର୍ବାହ୍ନ ୧୧ଟା।
- ପୁରାଣ ଭବନର ଶିଳାନ୍ୟାସ, ସ୍ଥାନ, ଶୁଳିଆପଦା ବ୍ଲକ୍, ପାକଟିଆ, ସମୟ: ମଧ୍ୟାହ୍ନ ୧୨ଟା।
- ରାସ୍ତାର ଶିଳାନ୍ୟାସ ପ୍ରତିଷ୍ଠା, ସ୍ଥାନ: ମୋହନପୁର, ମୋରଡ଼ା, ସମୟ: ଅପରାହ୍ନ ୩ ଟା।
- କୁଡ଼ମୀ ଭବନର ଶିଳାନ୍ୟାସ, ସ୍ଥାନ: ମୋରଡ଼ା ବ୍ଲକ୍ ଚିତ୍ରଡ଼ା, ସମୟ: ଅପରାହ୍ନ ୩ଟା।
- କୁଡୁମୀ ଭବନର ଶିଳାନ୍ୟାସ ପ୍ରତିଷ୍ଠା, ସ୍ଥାନ: ମାଉସୀମା ମନ୍ଦିର ନିକଟ ପଡ଼ିଆ, ଚିତ୍ରଡା, ମୋରଡ଼ା, ସମୟ: ଅପରାହ୍ନ ୩ ଟା ୩୦।

ଭଦ୍ରକ

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ମୂଷାଙ୍ଗ, ତିହିଡ଼ି, ସମୟ: ସକାଳ ୬ଟା।
- ମା' ତାରିଣୀ ପୀଠର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଫତେପୁର, ତିହିଡ଼ି, ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମୋହନପୁର ଆଡ଼ିଆ, ବାସୁଦେବପୁର, ସମୟ: ସକାଳ ୭ଟା।
- ଶ୍ରୀ ଜଗନ୍ନାଥଙ୍କ ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଧରପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- 'ଗୌରୀପ୍ରଭା' ପତ୍ରିକା ଉନ୍ମୋଚନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ପୌରାଧ୍ୟକ୍ଷ ମାନସ ମହାନ୍ତିଙ୍କ ଏକାଦଶାହରେ ସ୍ମୃତିସଭା, ସ୍ଥାନ: ବଙ୍କସାହି, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଆଶାକର୍ମୀଙ୍କ ବାର୍ଷିକ ସମ୍ମିଳନୀ, ସ୍ଥାନ: ଡାକବଙ୍ଗଳା, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବୈତରଣୀ ମହିଳା କୋପରେଟିଭ୍ ବ୍ୟାଙ୍କର ବାର୍ଷିକୋତ୍ସବ, ସ୍ଥାନ: ହରିପୁର, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ସାରସ୍ୱତ ଫଗୁ ଆଲୋଚନା ଓ କବିତା ପାଠୋତ୍ସବ, ସ୍ଥାନ: ଓଡ଼ିଶା ବିଗ୍ରେଡ ସ୍କୁଲ, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- 'ଗୀତା ଓ ଗୁରୁବାଦ' ଆଲୋଚନାଚକ୍ର, ସ୍ଥାନ: ପଞ୍ଚୁରେଖ୍(ଚୁଡ଼ାମଣି) ଅନନ୍ତ ବଳିଆ ଆଶ୍ରମ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

କେନ୍ଦୁଝର

- ଜିଲା ଭାଜପାର ବନ୍ଧୁ ମିଳନ, ସ୍ଥାନ: ରୋଟାରୀ କ୍ଲବ୍, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା।
- ଗୁହାଳଦିହି ରେଳ ସାଇଡ଼ିଂକୁ ଟ୍ରେନ୍ ଲାଇନ୍ ସଂଯୋଗ ବିରୋଧରେ ଜିଲା ଟ୍ରକ ମାଲିକ ସଂଘର ବୈଠକ, ସ୍ଥାନ: ସଂସ୍କୃତି ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା।
- ଜିଲା ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ଓ ବନ୍ଧୁ ମିଳନ, ସ୍ଥାନ: ଶହୀଦ ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଚମ୍ପୁଆ ଯାଦବ ବୈଠକ, ସ୍ଥାନ: ଡିଏମଏଫ୍ ପାଠାଗାର, ଚମ୍ପୁଆ, ସମୟ: ଅପରାହ୍ନ ୪ଟା।

ବ୍ରହ୍ମପୁର

- ଗ୍ଲୁକୋମା ସଚେତନତା ସପ୍ତାହ ପାଳନ, ସ୍ଥାନ:ଆଇଏମ୍ଏ ହାଉସ, ସମୟ: ସକାଳ ୭ଟା ୪୫।

ଗଞ୍ଜାମ

- ମହିମା ଧର୍ମାଶ୍ରମ ପ୍ରତିଷ୍ଠା, ସ୍ଥାନ: ବୁଗୁଡ଼ା ଏନ୍ଏସି ଯୁଧିଷ୍ଠିର ନଗର, ସମୟ:ସକାଳ ୬ଟା।
- କଇଁଛ ସୁରକ୍ଷା ପାଇଁ ସମୁଦ୍ର ବେଳାଭୂମି ସଫେଇ, ସ୍ଥାନ: ବଟେଶ୍ୱର ବେଳାଭୂମି, ଗଞ୍ଜାମ, ସମୟ: ସକାଳ ୮ଟା।

କନ୍ଧମାଳ

- ପଞ୍ଚୁଦଣ୍ଡ ପରିଚାଳନା ସମିତିର ବୈଠକ, ସ୍ଥାନ:ସାତା ଜାର୍ଗୀ, ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

ଗଜପତି

- ରାଜ୍ୟ ସ୍ତରୀୟ ବଡି ବିଲ୍ଡିଂ ଚାମ୍ପିୟନଶିପ,ସ୍ଥାନ:ସେଞ୍ଚୁରିଆନ ସ୍କୁଲ, ଗଜପତି, ସମୟ:ଅପରାହ୍ନ ୫ଟା।

ରାୟଗଡ଼ା

- କୀଟନାଶକ ପରିଚାଳନା ଉପରେ ଜିଲାସ୍ତରୀୟ ଅଭିଯାନ, ସ୍ଥାନ: ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ,ସମୟ: ପୂର୍ବାହ୍ନ ୧୦ଟା ।

କୋରାପୁଟ

- କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ପକ୍ଷରୁ ବୃକ୍ଷ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ନାଲକୋ ସୁରକ୍ଷା ବିହାର, ଦାମନଯୋଡ଼ି,ସମୟ: ସକାଳ ୯ଟା।

ନବରଙ୍ଗପୁର

- ଉମରକୋଟ ନିର୍ବାଚନ ମଣ୍ଡଳୀସ୍ତରୀୟ ଆଦିବାସୀ ସମାବେଶ, ସ୍ଥାନ: ରାଇଘର ବ୍ଲକ ଚିତ୍ରକୋଟ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

ସମ୍ବଲପୁର

- ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅକ୍ରୁରଙ୍କ ମଥୁରା ଗମନ, ସ୍ଥାନ: ଚାଉଁରପୁର (ଗୋପପୁର), ସମୟ: ମଧ୍ୟାହ୍ନ ୧୨ଟା।
- ସମ୍ବଲପୁରୀ ଧନୁଯାତ୍ରାରେ କଂସଙ୍କ ନଗର ପରିକ୍ରମା, ସ୍ଥାନ: ସମ୍ବଲପୁର ସହର, ସମୟ: ସନ୍ଧ୍ୟା ୬ଟା।
- ରାଜ ଅତିଥି ସଭା, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- କୃଷ୍ଣଙ୍କ ମଥୁରା ଆଗମନ, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଅଷ୍ଟମଲ୍ଲଙ୍କ ନିଧନ, ମହାରାଜ କଂସଙ୍କ ମୃତ୍ୟୁ, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ:ରାତି ୮ଟା।

ବଲାଙ୍ଗୀର

- ବଲାଙ୍ଗୀର ପାଟଣା କପ-୨୦୨୪ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ, ସ୍ଥାନ: ଜରାସିଂହା ହାଇସ୍କୁଲ ପଡିଆ, ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ଭୁଡିଆରବାହାଲ ହାଇସ୍କୁଲ ପଡିଆ ଏବଂ ହର୍ଡାଟାଲ ହାଇସ୍କୁଲ ପଡିଆ, ସମୟ: ସକାଳ ୯ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ୟୁନିୟନ ଅଫ ଜର୍ନାଲିଷ୍ଟ ବଲାଙ୍ଗୀର ଶାଖାର ଜିଲା କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: କଲ୍ୟାଣ ମଣ୍ଡନ ସଇଁତଲା, ସମୟ: ପୂର୍ବାହ୍ନ ୧୦ଟା୩୦ ।
- ମହା ଶିବରାତ୍ରି ମେଳା ଉଦ୍‌ଯାପନୀ, ସ୍ଥାନ: ଖପ୍ରାଖୋଲ ବ୍ଲକ ତୁର୍ଲା, ସମୟ: ପୂର୍ବାହ୍ନ ୧୧ଟା।
- ହରିଶଙ୍କର ରେଞ୍ଜ ବନ ବିଭାଗ ପକ୍ଷରୁ ବନାଗ୍ନି ନିରୋଧ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଝାଲବାହାଲ, ସମୟ: ପୂର୍ବାହ୍ନ ୧୧ଟା।
- ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜେଡ଼ି ସ୍ୱାଭିମାନ ମଞ୍ଚ ପକ୍ଷରୁ କର୍ମୀ ସମ୍ମିଳନୀ, ସ୍ଥାନ: ପୁଇଁତଲା, ସମୟ: ପୂର୍ବାହ୍ନ ୧୧ଟା୩୦।

ସୁବର୍ଣ୍ଣପୁର

- ନବନିର୍ମାଣ କୃଷକ ସଂଗଠନର ଚାଷୀ ସରକାର ରାଲି, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଡୁଙ୍ଗୁରିପାଲି ବ୍ଲକ ସାଲେପାଲିରେ ସିଦ୍ଧେଶ୍ୱର ବାବା ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକର କନକେଡାରୁ ବୈରଖମନ ସୁକତେଲ ନଦୀରେ ବ୍ରିଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କନକେଡା, ସମୟ: ଅପରାହ୍ନ ୧ଟା।
- ତରଭାର ପାଣିମୋରା-କମଘାଟ ତେଲନଦୀ ଉପରେ ବ୍ରିଜ ପାଇଁ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ପାଣିମୋରା, ସମୟ: ଅପରାହ୍ନ ୨ଟା।
- ତରଭା ବ୍ଲକ ଅଫିସ ସମ୍ମୁଖରେ ନବୀନ ସ୍ୱାସ୍ଥ୍ୟକାର୍ଡ ଓ ଖେଳାଳିଙ୍କୁ ଖେଳ ସାମଗ୍ରୀ ବଣ୍ଟନ, ସ୍ଥାନ: ବ୍ଲକ ସମ୍ମୁଖ କୃଷ୍ଣାର୍ଜୁନ ମଣ୍ଡପ, ସମୟ: ଅପରାହ୍ନ ୪ଟା।

ବରଗଡ଼

- ଗୁରୁକୁଳ ବୈଦିକ ଆଶ୍ରମର ବାର୍ଷିକୋତ୍ସବ, ବୈଦିକ ଯଜ୍ଞ, ସ୍ଥାନ: ଟାଙ୍ଗରପାଲି ଆଶ୍ରମ ପରିସର, ସମୟ: ସକାଳ ୬ଟା।
- କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ରାଜବୋଡ଼ାସମ୍ବର ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୮ଟା।
- ଭୂତନାଥ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ପାରାୟଣ, ସ୍ଥାନ: ପପଙ୍ଗା କଲୋନୀ, ବରଗଡ଼, ସମୟ: ସକାଳ ୯ଟା।
- ଜିଲା ଶିକ୍ଷାଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ବିଜୁ ପଟ୍ଟନାୟକ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ କବି ସଙ୍ଗମର କବିତା ପାଠୋତ୍ସବ, ସ୍ଥାନ: ବରପାଲି ଅଗ୍ରସେନ ଭବନ, ସମୟ: ଅପରାହ୍ନ ୪ଟା।

ସୁନ୍ଦରଗଡ଼

- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଓ ସିପିଆଇଏମ୍ କର୍ମୀ ସମ୍ମିଳନୀ, ସ୍ଥାନ: ବରସୁଆଁ ଖେଳ ପଡିଆ,ସମୟ: ପୂର୍ବାହ୍ନ ୧୦ଟା।

ରାଉରକେଲା

- ନିର୍ମାଣ ଶ୍ରମିକ ସହାୟତା କାର୍ଡ ବଣ୍ଟନ, ସ୍ଥାନ: ଇଦଗା ପଡିଆ, ପାୱାର ହାଉସ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ଦିବସ ପାଳନ, ସ୍ଥାନ: ଆମ୍ବାଗାନ ପାର୍କ, ସମୟ: ଅପରାହ୍ନ ୨ଟା।
- ସୁବର୍ଣ୍ଣରେଖା ପକ୍ଷରୁ ମହିଳା ଦିବସ ପାଳନ, ସ୍ଥାନ: ବ୍ୟାସଭବନ ବାସନ୍ତୀ ନଗର, ସମୟ: ଅପରାହ୍ନ ୪ଟା ୩୦।
- ସର୍ବଭାରତୀୟ ଫୁଟବଲ ମ୍ୟାଚ୍ ଉଦଯାପନୀ ସମାରୋହ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍ଲେଟିକ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।

ଦେବଗଡ଼

- ଜିଲା ସ୍ତରୀୟ ଭୂୟାଁ ସଙ୍ଗଠନ ବୈଠକ, ସ୍ଥାନ:ଦେବଗଡ ଟାଉନ ହଲ,ସମୟ: ପୂର୍ବାହ୍ନ୧୧ଟା।
- ଜାମୁନାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସିଲଭର୍ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଯୋଗଦାନ, ସ୍ଥାନ: ଜାମୁନାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ :୧୧ଟା ୩୦।
- ମହାଶିବରାତ୍ରି ଉତ୍ସବ, ପ୍ରସାଦ ବଣ୍ଟନ, ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ସିଦ୍ଧେଶ୍ୱର ବାବା କମିଟି ନିକ୍ରିମାଳ,ସମୟ: ସନ୍ଧ୍ୟା ୭ଟା।

କଳାହାଣ୍ଡି

- ସମର୍ଥ ଛାତ୍ରୀ ବୃତ୍ତି ପରୀକ୍ଷା, ସ୍ଥାନ: ଭବାନୀପାଟଣା ଶାସ୍ତ୍ରୀଜି ମହିଳା ବିଦ୍ୟା ନିକେତନ, ସମୟ: ସକାଳ ୯ଟା।
- ତେନ୍ତୁଳିଖୁଣ୍ଟି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଜୁନାଗଡ଼ ବ୍ଲକ ତେନ୍ତୁଳିଖୁଣ୍ଟି, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡ ବ୍ରାହ୍ମଣ ସମାଜ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଧର୍ମଗଡ଼ ଗାୟତ୍ରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ମା' ଗଙ୍ଗାଦିଗୁଡି ଫାଷ୍ଟ ନାଇଟ ସାରକିଲ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: ଦର୍ପଣ ସାଗରପଡ଼ା, ଭବାନୀପାଟଣା, ସମୟ: ରାତି ୯ଟା।

ନୂଆପଡ଼ା

- ପାତାଳେଶ୍ୱର ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ମହୋତ୍ସବ ପଡ଼ିଆ, ସମୟ: ରାତି ୯ଟା।

ବୌଦ୍ଧ

- କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମରେ ଫାଲ୍‌ଗୁନ ଅମାବାସ୍ୟାରେ ଭ୍ରାମ୍ୟମାଣ ସତ୍‌ସଙ୍ଗ ,ସ୍ଥାନ: ଯୋଗେଶ୍ୱର ମନ୍ଦିର ବାବାଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ସପ୍ତମ ବୌଦ୍ଧ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୯ଟା

ଢେଙ୍କାନାଳ

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ କାମାକ୍ଷାନଗର, ସମୟ: ପୂର୍ବାହ୍ନ ୧୦ଟା।
- ଆଲୁମ୍ନିନି ଆସୋସିଏଶନର ବୈଠକ, ସ୍ଥାନ: ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଖାଳ ଓ ବରା ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ସମୟ: ପୂର୍ବାହ୍ନ ୧୧ଟା।

ଅନୁଗୋଳ

- ଚକାଡ଼ୋଳା କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବଣିଆବାହଳ, ସମୟ: ଅପରାହ୍ନ ୩ଟା।
- ଭେଟରାନ୍ ଫୁଟବଲ କପ୍, ସ୍ଥାନ: ଶିବାଫିଲ୍ଡ ସମୟ: ଅପରାହ୍ନ ୩ଟା।

ଜଗତ୍‌ସିଂହପୁର

- ଓଡ଼ିଶା ପତ୍ରକାର ସଂଘର ୧୦ମ ବାର୍ଷିକ ଆଲୋଚନାଚକ୍ର, ସ୍ଥାନ: ଆମ୍ବେଦକର ଭବନ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

ନୟାଗଡ଼

- ନାଗରିକ ମଞ୍ଚ ପକ୍ଷରୁ ଧାରଣାର ୩୩ ତମ ଦିବସ, ସ୍ଥାନ: ଓଡ଼ଗାଁ ବ୍ଲକର ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମାଗଣା ସ୍ୱାସ୍ଥ୍ୟ ସେବା ଶିବର, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୋସକା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କ୍ୱାର୍ଟର୍ସର ଶିଳାନ୍ୟାସ, ସ୍ଥାନ: ନୟାଗଡ ବ୍ଲକର ବଡପଣ୍ଡୁସର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା୩୦।
- ରଣପୁର ବ୍ଲକ କଂଗ୍ରେସ କମିଟି ଓ ପଞ୍ଚାୟତ ସଭାପତିମାନଙ୍କର ବୈଠକ, ସ୍ଥାନ: ବଗଲ, ରଣପୁର, ସମୟ: ଅପରାହ୍ନ ୨ଟା।
- ପ୍ରାକୃତିକ ଝରଣାର ଉଦ୍‌ଘାଟନ, ସ୍ଥାନ: ନୟାଗଡ ସହରର ବଲାଙ୍ଗୀ ପାର୍କ, ସମୟ: ଅପରାହ୍ନ ୪ଟା୩୦।

କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ପରିବେଶ ସୁସ୍ଥ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା।
- ଖେଳ ସାମଗ୍ରୀ, ନବୀନ କାର୍ଡ ବଣ୍ଟନ, ନୂତନ ଭଡା ବଣ୍ଟନ ମେଳା, ସ୍ଥାନ: ଲୁଣିମାଠିଆ, ରାମନଗର, ମହାକାଳପଡା, ସମୟ: ସକାଳ ୯ଟା।
- ଡେରାବିଶ ବ୍ଲକ କଂଗ୍ରେସ ପକ୍ଷରୁ କର୍ମୀ ସମାବେଶ, ସ୍ଥାନ: ପଲେଇ, ଡେରାବିଶ, ସମୟ: ପୂର୍ବାହ୍ନ ୧୧ଟା।
- ମା' ରାମଚଣ୍ଡି କ୍ରିକେଟ କ୍ଲବ ପକ୍ଷରୁ ଦ୍ୱାଦଶତମ ଛୋଟି ପ୍ରିମିୟର ଲିଗ, ସ୍ଥାନ: ବଜାର ଖେଳପଡିଆ, ଛୋଟି, ଡେରାବିଶ, ସମୟ: ଅପରାହ୍ନ ୨ଟା।
- ଖେଳ ସାମଗ୍ରୀ, ନବୀନ କାର୍ଡ ବଣ୍ଟନ, ନୂତନ ଭଡା ବଣ୍ଟନ ମେଳା, ସ୍ଥାନ: ଡାକବଙ୍ଗଳା ପରିସର, ମାର୍ଶାଘାଇ, ସମୟ: ଅପରାହ୍ନ ୩ଟା।

ଯାଜପୁର

- ମା'ସିନ୍ଦୂରାଇ ପୀଠରେ ନାମଯଜ୍ଞ ଓ ନଗର ଭ୍ରମଣ, ସ୍ଥାନ: ରସୁଲପୁର ବ୍ଲକ୍ ମୁଗୁପାଳ ପଞ୍ଚାୟତର ବଂରାଶ ଗ୍ରାମ, ସମୟ: ପ୍ରାତଃ ୫ଟା।
- ମା' ପାର୍ବତୀ ଓ ମା' ତାରିଣୀଙ୍କ ଯଜ୍ଞୋତ୍ସବ,ସ୍ଥାନ: ଧର୍ମଶାଳା ବ୍ଲକ ଚୋରମୁହାଁସ୍ଥିତ ନଣ୍ଡାମହାଦବେ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ନୀଳମାଧବ ଆଦିବାସୀ ଶବର ସଂଘର ଜିଲାସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଧର୍ମଶାଳା ବ୍ଲକ ପଲାର ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ଲାୟନ୍ସ କ୍ଲବର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଯାଜପୁର ମିଶନ ଶକ୍ତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ୮୮ତମ ଅଷ୍ଟ ପ୍ରହରୀ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ : କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତ କୋରାବନ୍ଦୀ ଗ୍ରାମ, ସମୟ : ଅପରାହ୍ନ ୩ଟା।
- ନଠୁଆବର ଖ୍ରିର ନଦୀପଠାରେ ମା'ବିରଜାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଖ୍ରିରନଦୀପଠା, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ ମ୍ୟାଚ, ସ୍ଥାନ: ଧର୍ମଶାଳା ବାଣୀପୀଠ ପଡ଼ିଆ, ସମୟ: ଅପରାହ୍ନ ୪ଟା।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଦେଇ ନାନୀ ବୋଲି ଗୋଟିଏ ଥିଲା
ଦଇବ ଦଣ୍ଡିଲା ତାକୁ
ଆଣ୍ଠୁଏ ପାଣିରେ ଜପ କରୁଥିଲା
ପରଧନ ଖାଇବାକୁ।

ନିଜେ ତ ଦାନୀ ନୁହେଁ, ଅଥଚ ପରଧନ ଖାଇବାରେ ଧୁରୀଣ। କେତେଜଣ ବ୍ୟକ୍ତି ପରଧନ ପ୍ରତି ଲୋଲୁପ ଦୃଷ୍ଟି ପକାଇଥାନ୍ତି। କଳେବଳେ କୌଶଳେ କେମିତି ସେସବୁ ଭୋଗ କରିବେ ସେ ପ୍ରସ୍ତୁତି ଚଳାଇଥାନ୍ତି। ତେବେ ଅସତ ଉପାୟରେ ଉପାର୍ଜନ କରାଯାଉଥିବା ଧନ କେବେହେଲେ ଭୋଗ୍ୟ ହୋଇପାରି ନ ଥାଏ। ଫଳସ୍ୱରୂପ ପରଧନ ଆତ୍ମସାତ୍ କରିବାକୁ ପଛାଉ ନ ଥିବା ବ୍ୟକ୍ତି ନିଜ କୃତକର୍ମର ଫଳ ଭୋଗିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଦୋଳ ଯାଏ ଭାତ
ବିଭା ଯାଏ ପାଠ।

କୃଷିଧାନ ଦୋଳ ପରେ ନିଅଣ୍ଟିଆ ଅବସ୍ଥା ସୃଷ୍ଟି କରେ। ସେମିତି ବିଭାଘର ପରେ ପାଠର ଆଉ ସେତେଟା ଆବଶ୍ୟକତା ପଡ଼ି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

ରାଜ୍ୟରେ ୧,୪୮,୯୪୩ ମାମଲା ଫଇସଲା

ରାଷ୍ଟ୍ରୀୟ ଲୋକ ଅଦାଲତ
୧୩୨,୧୭,୦୯,୫୮୫ ଟଙ୍କା ଆଦାୟ

କଟକ,୯।୩ (କାର୍ତ୍ତିକ ସାହୁ)

ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାରି ଲୋକ ଅଦାଲତ ସୂଚୀ ଅନୁଯାୟୀ ଓଡ଼ିଶାର ସମସ୍ତ ଜିଲାସ୍ତରରେ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧,୪୮,୯୪୩ ମାମଲା ଫଇସଲା କରାଯାଇ ମୋଟ୍ ୧୩୨,୧୭,୦୯,୫୮୫ ଟଙ୍କା ଆଦାୟ ହୋଇଛି। ସେଥିମଧ୍ୟରେ ଜିଲାକୋର୍ଟ ସମେତ ତାଲୁକ ଓ ଖାଉଟି ଅଦାଲତଗୁଡ଼ିକରେ ବିଚାର ପାଇଁ ପଡ଼ି ରହିଥିବା ୧,୪୨,୭୩୦ ମାମଲା ଓ ପ୍ରାକ୍ ମୋକଦ୍ଦମାସ୍ତରୀୟ ୬୨୧୩ ମାମଲା ରହିଛି। ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଏବଂ ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା।

ବିଭିନ୍ନ ଅଦାଲତରେ ବିଚାର ପାଇଁ ପଡ଼ି ରହିଥିବା ମାମଲା ମଧ୍ୟରୁ ଫଇସଲା ହୋଇଥିବା ଫୌଜଦାରି ମାମଲା ୩୯୫, ଏନ୍‌ଆଇ ଆକ୍ଟ ୧୦୯୦, ଅର୍ଥ ଆଦାୟ ୮୫୮, ମୋଟରଯାନ ଦୁର୍ଘଟଣା ୧୦୭୦, ଶ୍ରମ ବିବାଦ ୪୭, ବିଦ୍ୟୁତ୍ ଓ ପାଣି ବିଲ୍ ବିବାଦ ୪୨, ବୈବାହିକ ୫୬୮, ଜମିଜମା ସଂକ୍ରାନ୍ତୀୟ ୭, ଖାଉଟି ବିବାଦ ୪୭, ଅନ୍ୟାନ୍ୟ ଦେୱାନୀ ବିବାଦ ୧୬୨୨, ରାଜସ୍ୱ ୧,୨୮,୭୯୪, ଅନ୍ୟାନ୍ୟ ଋଣ ଆଦାୟ ୪୭, ରାଜ୍ୟ ଏଜୁକେଶନ ଟ୍ରିବ୍ୟୁନାଲ ୫ ଓ ଅନ୍ୟାନ୍ୟ ଫୌଜଦାରି ୮୧୮୫ ମାମଲା ରହିଛି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
ଆଜି ଅନିମନ୍ତ୍ରିତ ଭାବରେ କେଉଁଠିକୁ ଯିବା କିମ୍ବା କିଛି ପଚାରିବା ପୂର୍ବରୁ କହିବା ଓଲଟା ଫଳ ପ୍ରଦାନ କରିବ। ଶତ୍ରୁତା ଲାଗି ରହିଥିବାରୁ ଅଧିକାଂଶ ସମୟ ମନ ଅସ୍ଥିର ରହିପାରେ। ହାତକୁ ନେଇଥିବା କାମ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। କିନ୍ତୁ ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

ବୃଷ
କର୍ମକ୍ଷେତ୍ରରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆନୁଷ୍ଠାନିକ କିମ୍ବା ଶୁଭ କାର୍ଯ୍ୟରେ ବନ୍ଧୁମାନେ ସଠିକ୍ ଖବର ଦେବାରେ ହେଳା କରିପାରନ୍ତି। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଓ ଅକୁଣ୍ଠ ସମର୍ଥନ ଯୋଗୁ ଆଗେଇ ଯିବେ। ଜମିବାଡ଼ି କ୍ରୟ କରିବା ସକାଶେ ମୋଟା ଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ।

ମିଥୁନ
ବୃହସ୍ପତି ପରିବାର ସ୍ଥାନରେ ପାରିବାରିକ ସମସ୍ୟା ସହ ଖର୍ଚ୍ଚ ପରିମାଣ ବୃଦ୍ଧି କରିବ। ପ୍ରଶାସନିକ କ୍ଷେତ୍ରରେ ସବୁ କିଛି ଶେଷ ସମୟରେ ଓଲଟ ପାଲଟ ହୋଇଯାଇପାରେ। ଆଲୋଚନା ସମୟରେ ଆପଣଙ୍କ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

କର୍କଟ
ଅତୀତକୁ ସିଂହାବଲୋକନ କରି ସମସ୍ୟା ସମାଧାନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ। ଯେତେ ଭଲ କାମ କଲେ ମଧ୍ୟ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ବୁଝାମଣା ଭିତ୍ତିରେ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଘରର ବରାଦ ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବାକୁ ପଡ଼ିପାରେ।

ସିଂହ
ଆଜି ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାମ ହାସଲ କରିବେ। ତଥାପି ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ନେବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭର ଆଲୋଚନା କରିବେ।

କନ୍ୟା
ସବୁ ଠିକ୍‌ଠାକ୍ ରହିଥିଲେ ମଧ୍ୟ ଜମିଜମାକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କରେ ନ୍ୟୁନତା ପରିଲକ୍ଷିତ ହେବ। ପିଲାଙ୍କ କୃତୀ ଓ କୃତିତ୍ୱ ସକାଶେ ମାନସିକ ସ୍ତରରେ ଗର୍ବ ଅନୁଭବ କରିପାରନ୍ତି। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ରାଜନୀତି କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ।

ତୁଳା
ସଭା ସମିତିରେ ଅପ୍ରିୟ ସତ୍ୟ କହିବା କାରଣରୁ ମିତ୍ରମାନେ ଈର୍ଷାପରାୟଣ ହୋଇପାରନ୍ତି। ଖଳ ଲୋକଙ୍କ ଦ୍ୱାରା କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

ବିଛା
ଶାରୀରିକ ସୁସ୍ଥତା ଥିଲେ ମଧ୍ୟ କେତେକ ଅପୂରଣୀୟ କାମନା ମନକୁ ବ୍ୟସ୍ତ ବିବ୍ରତ କରାଇବ। ଲେଖାପଢ଼ା, କଳା, ସାହିତ୍ୟ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବେ। କର୍ମକ୍ଷେତ୍ରର ବିବାଦୀୟ ଘଟଣାରେ ଯେଉଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

ଧନୁ
ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ମଧ୍ୟ ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ମନ ଅଶାନ୍ତ ରହିବ। ସାମାଜିକ ସ୍ତରରେ କେତେକ ନୂତନ କାମର ପରିକଳ୍ପନା କରି ପ୍ରଶଂସିତ ହେବେ। ପରିବାରର ଖର୍ଚ୍ଚଭାର ଅତ୍ୟଧିକ ବୃଦ୍ଧି ପାଇବା ଯୋଗୁ ଚିନ୍ତାପ୍ରକଟ କରିବେ।

ମକର
ଗୁରୁଜନଙ୍କ ପ୍ରଚେଷ୍ଟାରୁ ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦୀୟ ଘଟଣାର ବିଜୟୀ ହେବେ। କର୍ମକ୍ଷେତ୍ରରେ ମନକୁ ପାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ସହକର୍ମୀଙ୍କ ସହ ସୁସମ୍ପର୍କ ରହିନପାରେ। ଘରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବାର ଆଶଙ୍କା ରହିଛି।

କୁମ୍ଭ
ଆତ୍ମୀୟମାନଙ୍କ ସମ୍ବନ୍ଧରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ, ମାତ୍ର ତାହା ଅସ୍ଥାୟୀ ଭଳି ମନେ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରୁ ଲାଭବାନ୍ ହେବେ, କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କମିବ ନାହିଁ। ଆର୍ଥିକ ସ୍ଥିତି ପୂର୍ବବତ୍ ରହିବ, କିନ୍ତୁ କାମ ଅଟକିବ ନାହିଁ।

ମୀନ
କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ମାନସିକ ଦ୍ୱନ୍ଦ୍ୱ ବଢ଼ିବା କାରଣରୁ ତାହା ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ। ବନ୍ଧୁଙ୍କ ସାହାଯ୍ୟରୁ ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଅସୁବିଧା ନଥିଲେ ମଧ୍ୟ କେତେକ ସମସ୍ୟା କାରଣରୁ ମନରେ ସ୍ଥିରତା ରହିନପାରେ। ଅସହିଷ୍ଣୁ ମନୋଭାବରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ।

ଆଜି ମାର୍ଚ୍ଚ ୧୦ ତାରିଖ, ଫାଲ୍‌ଗୁନ ଅମାବାସ୍ୟା ରବିବାର, ଦିବା ଘ.୦୨।୩୦ ଗତେ ଶୁକ୍ଳ ପ୍ରତିପଦା, ରାଶିନକ୍ଷତ୍ର- ପୂର୍ବଭାଦ୍ରବ/କୁମ୍ଭ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୨ମି. ଗତେ ଘ.୦୯।୫୮ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୨ ଗତେ ଘ.୦୫।୫୧ ମଧ୍ୟେ ରାହୁକାଳ।

ପୂର୍ବତନ ୱାର୍ଡ ମେମ୍ବର ଦମ୍ପତିଙ୍କୁ ହତ୍ୟା

କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ପୂର୍ବତନ ୱାର୍ଡ ମେମ୍ବର ଦମ୍ପତିଙ୍କୁ ହତ୍ୟା କରାଯାଇଛି। ସେମାନେ ହେଲେ ଲୁଇସିଂ ପଞ୍ଚାୟତ ଗୁମାନଦଣି ଗ୍ରାମର ପୂର୍ବତନ ୱାର୍ଡ ମେମ୍ବର ଡାହିରା କହଁର ଓ ତାଙ୍କ ସ୍ତ୍ରୀ ବତାସୀ। ହତ୍ୟାକାଣ୍ଡ ସ୍ଥଳରେ କୌଣସି ମାଓବାଦୀ ପୋଷ୍ଟର ନ ଥିବାରୁ ଏଥିରେ ମାଓ ସମ୍ପୃକ୍ତି ନାହିଁ ବୋଲି କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର କହିଥିବା ବେଳେ ଗୁଣି ଗାରେଡିକୁ କେନ୍ଦ୍ର କରି ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

ନିଯୁକ୍ତି ପାଇଲେ ୧,୨୯୪ ଅଧିକାରୀ

ସଶକ୍ତ ଓଡ଼ିଶା ପାଇଁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୯।୩
(ଅସମାପିକା ସାହୁ)

ରାଜ୍ୟ ସରକାର ବିଭିନ୍ନ ବିଭାଗରେ ୧,୨୯୪ଜଣ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷ ଓ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନିଯୁକ୍ତି ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହାସହ ନବନିଯୁକ୍ତ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ଦିଗ୍‌ଦର୍ଶନ ଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅର୍ଥ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ, ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଗୃହ ବିଭାଗରେ ଏହି ନିଯୁକ୍ତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଫିସରଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଖାଲିଥିବା ସରକାରୀ ପଦବୀ ପୂରଣ କରିବା ପାଇଁ ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଗତ କିଛିବର୍ଷ ହେବ ଆମେ ନିୟମିତ ନିଯୁକ୍ତି ଦେଉଛୁ, ଯାହା ଲୋକଙ୍କ ସେବା କରିବା ପାଇଁ ଆମ କ୍ଷମତାକୁ ଦୃଢ଼ କରିଛି। ବହୁ ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ। ଏହା ନିଶ୍ଚିତ ଭାବେ ରାଜ୍ୟର ବଢୁଥିବା କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ କରିବ। କୌଣସି କାମ ଛୋଟ କିମ୍ବା ବଡ଼ ନୁହେଁ। ଜନସାଧାରଣଙ୍କ ସାମଗ୍ରିକ ଲକ୍ଷ୍ୟ ହାସଲ ପାଇଁ ପ୍ରତ୍ୟେକ କାର୍ଯ୍ୟର ନିଜସ୍ୱ ମହତ୍ତ୍ୱ ରହିଛି। କେବଳ ମନେରଖିବାକୁ ହେବ ଯେ, ଓଡ଼ିଶାର ଲୋକମାନେ ଆମର କାମ ପାଇଁ ଅର୍ଥ ଦେଉଛନ୍ତି ଏବଂ ଆମେ ସେମାନଙ୍କ ସେବା କରିବାକୁ ଆସିଛୁ। ନୂତନ ଓଡ଼ିଶା, ସଶକ୍ତ ଓଡ଼ିଶା ପାଇଁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୭୨୫ଜଣ କନିଷ୍ଠ ସହାୟକ ଏବଂ ଅର୍ଥ ବିଭାଗରେ ୨୮୦ ଜଣ (୧୭୭ଜଣ ସ୍ଥାନୀୟ ପାଣ୍ଠି ସମୀକ୍ଷକ, ୯୬ଜଣ ସହକାରୀ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବାକର ଅଧିକାରୀ, ୭ଜଣ ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ) ନିଯୁକ୍ତି ପାଇଛନ୍ତି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗରେ ମୋଟ ୧୨୯ଜଣ ନିଯୁକ୍ତି ପାଇଥିବାବେଳେ ଏମାନଙ୍କ ମଧ୍ୟରେ ୧୧୬ ଜଣ କନିଷ୍ଠ ସହାୟକ, ୫ ଜଣ କନିଷ୍ଠ କିରାଣି ଓ ୮ ଜଣ କନିଷ୍ଠ ଷ୍ଟେନୋଗ୍ରାଫର ରହିଛନ୍ତି। ଅନ୍ୟପକ୍ଷରେ କ୍ରୀଡ଼ାକ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କ୍ରୀଡ଼ା ବିଭାଗରେ ୧୬୦ ଜଣ କୃତୀ କ୍ରୀଡ଼ାବିତଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ପର୍ବରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଅର୍ଥ ବିଭାଗ ସଚିବ ବିଶାଳ ଦେବ ସ୍ୱାଗତ ଭାଷଣ ଦେଇଥିବାବେଳେ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍ ଧନ୍ୟବାଦ ଅର୍ପଣ କରିଥିଲେ।

୨ କେଜି ସୁନା, ୩୦ଲକ୍ଷ ଟଙ୍କା ସମେତ ବହୁ କୋଟିର ସମ୍ପତ୍ତି ଜବତ

ଉଲିବୁରୁ ଖଣି ଦୁର୍ନୀତି ମାମଲା

ଭୁବନେଶ୍ୱର,୯।୩
(ସୂର୍ଯ୍ୟକାନ୍ତ ବେହେରା)

ବହୁଚର୍ଚ୍ଚିତ ୧୮ ଶହ କୋଟିର ଉଲିବୁରୁ ଖଣି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର, ବଡ଼ବିଲ, ରାଉରକେଲା ଓ କୋଲକାତା ସମେତ ୧୨ଟି ସ୍ଥାନରେ ଚଢ଼ାଉ କରି ବହୁ କୋଟିର ସମ୍ପତ୍ତି ଜବତ କରିଛି। ଚଢ଼ାଉ ହୋଇଥିବା ସ୍ଥାନ ମଧ୍ୟରେ ଏମ/ଏସ୍ ଦୀପକ ଷ୍ଟିଲ୍ ଆଣ୍ଡ୍ ପାୱର ଲିମିଟେଡ୍, ଏମ/ଏସ୍ ସ୍ନେହପୁଷ୍ପା ମାର୍କେଟିଂ (ପି) ଲିମିଟେଡ୍ ସହ କେତେକ ସହଯୋଗୀ କମ୍ପାନୀର ନିର୍ଦ୍ଦେଶକ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଘର ରହିଛି। ଏସବୁ ସ୍ଥାନରୁ ୧.୨୪ କୋଟି ମୂଲ୍ୟର ୨ କେଜି ସୁନା, ନଗଦ ୩୦ ଲକ୍ଷ ଟଙ୍କା, ଗୋଟିଏ ଦାମୀ କାର, ସମ୍ପତ୍ତି ସଂକ୍ରାନ୍ତ ବହୁ କାଗଜପତ୍ର, ଡିଜିଟାଲ ଡିଭାଇସ ଆଦି ବିଭିନ୍ନ ସାମଗ୍ରୀ ଓ ଉପକରଣ ଜବତ କରିଛି। ଏହାସହ ଅଭିଯୁକ୍ତଙ୍କ କମ୍ପାନୀର ୬ଟି ବ୍ୟାଙ୍କ ଆକାଉଣ୍ଟରେ ଥିବା ୧.୨୩ କୋଟି ଟଙ୍କା ଫ୍ରିଜ୍ କରାଯାଇଥିବା ଇଡି ସୂଚନା ଦେଇଛି। ପୂର୍ବରୁ ମଧ୍ୟ ୩୭୯ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆଟାଚ କରାଯାଇଛି।

୨୦୦୩ରୁ ୨୦୧୦ ମଧ୍ୟରେ ଉଲିବୁରୁ ଖଣିରୁ ବେଆଇନ ଭାବେ ପ୍ରାୟ ୪୫.୨୨ ଲକ୍ଷ ମେଟ୍ରିକ ଟନ୍ ଲୁହାପଥର କାରବାର ହୋଇଥିଲା। ୨୦୧୩ରେ ଭିଜିଲାନ୍ସ ଏହି ମହାଦୁର୍ନୀତିକୁ ପଦାକୁ ଆଣିଥିଲା। ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କୁ ୨୦୧୩ ସେପ୍ଟେମ୍ବରରେ ଓ ପରେ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଗିରଫ ହୋଇଥିଲେ। ଭିଜିଲାନ୍ସ ଏନେଇ ତଦନ୍ତ ସାରି ଦୀପକଙ୍କ ସମେତ ଅନ୍ୟ ୨୩ଜଣଙ୍କ ନାଁରେ ଚାର୍ଜସିଟ୍ ଦାଖଲ କରିଥିଲା। ଏହାକୁ ଆଧାର କରି ଇଡି ବେଆଇନ ଅର୍ଥ କାରବାରକୁ ନେଇ ୨୦୧୪ରୁ ତଦନ୍ତ ଆରମ୍ଭ କରିଥିଲା।

ଇବ୍ ନଦୀରେ ବୁଡ଼ି ଗୋଟିଏ ପରିବାରର ୩ ନିଖୋଜ

ସୁନ୍ଦରଗଡ଼,୯।୩(ଜୟ ନାରାୟଣ ମେଣ୍ଟୁଲି): ସୁନ୍ଦରଗଡ଼ ଜିଲା ସେମନାରେ ଶନିବାର ପରିବାର ସହ ପିକ୍‌ନିକ୍ କରିବାକୁ ଆସିଥିବା ବେଳେ ଇବ୍ ନଦୀରେ ବୁଡି ୩ ଜଣ ନିଖୋଜ ଅଛନ୍ତି। ସେମାନେ ହେଲେ ୨ ଭାଇ ମହମ୍ମଦ ରିଜୱାନ (୨୦), ମହମ୍ମଦ ଫାରହାନ(୧୫) ଓ କାକା ମହମ୍ମଦ ସାହିଦ(୩୫)। ସଦର ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରୁଛନ୍ତି। ଖବର ଲେଖାହେବା ସୁଦ୍ଧା (ରାତି ୮ଟା) ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଅତିମାନବ ନୁହଁ ଏକ ଉନ୍ନତ ମାନବର ଉଚ୍ଚତମ ନିର୍ଦ୍ଧାରିତ ଶୃଙ୍ଗ ଉପରେ ଆରୋହୀ ମାନବ। ସେ ମଧ୍ୟ ମାନବୀୟ ଜ୍ଞାନ, ଶକ୍ତି, ବୁଦ୍ଧି, ସଂକଳ୍ପ, ଚରିତ୍ର, ପ୍ରତିଭା, ଗତିଶୀଳ ଶକ୍ତି, ସଚ୍ଚତ୍ତ୍ୱ, ପ୍ରେମ, ପବିତ୍ରତା କିମ୍ବା ପରିପୂର୍ଣ୍ଣତାର ପ୍ରତୀକ ନୁହେଁ। ... ସେ ମଣିଷ ପ୍ରକୃତିର ଉଚ୍ଚତମ ଚେତନାଠାରୁ ଉଚ୍ଚରେ ଅତିମାନସ ଚେତନାର ଅଧିକାରୀ। –ଶ୍ରୀଅରବିନ୍ଦ

ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର

ଆକାର ପଟେଲ

ନିକଟରେ ଧ୍ରୁବ ରାଠୀ ନାମକ ଜଣେ ଯୁବକଙ୍କର ଏକ ଚର୍ଚ୍ଚିତ ଭିଡିଓ ସରକାରଙ୍କ ସମର୍ଥକଙ୍କୁ ଅସନ୍ତୁଷ୍ଟ କରିଥିଲା। ଏହାର ବ୍ୟାପକ ଯୁକ୍ତିଯୁକ୍ତତା ଭିଡିଓର ଟାଇଟଲ 'ଭାରତ ଏକଚ୍ଛତ୍ରବାଦୀ ଶାସନରେ ପରିଣତ ହେଉଛି କି' ରୁ ବୁଝିହେବ। ଚଣ୍ଡିଗଡ଼ ନିର୍ବାଚନରେ ଭାଜପା ଦ୍ୱାରା କରାଯାଇଥିବା ଅନିୟମିତତାର ଦୃଷ୍ଟାନ୍ତ ଏହି ଭିଡିଓରେ ରହିଛି। ଏହା ବ୍ୟତୀତ ଭିଡିଓରେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଚୟନ କରିବା ପାଇଁ ପ୍ୟାନେଲର ଅନିୟମିତତା, ବିରୋଧୀ ଦଳର ନେତାଙ୍କ ବିରୋଧରେ ସରକାରୀ ସଂସ୍ଥାର ଅପବ୍ୟବହାର ଇତ୍ୟାଦି ଅନ୍ତର୍ଭୁକ୍ତ। ଅଭିଧାନରେ ଏକଚ୍ଛତ୍ରବାଦୀ ଶାସନ କହିଲେ ଗୋଟିଏ ସରକାରର ସ୍ୱରୂପକୁ ବୁଝାଏ ଯେଉଁଥିରେ ଜଣେ ବ୍ୟକ୍ତି କିମ୍ବା ଏକ ଛୋଟ ଗୋଷ୍ଠୀ ପ୍ରଭାବଶାଳୀ ସାମ୍ବିଧାନିକ କଟକଣାକୁ ନ ମାନି ସମ୍ପୂର୍ଣ୍ଣ ଶକ୍ତି ଧାରଣ କରନ୍ତି। ଆଉ ମଧ୍ୟ ଅଭିଧାନରେ ବ୍ୟାଖ୍ୟା କରାଯାଇଛି ଯେ, ଏହା ଏକ ପ୍ରକାର ସରକାର ଯେଉଁଥିରେ ସମ୍ପୂର୍ଣ୍ଣ ଶକ୍ତି ଜଣେ ବ୍ୟକ୍ତି କିମ୍ବା ଏକ ଛୋଟ ଗୋଷ୍ଠୀରେ ସମାହିତ ଥାଏ। ଏବେ ଭାରତରେ ଘଟୁଥିବା ଘଟଣାଗୁଡ଼ିକ ସହ ଏହି ସଂଜ୍ଞାଗୁଡ଼ିକର ସାମଞ୍ଜସ୍ୟ ରହିଛି କି ନାହିଁ ତାହା ଦେଖିବା ପାଇଁ ମୁଁ ପାଠକମାନଙ୍କ ଉପରେ ତାହାକୁ ଛାଡ଼ିଦେବି।

ଫାସିବାଦୀ(ଫାସିଷ୍ଟ) ପରି ଏକଚ୍ଛତ୍ରବାଦୀ ଶବ୍ଦ ଅତ୍ୟଧିକ ବ୍ୟବହୃତ ହୁଏ ଏବଂ ଏହାର ପ୍ରକୃତ ଅର୍ଥ ପ୍ରକାଶ ପାଏ ନାହିଁ, କାରଣ ଏହାକୁ ଏକ ସଂଜ୍ଞା ପରିବର୍ତ୍ତେ ନିର୍ଯାତନାର ଏକ ଶବ୍ଦ ଭାବେ ଦେଖାଯାଏ। ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ଆମର ଏବକାରର ପ୍ରଧାନମନ୍ତ୍ରୀଙ୍କୁ ସାମାଜିକ ବିଜ୍ଞାନୀ ଆଶିଷ ନନ୍ଦୀ ସାକ୍ଷାତ କରିଥିଲେ। ସେତେବେଳେ ସେ ଏହିପରି ଲେଖିଥିଲେ– 'ଏହା ଥିଲା ଏକ ଦୀର୍ଘ ଓ ଦ୍ୱନ୍ଦ୍ୱାତ୍ମକ ସାକ୍ଷାତ୍‌କାର। କିନ୍ତୁ ଏଠାରେ ଫାସିବାଦର ଏକ ସ୍ୱତନ୍ତ୍ର ଓ ପୃଥକ୍ ବିଷୟ ଥିଲା ବୋଲି ମୋର କୌଣସି ସନ୍ଦେହ ନ ଥିଲା। ନନ୍ଦୀ ଆହୁରି କହିଛନ୍ତି, 'ମୋର ମନେଅଛି, ଶାନ୍ତ ଓ ସଂଯମତାର ସହ ସେ ଭାରତ ବିରୋଧୀ ଷଡ଼ଯନ୍ତ୍ରର ଏକ ମତ ରଖିଥିଲେ ଯାହା ପ୍ରତ୍ୟେକ ମୁସଲମାନକୁ ଦେଶଦ୍ରୋହୀ ତଥା ଜଣେ ସମ୍ଭାବ୍ୟ ଆତଙ୍କବାଦୀ ଭାବରେ ଚିତ୍ରଣ କରିଥିଲା। ଏକଚ୍ଛତ୍ରବାଦୀ ବିଷୟରେ ମୋ ମନରେ ଏକ କମ୍ ଭାବପ୍ରବଣ ଏବଂ ଅଧିକ ନିର୍ଭରଯୋଗ୍ୟ ପ୍ରଶ୍ନ ଉଠୁଛି। ତାହା ହେଉଛି ଆମେ ଏକଚ୍ଛତ୍ରବାଦ ଶାସନ ଅଧୀନରେ ଅଛୁ କି? ଏବେ, କିଛି ସୂଚକାଙ୍କ ଦେଖିବା, ଏହା ହେଉଛି କି ନାହିଁ। ପ୍ରଥମେ, ସରକାର ଭିତରେ ଥିବା ଲୋକଙ୍କର ମହତ୍ତ୍ୱାକାଂକ୍ଷା ଏବଂ ସହମତି ପାଇଁ କୌଣସି ଚିନ୍ତା ଅଛି କି? ଏହା ଜାଣିବାକୁ ଆସନ୍ତୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଉପରେ ନଜର ପକାଇବା, ଯେଉଁଠାରେ ଆମର ବାସ୍ତବ ପ୍ରମାଣ ଅଛି। ପ୍ରଥମଟି ହେଉଛି ୨୪ ମାର୍ଚ୍ଚ ୨୦୨୦ରେ ଦେଶରେ ଲାଗୁ ହୋଇଥିବା ଲକ୍‌ଡାଉନ। ଏହାର ଏକ ବର୍ଷ ପରେ ବିବିସି ୨୪୦ଟି ଆର୍‌ଟିଆଇ ଦାଖଲକରି ପଚାରିଥିଲା ଯେ, ସେହି ସନ୍ଧ୍ୟାରେ ଲକ୍‌ଡାଉନ ଘୋଷଣା ହେବ ବୋଲି ମୋଦି ସରକାରରେ କିଏ ଜାଣିଥିଲେ। ବିପର୍ଯ୍ୟୟ ପରିଚାଳନା କିମ୍ବା ଅର୍ଥ ମନ୍ତ୍ରଣାଳୟ କିମ୍ବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପରାମର୍ଶ ନିଆଯାଇଥିଲା କି? ସରକାରଙ୍କ ଉତ୍ତର ଥିଲା: 'ନା' କାହାର ପରାମର୍ଶ ନିଆଯାଇ ନ ଥିଲା କିମ୍ବା କାହାକୁ ସୂଚନା ଦିଆଯାଇ ନ ଥିଲା। ଦ୍ୱିତୀୟଟି ଥିଲା ବିମୁଦ୍ରୀକରଣ। ୮ ନଭେମ୍ବର ୨୦୧୬ରେ କ୍ୟାବିନେଟ୍ ବୈଠକ ଡକାଯାଇଥିଲା ଓ ମନ୍ତ୍ରୀମାନଙ୍କୁ ମୋବାଇଲ ଫୋନ ନ ଆଣିବା ଲାଗି କୁହାଯାଇଥିଲା। ଏଥିରୁ ବୁଝାପଡୁଛି, ନଭେମ୍ବର ୮ ସନ୍ଧ୍ୟା ପରଠାରୁ ୧୦୦୦ ଓ ୫୦୦ ଟଙ୍କିଆ ନୋଟ୍ ଅଚଳ ହେବା ବିଷୟ ପ୍ରଧାନମନ୍ତ୍ରୀ ଘୋଷଣା ନ କରିବା ଯାଏ ସେମାନେ ତାହା ଜାଣି ନ ଥିଲେ। ଯେହେତୁ ମନ୍ତ୍ରୀମାନେ ଜାଣି ନ ଥିଲେ, ସେଥିପାଇଁ ମନ୍ତ୍ରଣାଳୟଗୁଡ଼ିକ ମଧ୍ୟ ଅନ୍ଧାରରେ ଥିଲେ ଏବଂ ଏହା ପାଇଁ ପ୍ରସ୍ତୁତ ବି ନ ଥିଲେ। କୌଣସି ବିଷୟରେ ସରକାରୀ କାର୍ଯ୍ୟର ସଂସଦୀୟ ଢାଞ୍ଚା କହିଲେ ଏକ ସମ୍ମିଳିତ ଦାୟିତ୍ୱବୋଧକୁ ସୂଚିତକରେ। କିନ୍ତୁ ତାହା ନୂଆ ଭାରତରେ ନାହିଁ। ଭାରତରେ ରାଷ୍ଟ୍ରମୁଖ୍ୟଙ୍କୁ ନୂତନ ସଂସଦର ଉଦ୍‌ଘାଟନ ଉତ୍ସବରେ ଯୋଗ ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି କାରଣ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା କରିବାକୁ ଚାହାନ୍ତି। ସେହିଭଳି ଏବଂ ସମାନ କାରଣରୁ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା ଚାହିଁଥିବାରୁ ମନ୍ଦିରର ଉଦ୍‌ଘାଟନ କରିବାକୁ ରାଷ୍ଟ୍ରମୁଖ୍ୟଙ୍କୁ ଆସିବାକୁ କୁହାଯାଇ ନାହିଁ। ଏହା ଉପରେ ପ୍ରଶ୍ନ ଉଠିନାହିଁ, କମ୍ ବିରୋଧ ବି କରାଯାଇଛି; କାରଣ କେବଳ ଜଣେ ବ୍ୟକ୍ତି ଦେଶକୁ ପ୍ରତିନିଧିତ୍ୱ କରୁଥିବା ସିଦ୍ଧାନ୍ତ ଏଠାରେ ଗ୍ରହଣୀୟ ହୋଇଛି।

Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129. D-75914

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

2/3BHK premium flat for sale at Jayadev Vihar Chhak. Contact- 9437307086, 7 0 0 8 7 8 9 3 4 7 , 7978209277. D-2706

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

Semifurnished 3BHK flat for sale at Jharpada 80' road side. Contact- 9437307086, 7 0 0 8 7 8 9 3 4 7 , 7978209277. D-2705

Ready to Move New (2BHK- Rs. 22,00,000/-) and (1BHK- Rs.11,00,000/-) flats for sales at Sundarpada, Bhubaneswar. Contact- 7008346486. D-75523

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

CONSTRUCTION

Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2728

Construct your dream home @899/-, 1399/- includes Architecture structure with 3 years FMC. We provide plan approval, boring & interior work- SNV Engineering - 9439295469. D-75917

Do you want to construct dream house on your own plot for details please contact K.K. Construction. 7 0 0 8 2 6 8 1 2 9 , 9439143273. D-71385

Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195. D-75913

Newly open health benefits SPA special Offer @999 Bapuji Nagar. 8018429809. D-76107

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75713

Relax, refresh your body, mind by expert therapist. Contact- 9938843929. D-76106

Tolet 1st and 2nd floor flat at Parvati Villa, Ravi Talkies Square, BBSR. Contact- 8340319270. D-76001

GENERAL

SALE

ଗାଈଖାଇବା ଘାସ ପାଇଁ ଯୋଗାଯୋଗ କରନ୍ତୁ। Ph- 9438184813, 9238697188. D-2675

PURCHASE

ରେଲୱେ ସାଇଟ୍‌ରେ ମାଟିର ଆବଶ୍ୟକ। ପୁନ୍ନାମାଗେଟ୍- ୨୦୦ ଟ୍ରିପ୍ (ହାଇୱା), ଚୂଡ଼ଙ୍ଗଗଡ଼ ବାରଙ୍ଗ- ୪୦୦ଟ୍ରିପ୍ (ହାଇୱା)। ଫୋନ୍ ନଂ.- ୯୧୭୮୨୪୬୯୮.

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

I, Varsha Mohapatra, D/o- Mahi Mohan Mahapatra residing at Room No.-606, New Girls Hostel, Bangalore-560012 declare by this affidavit No IN-KA 4 3 9 0 2 5 1 4 0 4 6 4 8 1 W dtd. 28.02.24 that now onwards I shall be known as Varsha Mahapatra for all future purposes. D-2724

ମନେ ପଡ଼ନ୍ତି

ଶ୍ରାଦ୍ଧ ଉପଲକ୍ଷେ

ଵକାଶୀନାଥ ରଥ

ବୀରରାମଚନ୍ଦ୍ରପୁର, ପୁରୀ

ନନା, ତମର ଅମର ଆତ୍ମାର ଅନନ୍ତ ଯାତ୍ରାକୁ ପ୍ରଭୁ ସହଜ ଓ ସୁଗମ କରନ୍ତୁ, ଏଡିକି ଆମର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।

ଧ-୭୭୯୭

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସିଜିୟୁର ନ୍ୟାଶନାଲ ୱେଲ୍ଡିଂ ଲିଗ୍ ଉଦ୍‌ଯାପିତ



ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନଏସ୍) ଇଣ୍ଡିଆର ଲୋକପ୍ରିୟ ଛାତ୍ରୀ ବୃତ୍ତି 'ବେଟୀ ପଢାଓ ବେଟୀ ବଚାଓ' ବୃତ୍ତିର ପୁନଃ ନବୀକରଣ ପାଇଁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଏବଂ ପ୍ରୋଟିନ ଇ-ଗଭ୍ ଟେକ୍ନୋଲୋଜି ମଧ୍ୟରେ ବୁଝାମଣା ହୋଇଛି। ଏହି ପରିପ୍ରେକ୍ଷୀରେ ଉଭୟ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଏବଂ ପ୍ରୋଟିନ ଇ-ଗଭ୍ ଟେକ୍ନୋଲୋଜିର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୯।୩ (ଅଭୟ ଦାଶ)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟିରେ ଆରମ୍ଭ ହୋଇଥିବା ନ୍ୟାଶନାଲ ୱେଲ୍ଡିଂ ଲିଗ୍ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ସର୍ବଭାରତୀୟ ସ୍ତରରୁ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଓଏସ୍‌ଡିଏର ଅଧ୍ୟକ୍ଷା ଅଲକା ଆରୋରା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ଆଇଆଇଟିଡବ୍ଲ୍ୟୁ ଭୁବନେଶ୍ୱରର ଚେୟାରମ୍ୟାନ୍ ପ୍ରଫେସର (ଡ) ଓମ୍‌କାର ନାଥ ମହାନ୍ତି ୱେଲ୍ଡିଂ ଟେକ୍ନୋଲୋଜି ବିଷୟରେ ତାଙ୍କର ଅଭିଜ୍ଞତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ୱେଲ୍ଡିଂ ସେକ୍ଟରରେ କୁଶଳୀ

ବ୍ୟକ୍ତିଙ୍କ ଅଭାବ ବିଷୟରେ ଦର୍ଶାଇଥିଲେ ଏବଂ ୱେଲ୍ଡିଂ ଟେକ୍ନୋଲୋଜିକୁ ନିଜର ବୃତ୍ତିଭାବରେ ଚୟନକଲେ ଛାତ୍ରୀମାନେ ସହଜରେ ରୋଜଗାରକ୍ଷମ ହୋଇପାରିବେ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଓ ସଭାପତି ସଞ୍ଜୀବ କୁମାର ରାଉତ ତାଙ୍କ ପ୍ରେରଣାଦାୟକ ଅଭିଭାଷଣରେ କହିଥିଲେ, କୌଣସି ଦକ୍ଷତା ଲିଙ୍ଗ ନିର୍ଦ୍ଦିଷ୍ଟ ନୁହେଁ, ୱେଲ୍ଡିଂରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ବିଷୟରେ ସେ ଆଲୋଚନା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ଛାତ୍ରୀମାନେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ ଓ ସେମାନଙ୍କ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟର ଛାତ୍ରୀ ରୀନା ବାଘ, କୁନି ବେହେରା ଏବଂ ଉର୍ମିଳା ନାୟକ ଅନ୍ୟ ପ୍ରତିଯୋଗୀମାନଙ୍କୁ ପଛରେ ପକାଇ ୱେଲ୍ଡିଂ ଲିଗ୍ ବିଜେତା ବର୍ଗରେ ପ୍ରଥମ ପୁରସ୍କାର ପାଇଥିଲେ। ସେହିଭଳି ଚେନ୍ନାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଛାତ୍ରୀମାନେ ୨ୟ ପୁରସ୍କାର ଏବଂ ଗୁଜରାଟର ସିଲ୍‌ଭର ଓକ୍ ବିଶ୍ୱବିଦ୍ୟାଳୟ, ଛତିଶଗଡ଼ର ଓ.ପି. ଜିନ୍ଦଲ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ସରକାରୀ ଟିଟିଆଇ, ଟାକଟପୁରର ଛାତ୍ରୀମାନେ ତୃତୀୟ ପୁରସ୍କାର ପାଇଥିଲେ। ସମୂହ ପ୍ରଦର୍ଶନରେ ସି. ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟି ଚାମ୍ପିୟନ ହୋଇଥିଲା। ଫ୍ରୋନିୟସ୍, ଇଣ୍ଡିଆର ମ୍ୟାନେଜିଂ ଡାଇରେକ୍ଟର ଭି.ଭି.କାମାଥ, ଆଇଆଇଡବ୍ଲ୍ୟୁ ଭୁବନେଶ୍ୱରର ସେକ୍ରେଟେରି ଜେନେରାଲ ରିତୁରାଜ ବୋଷ ଏବଂ ଅନ୍ୟ ଅତିଥିମାନେ ମଧ୍ୟ ଉପସ୍ଥିତ ଥିଲେ। ପରିଶେଷରେ କାର୍ଯ୍ୟକ୍ରମର କୋକନଭେନର ଫ୍ରୋନିୟସ୍, ଇଣ୍ଡିଆର ଚନ୍ଦନ ଦତ୍ତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବେଦାନ୍ତର ନୂତନ ଅଭିଯାନ

ଭୁବନେଶ୍ୱର,୯।୩

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ବେଦାନ୍ତ ସେସାର ନୂତନ ଅଭିଯାନ 'ଆଇରନ ଲେଡିଜ୍ ଇଣ୍ଡିଆ-୨.୦'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସମାନତା, ବିବିଧତା, କର୍ମକ୍ଷେତ୍ରରେ ଅନ୍ତର୍ଭୁକ୍ତ କରିବା ଏବଂ ମହିଳା ସଶକ୍ତୀକରଣ ପାଇଁ ଏଭଳି ଏକ ଅଭିଯାନ ଆରମ୍ଭ ହୋଇଛି। ଏପରିକି ବେଦାନ୍ତର ପ୍ରତିବଦ୍ଧତା ଅନୁଯାୟୀ ବେଦାନ୍ତ ଓଡ଼ିଶା ଲୁହାପଥର ଜାତୀୟସ୍ତରରେ ଖ୍ୟାତି ଅର୍ଜନକରି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ଆଇରନ ଲେଡିଜ୍ ଇଣ୍ଡିଆ-୨.୦'ପ୍ରୟାସ ଜାରି ରଖିଛି। ବେଦାନ୍ତ ସେସାଗୋଆ ଲୁହାପଥର ଓଡ଼ିଶା ଦ୍ୱାରା ବଡ଼ବିଲଠାରେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ସାମାଜିକ ସେବା ତଥା ସେଲ୍‌ଫ ଏଣ୍ଟ୍ରେପ୍ରିନ୍ୟୁରର୍ସ ଭଳି ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଅବଦାନକୁ ସ୍ୱୀକୃତି ସହ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ସମ୍ମାନିତ କରିଥିଲେ। ଏ ସମ୍ପର୍କରେ ଆଇରନ ଓଡ଼ିଶାର ସିଓଓ ବିଶ୍ୱନାଥ ସାହୁ କହିଥିଲେ, ଓଡ଼ିଶାର ମହିଳାମାନଙ୍କ ଆଇରନ ୱିଲ୍‌କୁ ସ୍ୱାଗତ କରିବା ସହ ସମସ୍ତ ମହିଳାଙ୍କୁ ମୋର ହୃଦୟରୁ ଅଭିନନ୍ଦନ ଜଣାଉଛି,ଯେଉଁମାନେ ସେମାନଙ୍କ ଆଖପାଖରେ ଥିବା ଲୋକଙ୍କ ଉପରେ ପ୍ରଭାବ ସୃଷ୍ଟି କରିଛନ୍ତି। ଆଇରନ ଓର୍ ଓଡ଼ିଶା ସକାରାତ୍ମକ ପରିବର୍ତ୍ତନ ଆଣିବା ଏବଂ ଏକ ଅଧିକ ଅନ୍ତର୍ଭୁକ୍ତ ସମାଜ ଗଠନ ପାଇଁ ମହିଳାଙ୍କ ଶକ୍ତି ଉପରେ ବିଶ୍ୱାସ କରିଥାଏ। ଏହା ଓଡ଼ିଶାରେ ମହିଳାଙ୍କୁ ସମର୍ଥନ ତଥା ସଶକ୍ତୀକରଣ କରିବା ପାଇଁ ଆମର ପ୍ରତିବଦ୍ଧତାର ଏକ ପ୍ରମାଣ।

ଫେବୃଆରୀରେ ୭୧,୮୨୬ ୟୁନିଟ୍ ଯାନ ବିକ୍ରି

ଭୁବନେଶ୍ୱର,୯।୩

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଏଫ୍‌ଏଡିଏ ବା ଫାଡା)ର ମାସିକ ଯାନ ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀରରେ ଉଭୟ ସର୍ବଭାରତୀୟ ଓ ରାଜ୍ୟସ୍ତରୀୟ ଖୁଚୁରା ଗାଡ଼ି ବିକ୍ରି ଫଳାଫଳ ବା ଯାନ ବିକ୍ରି ତଥ୍ୟ ବିସ୍ତୃତ ଭାବେ ପ୍ରକାଶିତ ହୋଇଛି। ଏହି ପରିପ୍ରେକ୍ଷୀରେ ଫାଡାର ଓଡ଼ିଶା ୟୁନିଟ୍ ଯାନ ବିକ୍ରି ତଥ୍ୟ ମଧ୍ୟ ପ୍ରକାଶ ପାଇଛି। ବିଶେଷକରି ୨୦୨୪ ଫେବୃଆରୀରେ ଓଡ଼ିଶାର ମୋଟ ୭୧,୮୨୬ୟୁନିଟ୍ ଯାନ ବିକ୍ରି କରାଯାଇଥିଲାବେଳେ ୨୦୨୩ ସମାନ ମାସରେ ମୋଟ ୬୦,୦୫୨ ୟୁନିଟ୍ ଗାଡ଼ି ବିକ୍ରି ହୋଇଥିଲା। ଫଳରେ ଗତ ବର୍ଷ ଫେବୃଆରୀର ବିକ୍ରି ତୁଳନାରେ ଚଳିତ ବର୍ଷ ଫେବୃଆରୀର ବିକ୍ରି ପରିମାଣ ୧୯.୬୧% ବୃଦ୍ଧି ଘଟିଛି। ଅପରପକ୍ଷରେ ରାଜ୍ୟର ଖୁଚୁରା ଯାନ ବିକ୍ରି ମଧ୍ୟ ପୂର୍ବ ବର୍ଷର ସମାନ ଅବଧି ଅନୁଯାୟୀ ଚଳିତ ବର୍ଷ ଫେବୃଆରୀ ଶେଷ ସୁଦ୍ଧା ଯଥାକ୍ରମେ ଦୁଇଚକିଆ ୧୬.୦୩%, ତିନିଚକିଆ ୫୪.୦୩%, ସିଭି ୫୯.୦୭%, ପିଭି ୧୭.୨୪% ଏବଂ ଟ୍ରାକ୍ଟର ୫୨.୭୯% ବିକ୍ରି ଅଭିବୃଦ୍ଧି ହୋଇଛି। ସେହିଭଳି ୨୦୨୪ ଫେବୃଆରୀରେ ମୋଟ ୫୭,୨୮୮ ୟୁନିଟ୍ ଦୁଇଚକିଆ ଯାନ ବିକ୍ରି ହୋଇଥିଲାବେଳେ ୨୦୨୩ ଫେବୃଆରୀରେ ଏହି ସଂଖ୍ୟା ୪୯,୩୭୩ ୟୁନିଟ୍ ଥିଲା। ସେହିପରି ୨୦୨୪ ଫେବୃଆରୀରେ ମୋଟ ୧୮୮୩ ୟୁନିଟ୍ ତିନିଚକିଆ ଯାନ ବିକ୍ରି ହୋଇଥିଲାବେଳେ ୨୦୨୩ ଫେବୃଆରୀରେ ଏହି ସଂଖ୍ୟା ୧୧୯୦ ୟୁନିଟ୍ ଥିଲାବେଳେ ଚଳିତ ବର୍ଷ ଫେବୃଆରୀରେ ୪୫୭୮ ୟୁନିଟ୍ ସିଭି ଯାନ ଏବଂ ୬୫୦୯ ପିଭି ଯାନ ବିକ୍ରି ହୋଇଥିଲା। ଏପରିକି ଗତ ବର୍ଷ ଏହି ସମାନ ଅବଧିରେ ଉଭୟ ସିଭି ଏବଂ ପିଭି ଯଥାକ୍ରମେ ୨୮୭୮ ଏବଂ ୫୫୫୨ ୟୁନିଟ୍ ଯାନ ବିକ୍ରି ହୋଇଥିଲା। ଅପରପକ୍ଷରେ ୨୦୨୪ ଫେବୃଆରୀରେ ମୋଟ ୧୬୧୮ ୟୁନିଟ୍ ଟ୍ରାକ୍ଟର ବିକ୍ରି ହୋଇଥିଲାବେଳେ ୨୦୨୩ ଫେବୃଆରୀରେ ଏହି ସଂଖ୍ୟା ୧୦୫୯ ୟୁନିଟ୍ ଥିଲା। ଏ ସମ୍ପର୍କରେ ଫାଡା ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ ପ୍ରଦୀପ ଅଗ୍ରୱାଲ କହିଛନ୍ତି, ଚଳିତ ବର୍ଷ ଫେବୃଆରୀରେ ରାଜ୍ୟ ଅଟୋମୋବାଇଲ ଶିଳ୍ପ ଅତ୍ୟନ୍ତ ଉତ୍ସାହଜନକ ରହିଛି। ବିଶେଷକରି ଘରୋଇ ଗ୍ରାମୀଣ ବଜାରରେ ୨ ଚକିଆ ଯାନର ବିକ୍ରି ଅଭିବୃଦ୍ଧି ଜାରି ରହିଥିଲାବେଳେ ଅନ୍ୟାନ୍ୟ ବର୍ଗର ଯାନ ବିକ୍ରିରେ ମଧ୍ୟ ସୁଧାର ଆସିବା ସହ ଭଲ କାରବାର କରୁଥିବା ଲକ୍ଷ୍ୟ କରାଯାଇଛି।

No.VIII-7

କ୍ଷମତାପନ ପ୍ରାଧିକାରୀ ତଥା ତହସିଲଦାର, ବଲାଙ୍ଗୀରଙ୍କ କାର୍ଯ୍ୟାଳୟ, ବାଇପାସ୍ ଜମି ଅଧିଗ୍ରହଣ, ଜାତୀୟ ରାଜପଥ-୨୬ ଏବଂ ୫୭

ସାଧାରଣ ବିଜ୍ଞପ୍ତି

ନଂ. ୦୧/ତା.୧୯.୦୨.୨୦୨୪

S.O.269 (E)- ଜାତୀୟ ରାଜପଥ ଅଧିନିୟମ, ୧୯୫୬ (୧୯୫୬ର ଧାରା ୪୮) ର ଧାରା ୩ (କ) ର ଉପଧାରା ୩(୧) ମୁତାବକ ଯେହେତୁ ଭାରତ ସରକାର ସଡକ, ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶା ରାଜ୍ୟର ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଜାତୀୟ ରାଜପଥ ୨୬ ଏବଂ ୫୭ର ବାଇପାସ ୦.୦ କି.ମି.ରୁ ୧୧.୬୪୨ କି.ମି. ପର୍ଯ୍ୟନ୍ତ ବାଇପାସ ରାସ୍ତା ନିର୍ମାଣ ଓ ଅତିରିକ୍ତ ସଂପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଅଧିନିୟମ, ୧୯୫୬ (୧୯୫୬ର ୪୮ ନଂ ଆଇନ) ର ଧାରା ୩(କ) ର ଉପଧାରା ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ଦ୍ୱାରା ଉପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ୱାରା ତଫସିଲଭୁକ୍ତ ଜମି ସ୍ୱତ୍ୱଦାନ ବ୍ୟକ୍ତି, ଭୂମି ମାଲିକ ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ, ତା'ହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ତହସିଲଦାର, ବଲାଙ୍ଗୀର ତଥା କ୍ଷମତାପନ ପ୍ରାଧିକାରୀ, ଜାତୀୟ ରାଜପଥ ପ୍ରକଳ୍ପ ନଂ.୨୬ ଏବଂ ୫୭ଙ୍କ କାର୍ଯ୍ୟାଳୟ, ବଲାଙ୍ଗୀରଙ୍କ ଠିକଣାରେ ଉପରୋକ୍ତ ଆଇନର ଧାରା-୩ (ଗ)ର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ । ଏ ସମ୍ପର୍କରେ ଧାରା-୩(ଗ) ର ଉପଧାରା (୨) ଅନୁଯାୟୀ କ୍ଷମତାପନ ପ୍ରାଧିକାରୀଙ୍କ ଆଦେଶ ଚୂଡାନ୍ତ ବିବେଚିତ ହେବ ।

ଏହି ଅଧିସୂଚନା ଅନ୍ତର୍ଗତ ଆସୁଥିବା ଜମିର ନକ୍ସା ଏବଂ ଅନ୍ୟାନ୍ୟ ବିଶଦ ବିବରଣୀ ତହସିଲଦାର-ସହ-କ୍ଷମତାପନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଛି ଏବଂ ଏହାକୁ ଜମି ମାଲିକ କିମ୍ବା ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିଙ୍କ ଦ୍ୱାରା ନିରୀକ୍ଷଣ କରାଯାଇପାରିବ ।

ସ୍ୱା./-ସହକାରୀ ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ ଉପବିଭାଜନ, ବଲାଙ୍ଗୀର | ସ୍ୱା./-ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ ବିଭାଜନ, ବଲାଙ୍ଗୀର | ସ୍ୱା./-ତହସିଲଦାର, ବଲାଙ୍ଗୀର ତଥା କ୍ଷମତାପନ ପ୍ରାଧିକାରୀ, ବାଇପାସ ଜାତୀୟ ରାଜପଥ, ବଲାଙ୍ଗୀର

ଅନୁସୂଚୀ

ଓଡ଼ିଶା ରାଜ୍ୟ ଅନ୍ତର୍ଗତ ବଲାଙ୍ଗୀର ଜିଲ୍ଲାର ଭୂଅର୍ଜନ ଜମିର ସଂକ୍ଷିପ୍ତ ବିବରଣୀ, ଘର କିମ୍ବା ଘରବାରି ଓ ଅନ୍ୟାନ୍ୟ କିସମ, ଜାତୀୟ ରାଜପଥ ୨୬ ଏବଂ ୫୭ ବାଇପାସର ବିବରଣୀ- ୦.୦୦ କି.ମି. ଠାରୁ ୧୧.୬୪୨ କି.ମି.

ମୌଜା-ମାଧିଆପାଲି, ତହସିଲ-ବଲାଙ୍ଗୀର, ଜିଲ୍ଲା-ବଲାଙ୍ଗୀର

କ୍ରମିକ ନଂ.	ସର୍ଭେ/ପ୍ଲଟ ନମ୍ବର	ଜମିର ପ୍ରକାର	କିସମ	ଅଧିଗ୍ରହଣ ଜମିର ରକବା (ଏକରରେ)	ଅଧିଗ୍ରହଣ ଜମିର ରକବା (ହେକ୍ଟରରେ)
୧	୨	୩	୪	୫	୬
୧	୧୦୦୨	ବେସରକାରୀ	ଆଟମାମୂଲି	୦.୦୧	୦.୦୦୪୦
୨	୧୦୨୪	ବେସରକାରୀ	ବାହାଲମାମୂଲି	୦.୧୭	୦.୦୬୮୭
୩	୯୩୯	ବେସରକାରୀ	ଘରବାରି ଏକ	୦.୦୩୬୩	୦.୦୧୪୬
୪	୯୪୦	ବେସରକାରୀ	ବେରନାମାମୂଲି	୦.୧୨୦୨	୦.୦୪୮୬
୫	୯୪୧	ବେସରକାରୀ	ଘରବାରି	୦.୧୫୨୩	୦.୦୬୧୬
୬	୯୪୪	ବେସରକାରୀ	ଘରବାରି	୦.୧୪୧୮	୦.୦୫୭୩
୭	୯୪୫	ବେସରକାରୀ	ଘରବାରି ଏକ	୦.୩୨୭୪	୦.୧୩୨୪
୮	୯୪୮	ବେସରକାରୀ	ବାହାଲମାମୂଲି	୦.୦୧୪	୦.୦୦୫୬
୯	୯୪୯	ବେସରକାରୀ	ଘରବାରି	୦.୦୬୧	୦.୦୨୪୬
୧୦	୯୫୧	ବେସରକାରୀ	ଘରବାରି	୦.୦୨୫	୦.୦୧୦୧
୧୧					

ମୌଜା-ବିଷ୍ଣୁମୁଣ୍ଡା, ତହସିଲ-ବଲାଙ୍ଗୀର, ଜିଲ୍ଲା-ବଲାଙ୍ଗୀର

କ୍ରମିକ ନଂ.	ସର୍ଭେ/ପ୍ଲଟ ନମ୍ବର	ଜମିର ପ୍ରକାର	କିସମ	ଅଧିଗ୍ରହଣ ଜମିର ରକବା (ଏକରରେ)	ଅଧିଗ୍ରହଣ ଜମିର ରକବା (ହେକ୍ଟରରେ)
୧	୨	୩	୪	୫	୬
୧୧	୧୧୧୯	ସରକାରୀ	କ୍ଷେତ୍ର ଆଡି	୦.୦୮୩୨	୦.୦୩୩୬
୧୨	୧୧୨୧	ବେସରକାରୀ	ବାହାଲପାଣିଦ୍ରୁଇ	୦.୦୯୨	୦.୩୭୨୩
୧୩	୧୧୨୨	ସରକାରୀ	କ୍ଷେତ୍ର ଆଡି	୦.୦୭୫	୦.୦୩୦୩
୧୪	୧୧୪୩	ବେସରକାରୀ	ବାହାଲପାଣିଦ୍ରୁଇ	୦.୧୨୭୧	୦.୦୫୧୪
୧୫	୧୧୪୪	ବେସରକାରୀ	ବାହାଲପାଣିଦ୍ରୁଇ	୦.୧୬୫୫	୦.୦୬୬୯
୧୬	୪୨୭	ସରକାରୀ	ନାଲ	୦.୦୦୭୬	୦.୦୦୩୮
୧୭	୬୧୯	ବେସରକାରୀ	ଆଟମାମୂଲି	୦.୧୦୩୭	୦.୦୪୧୯
୧୮	୬୬୪	ବେସରକାରୀ	ଘରବାରି	୦.୦୪୫୯	୦.୦୧୮୫
୧୯	୬୮୧	ବେସରକାରୀ	ଅନ୍ୟାନ୍ୟ	୦.୦୧୦୯	୦.୦୦୪୪
୨୦	୬୮୩	ସରକାରୀ	ନାଲ	୦.୧୯୭୧	୦.୦୭୯୭
୨୧	୬୯୦	ବେସରକାରୀ	ବେରନାପାଣିଦ୍ରୁଇ	୦.୫୨୦୩	୦.୨୧୦୫
୨୨	୬୯୦/୨୪୭୧	ବେସରକାରୀ	ବେରନାପାଣିଦ୍ରୁଇ	୦.୩୬୭୩	୦.୧୪୮୬
୨୩	୬୯୩	ବେସରକାରୀ	ବେରନାପାଣିଦ୍ରୁଇ	୦.୦୬୯	୦.୦୨୭୯
୨୪	୮୦୭	ସରକାରୀ	ରାସ୍ତା	୦.୦୨୫୯	୦.୦୧୦୪
୨୫	୮୩୬	ବେସରକାରୀ	ବେରନାପାଣିଦ୍ରୁଇ	୦.୦୦୨୮	୦.୦୦୧୧
୨୬	୮୩୮	ବେସରକାରୀ	ବେରନାମାମୂଲି	୦.୦୭୫୨	୦.୦୩୦୪
୨୭	୮୩୯	ବେସରକାରୀ	ବେରନାପାଣିଦ୍ରୁଇ	୦.୨୨୨୭	୦.୦୯୦୧
୨୮	୮୪୦	ବେସରକାରୀ	ବେରନାପାଣିଦ୍ରୁଇ	୦.୧୪୨୬	୦.୦୫୭୭
୨୯	୮୪୨	ବେସରକାରୀ	ବାହାଲପାଣିଦ୍ରୁଇ	୦.୬୯୧୦	୦.୨୭୯୬
୩୦	୮୪୮	ବେସରକାରୀ	ବାହାଲପାଣିଦ୍ରୁଇ	୦.୦୯୯୧	୦.୦୪୦୧

ମୌଜା-ପୁଇଁତଲା, ତହସିଲ-ପୁଇଁତଲା, ଜିଲ୍ଲା-ବଲାଙ୍ଗୀର

କ୍ରମିକ ନଂ.	ସର୍ଭେ/ପ୍ଲଟ ନମ୍ବର	ଜମିର ପ୍ରକାର	କିସମ	ଅଧିଗ୍ରହଣ ଜମିର ରକବା (ଏକରରେ)	ଅଧିଗ୍ରହଣ ଜମିର ରକବା (ହେକ୍ଟରରେ)
୧	୨	୩	୪	୫	୬
୩୧	୩୭୪	ବେସରକାରୀ	ବେରନାପାଣିଦ୍ରୁଇ	୦.୨୧	୦.୦୮୪୯

ସ୍ୱା./-ବୀରେନ୍ଦ୍ର କୁମାର ମହାପାତ୍ର
ସହକାରୀ ନିର୍ବାହୀ ଯନ୍ତ୍ରୀ
ଜାତୀୟ ରାଜପଥ ଉପବିଭାଜନ, ବଲାଙ୍ଗୀର

Sd./- Tahasildar-cum-CALA
Balangir

OIPR-24337/14/0002/2324

ଓଡ଼ିଶା ସରକାର
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
ଅଧିସୂଚନା

File No. COL/JAJ/VIIL-35/2022/877 LA/(Civil) dated 20.01.24

No.XXIV-58: ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଆଙ୍କୁଲାଠାରୁ ଅବଦଲପୁର (ଗୋଖନା) ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ (Appropriate Government) ସରକାରୀ ବ୍ୟୟରେ ମୌଜା-ବାରବାଟୀ, ଥାନା-ଯାଜପୁର ନଂ.୪୧, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ.୪.୦୧୩୩୪ ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଆଙ୍କୁଲାଠାରୁ ଅବଦଲପୁର (ଗୋଖନା) ପର୍ଯ୍ୟନ୍ତ ଚାରିଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ଆଙ୍କୁଲାଠାରୁ ଅବଦଲପୁର (ଗୋଖନା) ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୪୩୪୭୬/୧୨.୧୨.୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତଙ୍କ ନାମ
ଯାଜପୁର	ଯାଜପୁର	ବାରବାଟୀ	ଗ୍ରାମାଞ୍ଚଳ	ଏଥିସହିତ ସଂଲଗ୍ନ	ଏଥିସହିତ ସଂଲଗ୍ନ	ଏ ୮.୨୦୦ ଡି	ଏ.୪.୦୧୩୩୪ ଡି	ଏଥିସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ (ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

ଭୂମି ଅନୁସୂଚୀ
ପ୍ରକଳ୍ପ-ଆଙ୍କୁଲାଠାରୁ ଅବଦଲପୁର (ଗୋଖନା) ପର୍ଯ୍ୟନ୍ତ ଚାରିଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ
ମୌଜା-ବାରବାଟୀ, ଥାନା ନଂ.୪୧, ଥାନା/ତହସିଲ/ଜିଲ୍ଲା-ଯାଜପୁର

କ୍ରମିକ ନଂ.	ଖାତା ନଂ.	ପ୍ଲଟ ନଂ.	ମୋଟ ରକବା	ଅଧିଗ୍ରହଣ ରକବା	କିସମ	ପ୍ରଜାଙ୍କ ନାମ	ମନ୍ତବ୍ୟ
୧	୨	୩	୪	୫	୬	୭	୮
୧	୨୪୧	୫୬୨	୦.୩୮୦	୦.୦୪	ଶାରଦ ଜଳ ଦୋଫସଲ	ଚକ୍ରଧର ସାହୁ, ପି:ଭାସ୍କର ସାହୁ, ଜା:ତେଲି, ବା:ରାଉତରାପୁର	
୨	୨୪୧	୫୬୯	୦.୧୪୦	୦.୦୭	ଶାରଦ ଜଳ ଦୋଫସଲ	ଚକ୍ରଧର ସାହୁ, ପି:ଭାସ୍କର ସାହୁ, ଜା:ତେଲି, ବା:ରାଉତରାପୁର	
୩	୭୩୪	୧୯୮୪	୦.୧୬୦	୦.୦୭	ଶାରଦ ଜଳ ଦୋଫସଲ	ରାମଚନ୍ଦ୍ର ବାରିକ, ପି:ନିଧି ବାରିକ, ଜା:ଗୋପାଳ, ବା:ରାଉତରାପୁର	
୪	୮୯୪/୧୦୯୬	୧୯୮୨	୦.୩୮୦	୦.୦୪	ଶାରଦ ଜଳ ଦୋଫସଲ	ବାସୁଦେବ ନାୟକ, ପି:ରାମଚନ୍ଦ୍ର ନାୟକ, ଗୋକୁଳାନନ୍ଦ ନାୟକ, ପି:ବାସୁଦେବ ନାୟକ, ଜା:ଖଣ୍ଡାୟତ, ବା:ବାସୁପୁର, ୟୁନିଟ ନଂ.୩, ରାଉତରାପୁର	
୫	୮୯୪/୧୪୯	୧୯୭୯	୦.୪୭୦	୦.୨୭	ଶାରଦ ଜଳ ଦୋଫସଲ	ସୂର୍ଯ୍ୟମଣି ସାହୁ, ସାବିତ୍ରୀ ସାହୁ, ପି:ନାରଣ ସାହୁ, ଯମୁନା ସାହୁ, ସ୍ୱା:ନାରଣ ସାହୁ, ବିଷ୍ଣୁ ସାହୁ, ଜୟରାମ ସାହୁ, ପି:ଜଗବନ୍ଧୁ ସାହୁ, ସୌମ୍ୟ ପ୍ରକାଶ ସାହୁ, ପି:ସୂର୍ଯ୍ୟମଣି ସାହୁ, ଜା:ତେଲି,ବା:ରାଉତରାପୁର	
୬	୮୯୪/୧୪୯	୧୯୪୮	୦.୧୫୦	୦.୧୧	ଶାରଦ ଜଳ ଦୋଫସଲ	ସୂର୍ଯ୍ୟମଣି ସାହୁ, ସାବିତ୍ରୀ ସାହୁ, ପି:ନାରଣ ସାହୁ, ଯମୁନା ସାହୁ, ସ୍ୱା:ନାରଣ ସାହୁ, ବିଷ୍ଣୁ ସାହୁ, ଜୟରାମ ସାହୁ, ପି:ଜଗବନ୍ଧୁ ସାହୁ, ସୌମ୍ୟ ପ୍ରକାଶ ସାହୁ, ପି:ସୂର୍ଯ୍ୟମଣି ସାହୁ, ଜା:ତେଲି,ବା:ରାଉତରାପୁର	
୭	୮୯୪/୯୩୪	୧୯୫୭	୦.୧୧୦	୦.୦୬	ଶାରଦ ଜଳ ଦୋଫସଲ	ମହେନ୍ଦ୍ର ସାହୁ, ଅକ୍ଷୟ ସାହୁ, ପି:ମୁରଲିଧର ସାହୁ, ରାଧି ସାହୁ, ସ୍ୱା:ମୁରଲିଧର ସାହୁ, ଜା:କୁବେର ପୁତ୍ର, ଲିପାରାଣୀ ବେହୁରିଆ, ସ୍ୱା:ସଞ୍ଜୟ କୁମାର ବେହୁରିଆ, ଜା:ଖଣ୍ଡାୟତ, ବା:ନିଜଗାଁ	
୮	୮୯୪/୯୩୪	୧୯୫୨	୦.୧୩୦	୦.୦୨	ଶାରଦ ଜଳ ଦୋଫସଲ	ମହେନ୍ଦ୍ର ସାହୁ, ଅକ୍ଷୟ ସାହୁ, ପି:ମୁରଲିଧର ସାହୁ, ରାଧି ସାହୁ, ସ୍ୱା:ମୁରଲିଧର ସାହୁ, ଜା:କୁବେର ପୁତ୍ର, ଲିପାରାଣୀ ବେହୁରିଆ, ସ୍ୱା:ସଞ୍ଜୟ କୁମାର ବେହୁରିଆ, ଜା:ଖଣ୍ଡାୟତ, ବା:ନିଜଗାଁ	
୯	୩୦୬	୧୯୫୯	୦.୧୩୦	୦.୦୨	ଶାରଦ ଜଳ ଦୋଫସଲ	ଦାମୋଦର ସେନାପତି, ପି:ବୃନ୍ଦାବନ ସେନାପତି, ଜା:ତେଲି, ବା:ରାଉତରାପୁର	
୧୦	୬୦୦	୧୯୫୫	୦.୨୦୦	୦.୧୫	ଶାରଦ ଜଳ ଦୋଫସଲ	ମଞ୍ଜୁଲତା ବେହେରା, ସ୍ୱା:ବିଶ୍ୱନାଥ ବେହେରା, ଜା:ଶିଅଳ, ବା:ଅବଦଲପୁର	
୧୧	୬୦୦	୧୯୫୧	୦.୧୧୦	୦.୦୧	ଶାରଦ ଜଳ ଦୋଫସଲ	ମଞ୍ଜୁଲତା ବେହେରା, ସ୍ୱା:ବିଶ୍ୱନାଥ ବେହେରା, ଜା:ଶିଅଳ, ବା:ଅବଦଲପୁର	
୧୨	୮୯୪/୨୨୨	୧୯୫୬	୦.୩୭୦	୦.୩୭	ଶାରଦ ଜଳ ଦୋଫସଲ	ବିରଞ୍ଚି ନାରାୟଣ ସାହୁ, ସୂର୍ଯ୍ୟ ନାରାୟଣ ସାହୁ, ବା: ରାଜ ନାରାୟଣ ସାହୁ, ପି:ଗୋଲକ ପ୍ରସାଦ ସାହୁ, ଜା: ତେଲି, ବା:ଆଙ୍କୁଲା	
୧୩	୧୫୭	୧୯୫୪	୦.୦୮୦	୦.୦୭	ଶାରଦ ଜଳ ଦୋଫସଲ	କୃପାସିନ୍ଧୁ ସାମନ୍ତ, ପି:ହରି ସାମନ୍ତ, ଜା:ବ୍ରାହ୍ମଣ, ବା:ନହରାପୁର, କିସ୍ମତ ଆଠଅଣା, ବା:ବାସୁଦେବ ସାମନ୍ତ, ପୂର୍ଣ୍ଣଚନ୍ଦ୍ର ସାମନ୍ତ, କୃଷ୍ଣଚନ୍ଦ୍ର ସାମନ୍ତ, ପି:ପହଲି ସାମନ୍ତ, ଜା:ବ୍ରାହ୍ମଣ, ବା:ନହରାପୁର, କିସ୍ମତ ଆଠଅଣା ବା:	
୧୪	୬୭୯	୧୯୪୬	୦.୨୭୦	୦.୨୭	ଶାରଦ ଜଳ ଦୋଫସଲ	ରଜନି ଯେନା, ଶଶି ଯେନା, ତାରା ଯେନା, କାମିନି ଯେନା, ପି:ଧନି ଯେନା, ସେତ ଯେନା, ସ୍ୱା: ଧନି ଯେନା, ଜା:ପାଣ, ବା:ଭାଗବତପୁର	
୧୫	୬୭୯	୬୨୧	୦.୦୯୦	୦.୦୯	ଶାରଦ ଜଳ ଦୋଫସଲ	ରଜନି ଯେନା, ଶଶି ଯେନା, ତାରା ଯେନା, କାମିନି ଯେନା, ପି:ଧନି ଯେନା, ସେତ ଯେନା, ସ୍ୱା: ଧନି ଯେନା, ଜା:ପାଣ, ବା:ଭାଗବତପୁର	
୧୬	୬୭୯	୧୯୪୦	୦.୧୪୦	୦.୧୪	ଶାରଦ ଜଳ ଦୋଫସଲ	ରଜନି ଯେନା, ଶଶି ଯେନା, ତାରା ଯେନା, କାମିନି ଯେନା, ପି:ଧନି ଯେନା, ସେତ ଯେନା, ସ୍ୱା: ଧନି ଯେନା, ଜା:ପାଣ, ବା:ଭାଗବତପୁର	
୧୭	୬୭୯	୧୯୪୧	୦.୧୬୦	୦.୧୬	ଶାରଦ ଜଳ ଦୋଫସଲ	ରଜନି ଯେନା, ଶଶି ଯେନା, ତାରା ଯେନା, କାମିନି ଯେନା, ପି:ଧନି ଯେନା, ସେତ ଯେନା, ସ୍ୱା: ଧନି ଯେନା, ଜା:ପାଣ, ବା:ଭାଗବତପୁର	
୧୮	୬୭୯	୧୯୩୯	୦.୦୬୦	୦.୦୬	ଶାରଦ ଜଳ ଦୋଫସଲ	ରଜନି ଯେନା, ଶଶି ଯେନା, ତାରା ଯେନା, କାମିନି ଯେନା, ପି:ଧନି ଯେନା, ସେତ ଯେନା, ସ୍ୱା: ଧନି ଯେନା, ଜା:ପାଣ, ବା:ଭାଗବତପୁର	
୧୯	୬୭୯	୧୯୩୫	୦.୩୩୦	୦.୩୩	ଶାରଦ ଜଳ ଦୋଫସଲ	ରଜନି ଯେନା, ଶଶି ଯେନା, ତାରା ଯେନା, କାମିନି ଯେନା, ପି:ଧନି ଯେନା, ସେତ ଯେନା, ସ୍ୱା: ଧନି ଯେନା, ଜା:ପାଣ, ବା:ଭାଗବତପୁର	
୨୦	୬୭୯	୧୯୩୬	୦.୧୧୦	୦.୧୧	ଶାରଦ ଜଳ ଦୋଫସଲ	ରଜନି ଯେନା, ଶଶି ଯେନା, ତାରା ଯେନା, କାମିନି ଯେନା, ପି:ଧନି ଯେନା, ସେତ ଯେନା, ସ୍ୱା: ଧନି ଯେନା, ଜା:ପାଣ, ବା:ଭାଗବତପୁର	
୨୧	୬୭୯	୧୯୩୮	୦.୦୨୦	୦.୦୨	ଶାରଦ ଜଳ ଦୋଫସଲ	ରଜନି ଯେନା, ଶଶି ଯେନା, ତାରା ଯେନା, କାମିନି ଯେନା, ପି:ଧନି ଯେନା, ସେତ ଯେନା, ସ୍ୱା: ଧନି ଯେନା, ଜା:ପାଣ, ବା:ଭାଗବତପୁର	
୨୨	୮୯୪/୯୭୯	୧୮୯୭	୦.୨୯୦	୦.୨୧	ଶାରଦ ଜଳ ଦୋଫସଲ	ରଜନି ଯେନା,ତାରା ଯେନା, କାମିନି ଯେନା, ପି:ଧନି ଯେନା, ସେତ ଯେନା, ସ୍ୱା:ଧନି ଯେନା, ଜା:ପାଣ, ବା:ଭାଗବତପୁର, ଉତ୍ତମ କୁମାର ନାୟକ, ପି:ବାବାଜି ନାୟକ, ଜା:ହାଡି, ବା:ଅବଦଲପୁର	
୨୩	୪୯୬	୧୯୪୭	୦.୧୭୦	୦.୧୭	ଶାରଦ ଜଳ ଦୋଫସଲ	ବାବାଜି ବେହେରା, ପି:ହାଡିବନ୍ଧୁ ବେହେରା, ରାମଚନ୍ଦ୍ର ବେହେରା, ଝୁଲି ବେହେରା, ପି:ସୋମନାଥ ବେହେରା, ରମା ବେହେରା, ସୀତା ବେହେରା, ପି:ଭଗବାନ ବେହେରା, ରତ୍ନାକର ବେହେରା, ପି:ଯୋଗେନ୍ଦ୍ର ବେହେରା, ଜା:ଶିଅଳ, ବା:ରାଉତରାପୁର	
୨୪	୪୨୩	୬୦୨	୦.୨୧୦	୦.୦୨	ଶାରଦ ଜଳ ଦୋଫସଲ	ପ୍ରଫୁଲ୍ଲ କୁମାର ନାୟକ, ପ୍ରଶାନ୍ତ କୁମାର ନାୟକ, ପି:ନଟବର ନାୟକ, ଜା:ଖଣ୍ଡାୟତ, ବା:ବାସୁପୁର	
୨୫	୩୯୯	୧୯୪୮	୦.୫୪୦	୦.୪୨	ଶାରଦ ଜଳ ଦୋଫସଲ	ପଦ୍ମନାଭ ବେହେରା, କେଶବ ବେହେରା, ପି:ପ୍ରଭାକର ବେହେରା, ଦିବାକର ବେହେରା, ପି:କାଳି ବେହେରା, ଜା:ଖଣ୍ଡାୟତ, ବା:ନିଜଗାଁ, ବିଜୟ କୁମାର ସାହୁ, ପି:ଅନନ୍ତ ସାହୁ, ଜା:ତେଲି, ବା:ଅବଦଲପୁର	
୨୬	୬୪୬	୧୯୪୫	୦.୧୯୦	୦.୦୫	ଶାରଦ ଜଳ ଦୋଫସଲ	ମୁରଲିଧର ସାହୁ, ପି:ରସିକ ସାହୁ, ଜା:ତେଲି, ବା:ଅବଦଲପୁର	
୨୭	୧୫୮	୧୯୪୨	୦.୩୦୦	୦.୦୬୬୬୭	ଶାରଦ ଜଳ ଦୋଫସଲ	କୃଷ୍ଣଚନ୍ଦ୍ର ରାଉତ, ରାମଚନ୍ଦ୍ର ରାଉତ, ଲକ୍ଷ୍ମୀଧର ରାଉତ, ପି:ବଂଶୀଧର ରାଉତ, ଜା:ଖଣ୍ଡାୟତ,ବା:ବାସୁପୁର	
୨୮	୧୫୮	୨୦୫୦	୦.୫୩୦	୦.୦୪୬୬୭	ଶାରଦ ଜଳ ଦୋଫସଲ	କୃଷ୍ଣଚନ୍ଦ୍ର ରାଉତ, ରାମଚନ୍ଦ୍ର ରାଉତ, ଲକ୍ଷ୍ମୀଧର ରାଉତ, ପି:ବଂଶୀଧର ରାଉତ, ଜା:ଖଣ୍ଡାୟତ,ବା:ବାସୁପୁର	
୨୯	୫୪୦	୧୯୩୭	୦.୦୩୦	୦.୦୨	ଶାରଦ ଜଳ ଦୋଫସଲ	ବିଦ୍ୟାଧର ପଣ୍ଡା, ପି:ଦଶରଥ ପଣ୍ଡା, ଜା:ବ୍ରାହ୍ମଣ, ବା:ଅବଦଲପୁର	
୩୦	୬୯୨	୧୯୩୪	୦.୧୦୦	୦.୦୧	ଶାରଦ ଜଳ ଦୋଫସଲ	ରବିନ୍ଦ୍ର ବେହେରା, ଅରୁଣ ବେହେରା, ଭାସ୍କର ବେହେରା, ରାଜ କିଶୋର ବେହେରା, ମାଧବି ବେହେରା, ମାଳତୀ ବେହେରା, ବିଣାପାଣି ବେହେରା, ପି:ଦିବାକର ବେହେରା, ସତ୍ୟଭାମା ବେହେରା, ସ୍ୱା:ଦିବାକର ବେହେରା, ଜା:ଖଣ୍ଡାୟତ, ବା:ନିଜଗାଁ, କିସ୍ମତ ଚାରିଅଣା, ବା:ପଦ୍ମଲାଭ ବେହେରା, କେଶବ ବେହେରା, ପି:ପ୍ରଭାକର ବେହେରା, ଜା:ଖଣ୍ଡାୟତ, ବା:ନିଜଗାଁ, କିସ୍ମତ ଚାରିଅଣା, ବା:ସରସ୍ୱତୀ ବେହେରା, ସ୍ୱା:ନନ୍ଦ ବେହେରା, ଜା:ଖଣ୍ଡାୟତ, ବା:ନିଜଗାଁ, କିସ୍ମତ ଚାରିଅଣା, ବା:ସୁଶିଳା ବେହେରା, ପି:କାଳି ବେହେରା, ଜା:ଖଣ୍ଡାୟତ, ବା:ନିଜଗାଁ, କିସ୍ମତ ଚାରିଅଣା ବା	
୩୧	୧୬୨	୧୯୨୪	୦.୧୪୦	୦.୦୨	ଶାରଦ ଜଳ ଦୋଫସଲ	କୃଷ୍ଣଚନ୍ଦ୍ର ପଣ୍ଡା, ଯୁଧିଷ୍ଠିର ପଣ୍ଡା, ପି:ପ୍ରାଣବନ୍ଧୁ ପଣ୍ଡା, ଜା:ବ୍ରାହ୍ମଣ, ବା:ଅବଦଲପୁର	
୩୨	୧୬୨	୧୯୨୬	୦.୫୬୦	୦.୦୨	ଶାରଦ ଜଳ ଦୋଫସଲ	କୃଷ୍ଣଚନ୍ଦ୍ର ପଣ୍ଡା, ଯୁଧିଷ୍ଠିର ପଣ୍ଡା, ପି:ପ୍ରାଣବନ୍ଧୁ ପଣ୍ଡା, ଜା:ବ୍ରାହ୍ମଣ, ବା:ଅବଦଲପୁର	
୩୩	୧୬୨	୧୯୩୦	୦.୨୧୦	୦.୦୩	ଶାରଦ ଜଳ ଦୋଫସଲ	କୃଷ୍ଣଚନ୍ଦ୍ର ପଣ୍ଡା, ଯୁଧିଷ୍ଠିର ପଣ୍ଡା, ପି:ପ୍ରାଣବନ୍ଧୁ ପଣ୍ଡା, ଜା:ବ୍ରାହ୍ମଣ, ବା:ଅବଦଲପୁର	
୩୪	୩୭୦	୧୮୯୮	୦.୦୭୦	୦.୦୭	ଶାରଦ ଜଳ ଦୋଫସଲ	ନିତ୍ୟାନନ୍ଦ ରାଉତ, ପି:ବୈଦ୍ୟନାଥ ରାଉତ, ଜା:ଖଣ୍ଡାୟତ, ବା:ବାସୁପୁର	
୩୫	୩୭୦	୧୯୦୦	୦.୬୦୦	୦.୨	ଶାରଦ ଜଳ ଦୋଫସଲ	ନିତ୍ୟାନନ୍ଦ ରାଉତ, ପି:ବୈଦ୍ୟନାଥ ରାଉତ, ଜା:ଖଣ୍ଡାୟତ, ବା:ବାସୁପୁର	
୩୬	୨୧୪	୧୮୯୫	୦.୦୯୦	୦.୦୯	ଶାରଦ ଜଳ ଦୋଫସଲ	ଗୋକୁଳାନନ୍ଦ ପରିଡ଼ା, ପି:ଲକ୍ଷ୍ମୀଧର ପରିଡ଼ା, ଜା:ଖଣ୍ଡାୟତ, ବା:ତ୍ରିଲୋଚନପୁର	
୩୭	୮୯୪/୪୬୩	୧୮୯୬	୦.୦୮୦	୦.୦୮	ଶାରଦ ଜଳ ଦୋଫସଲ	ଗଙ୍ଗାଧର ବେହେରା, ପି:ଶୁକଦେବ ବେହେରା, ଜା:ଶିଅଳ, ବା:ଅବଦଲପୁର	
୩୮	୨୨୦	୧୮୯୯	୦.୧୮୦	୦.୦୧	ଶାରଦ ଜଳ ଦୋଫସଲ	ଶରତ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ସାହୁ, ସୁକୁମାର ସାହୁ, ପି:ଗୋପାଳ ଚରଣ ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ପି:ଦର୍ଶନୀ ସାହୁ, ଜା:ତେଲି, ବା:ରାଉତରାପୁର	
	ମୋଟ		୪.୦୧୩୩୪				

OIPR-24163/14/0068/2324

Land Acquisition Officer (Civil)
Collectorate, Jajpur

ଓଡ଼ିଶା ସରକାର
ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଘୋଷଣା

File No.46 **Dt.31.01.24**

No.XXIX-20: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ପନ୍ଦରଭରଣିଆ**, ଥାନା-ଅନୁଗୋଳ, ତହସିଲ-ବଅଁରପାଳ, ଜିଲ୍ଲା- ଅନୁଗୋଳରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ-ବୁବୁରି-ସୁକିନ୍ଦା ନୂତନ ରେଳପଥ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୭, ତା.୨୧.୦୪.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ପନ୍ଦରଭରଣିଆ,** ଥାନା-ଅନୁଗୋଳ, ଜିଲ୍ଲା- ଅନୁଗୋଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଅନୁଗୋଳ — ତହସିଲ-ବଅଁରପାଳ

ଖାତା ନଂ.	ସତ୍ୱ	ପ୍ଲଟ ନଂ.	କିସମ	ମୋଟ ରକବା (ଏକର)	ଅଧିଗ୍ରହଣ ରକବା (ଏକର)	ରୟତଙ୍କ ନାମ
୮	ରୟତି	୫୩	ଶାରଦ ତିନି / ୧୨	୧.୬୨୦	୦.୧୦୦	କୁଳମଣି ପଧାନ, ପି:ରଘୁ ପଧାନ, ଦୂତିକା ଦେଇ, ପି:ହରି ପଧାନ, ଚନ୍ଦ୍ର ପଧାନ, ପି:ଅର୍ଜୁନ ପଧାନ,ଜା:ମାଟିଆ, ବା:ବୁଢାପଙ୍କ (ପନ୍ଦରଭରଣିଆ)
୧୨	ରୟତି	୫୨/୧୧୬	ଶାରଦ ତିନି / ୬	୨.୩୦୦	୦.୨୪୦	ଜଗବନ୍ଧୁ ଭୁତିଆ, ପି:ସୁବୁଦ୍ଧି ଭୁତିଆ, ଜା:ଗଉଡ, ବା:ବୁଢାପଙ୍କ, (ପଡା) ପନ୍ଦରଭରଣିଆ
	ରୟତି	୫୨	ଶାରଦ ତିନି / ୧୬	୧.୮୮୦	୦.୦୩୦	
୧୬	ରୟତି	୫୪	ଶାରଦ ତିନି / ୭	୦.୭୦୦	୦.୨୭୦	ଫକୀର ପଧାନ, ପି:ସନ୍ତୁ ପଧାନ, ଜା:ମାଟିଆ,ବା:ବୁଢାପଙ୍କ
୧୯	ରୟତି	୨୦	ଶାରଦ ତିନି / ୭	୦.୬୬୦	୦.୦୮୦	ବୈକୁଣ୍ଠ ନାଏକ, ଶିରିଆ ନାଏକ, ପି:ସପନି ନାଏକ, ଜା:ପାଣ, ବା:ମଝିକା, ବେଆଇନ ସାଦା କାଗଜ ଖରିଦ ସୂତ୍ରେ ଦଖଲ ବା:ଅଥାନି ସାହୁ, ପି:ରୁଷିଆ ସାହୁ, ଜା:ଗଉଡ, ବା:ବୁଢାପଙ୍କ (ପଡା) ପନ୍ଦରଭରଣିଆ, ତା.୧୦.୦୫.୫୪ ଜରସମନ ଟଙ୍କା ୬୮/- ବା:
			ମୋଟ		୦.୭୨୦	

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ................... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ଅନୁଗୋଳ — ତହସିଲ-ବଅଁରପାଳ

ଗ୍ରାମର ନାମ	ଗ୍ରାମୀଣ /ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ମୋଟ ରକବା	ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ନୁହେଁ							

• ଅଧିସୂଚନାର ବୈଧ ତାରିଖ- ....।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଅନୁଗୋଳ-ବୁବୁରି-ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଅନୁଗୋଳ

OIPR-24012/14/0021/2324

See Career Appointment on every Wednesday & Saturday

ଗାଡ଼ି ଧକ୍କାରେ ଯୁବକ ମୃତ

ପାଣିକୋଇଲି,(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ହାଟସାହି ମହିନ୍ଦ୍ରା ଶୋ'ରୁମ ନିକଟରେ ଶନିବାର ଭୋର ସମୟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ସଦର ଥାନା ଭୁବନେଶ୍ୱରପୁର ପଞ୍ଚାୟତ ବାଙ୍କସାହି ଗ୍ରାମର ରାମଚନ୍ଦ୍ର ସାହୁଙ୍କ ପୁଅ ପଦ୍ମଲୋଚନ(୩୫)। ସେ ପାଣିକୋଇଲିରୁ ଘରକୁ ଫେରୁଥିବା ସମୟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପାଣିକୋଇଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପଦ୍ମଲୋଚନ ପାଣିକୋଇଲିରେ ହୋଟେଲ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ।

ରାସ୍ତାରେ ବାଇକ୍ ଆରୋହୀଙ୍କୁ ହତ୍ୟା

ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗଜିପାଢ଼ୀ ଛକ ନିକଟରେ କୁଆଖିଆ-ଯାଜପୁର ଟାଉନ୍ ଜାତୀୟ ରାଜପଥ ଅବରୋଧ କରାଯାଇଛି।

- ବିକୃତ ମସ୍ତିଷ୍କଙ୍କ ଜରିଆରେ ହତ୍ୟା ଅଭିଯୋଗ
- ଥାନା ଘେରାଉ, ରାସ୍ତା ଅବରୋଧ

ଯାଜପୁର(ହର୍ଷବର୍ଦ୍ଧନ ବେହେରା/ସମର ବିଜୟ ଶରଣ), ୯।୩

ଯାଜପୁର ଜିଲା ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ଗ୍ରାମ ନିକଟ ରାସ୍ତାରେ ଶନିବାର ଜଣେ ବାଇକ୍ ଆରୋହୀଙ୍କୁ କଟୁରିରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ ସପ୍ତେଶ୍ୱରପୁର ଗ୍ରାମର କ୍ଷୁଦ୍ର ବ୍ୟବସାୟୀ କାଳନ୍ଦୀ ମଲ୍ଲିକ(୬୨)। ପୋଲିସ ଅଭିଯୁକ୍ତ ଜମଧର ଗ୍ରାମର ସୁରେନ୍ଦ୍ର ବେହେରା(୫୦)ଙ୍କୁ ଗିରଫ କରିଥିବାବେଳେ ତାଙ୍କର ବିକୃତ ମସ୍ତିଷ୍କ ଥିବା ଏବଂ ସେ ପାଗଳଙ୍କ ଆଚରଣ କରି ବୁଲୁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଅନ୍ୟପକ୍ଷରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି କାଳନ୍ଦୀଙ୍କ ପରିବାର ଲୋକେ କହିଛନ୍ତି। କେହି ଜଣେ ଯୋଜନାବଦ୍ଧ ଭାବେ ସୁରେନ୍ଦ୍ରଙ୍କୁ ବ୍ୟବହାର କରି ଏହି ହତ୍ୟାକାଣ୍ଡ ଘଟାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପରି କି କାଳନ୍ଦୀଙ୍କ ପରିବାର ଲୋକେ ଏବଂ ତାଙ୍କ ଗ୍ରାମବାସୀ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ସଦର ଥାନା ଘେରାଉ କରିଛନ୍ତି। ଏହା ସମେତ ସନ୍ଧ୍ୟାରେ କୁଆଖିଆ-ଯାଜପୁର ଟାଉନ ୨୦ ନମ୍ବର ଜାତୀୟ ରାଜପଥର ଗଜିପାଢ଼ୀ ଛକ ନିକଟରେ ଶତାଧିକ ଲୋକ ରାସ୍ତା ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି। ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଯାଜପୁର ତହସିଲଦାର ଅରବିନ୍ଦ ବେହେରା, ଯାଜପୁର ଟାଉନ ଥାନା ଅଧିକାରୀ ବିଲ୍ଲ ମଙ୍ଗଳ ସେଠୀ ଓ ଡିଏସ୍‌ପି ସତ୍ୟବ୍ରତ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଥିବା ସୂଚନା ମିଳିଛି। ସଦର ଥାନା ପୋଲିସ ଅଭିଯୋଗକୁ ଆଧାର କରି ଆଇପିସି ଦଫା ୩୦୨ ଅନୁଯାୟୀ ୬୭/୨୦୨୪ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁସାରେ ଶନିବାର ସକାଳ ୭ଟାରେ କାଳନ୍ଦୀ ନିଜ ଗ୍ରାମର ରଙ୍କ ମଲ୍ଲିକ ଓ ମୁନା ମଲ୍ଲିକଙ୍କ ସହ ଏକ ବାଇକ ଯୋଗେ କୌଣସି କାର୍ଯ୍ୟରେ ଯାଇ ନିଜ ଘରକୁ ଫେରୁଥିଲେ। ସେମାନେ ଜମଧର ଗାଁ ରାସ୍ତା ହୋଇ ଆସୁଥିବାବେଳେ ସୁରେନ୍ଦ୍ର ହଠାତ୍ ବାଇକକୁ ଅଟକାଇ ଧାରୁଆ କଟୁରିରେ କାଳନ୍ଦୀର ବେକକୁ ପଛପଟୁ ଗୋଟିଏ ଚୋଟ ମାରିଥିଲେ। ଫଳରେ କାଳନ୍ଦୀ ବାଇକରୁ ରାସ୍ତାକଡ଼କୁ ପଡ଼ିଯାଇଥିଲେ। ଏହାପରେ ସୁରେନ୍ଦ୍ର କାଳନ୍ଦୀଙ୍କୁ ଆଉ ୨ରୁ ୩ ଚୋଟ କଟୁରି ମାଡ଼ କରିଥିଲେ। ଫଳରେ ଘଟଣାସ୍ଥଳରେ କାଳନ୍ଦୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ଦେଖି କାଳନ୍ଦୀ ସହ ବାଇକରେ ଯାଇଥିବା ଅନ୍ୟ ଦୁଇଜଣ ଜୀବନ ବିକଳରେ ସ୍ଥାନ ଛାଡ଼ି ଦୌଡ଼ି ପଳାଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ସଦର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ସଦଳବଳ ପହଞ୍ଚି ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ କାବୁ କରି ନେବା ସହ ହତ୍ୟା ଘଟଣାରେ ବ୍ୟବହୃତ କଟୁରିକୁ ଜବତ କରିଛି। ଏହାସହ ପୋଲିସ ଓ ସାଇଣ୍ଟିଫିକ ଟିମ ସହାୟତାରେ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ପ୍ରକାଶ ଯେ, ସଦର ଥାନାରେ ଆବଶ୍ୟକ କର୍ମଚାରୀଙ୍କ ସହ ଥାନା ଅଧିକାରୀ ପଦବୀ ଦୀର୍ଘଦିନ ହେଲା ଖାଲି ପଡ଼ିଛି। ଫଳରେ ଏହି ଥାନା ଅଞ୍ଚଳରେ ବିଭିନ୍ନ ପ୍ରକାରର ଆପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ହତ୍ୟାକାଣ୍ଡ ସମ୍ପର୍କରେ ଥାନାର ଭାରପ୍ରାପ୍ତ ଅଧିକାରୀ ସୁବାଶିଷ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ତଦନ୍ତ ଜାରି ରହିଛି। ଖୁବଶୀଘ୍ର ସତ୍ୟତା ଜଣାପଡ଼ିବ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ବିପ୍ଳବ

@ ଚନ୍ଦ୍ରଶେଖର

@ ହରିଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ସଂକ୍ଷେପରେ

ଚୋରି ଅଭିଯୋଗରେ ୬ ଗିରଫ, ସାମଗ୍ରୀ ଜବତ

କଳିଙ୍ଗନଗର,୯।୩(ଶୁଭାଶିଷ ରାଉତ):

କଳିଙ୍ଗନଗରର ବିଭିନ୍ନ ଥାନା ଅଞ୍ଚଳରେ କିଛି ମାସ ପୂର୍ବେ ଚୋରି ହୋଇଥିବା ବିଭିନ୍ନ ମାମଲାରେ ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଚୋରି ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ରୋଡ ଅଞ୍ଚଳର ସେକ୍ ସାବିର, ତ୍ରିଜଙ୍ଗା କଲୋନୀର ଚନ୍ଦନ ପାତ୍ର, ସାରଙ୍ଗପୁରର ଗୌତମ ଜେନା, ତ୍ରିଜଙ୍ଗାର ଧନେଶ୍ୱର ପୂର୍ତ୍ତି ଓ କବାଟବନ୍ଧର ଲକ୍ଷ୍ମୀଧର ସାହୁ ପ୍ରମୁଖ। ଅଭିଯୁକ୍ତଙ୍କ ନିକଟରୁ ୨୦ ମୋବାଇଲ ଫୋନ, ୧୦ ହଜାର ଟଙ୍କା, ଏକ ହୋଣ୍ଡା ଆକ୍ଟିଭା, ୨ ଲାପଟପ, ଗୋଟିଏ ଟ୍ୟାବ, ୧ କ୍ୟାମେରା, କାନଫୁଲ ୨ ହଳ, ସାଂକ୍ଷୀ ୨ ହଳ ଓ ୨ ମୁଦି ଜବତ ହୋଇଛି। ଚୋରି ସମ୍ପର୍କରେ ଯଖପୁରା ଥାନାରେ ୨, କଳିଙ୍ଗନଗରରେ ୨ ଓ ସୁକିନ୍ଦା ଥାନାରେ ୨ ଅଭିଯୋଗ ହୋଇଥିଲା। କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଏସ୍ ଟୋପ୍ପ ୩ ଥାନା ଅଧିକାରୀଙ୍କ ସହ ମିଳିତ ଭାବେ ଏକ ଟିମ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଏନେଇ ଯଖପୁରା ଥାନାରେ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଏହି ସୂଚନା ଦେଇଛନ୍ତି।

ମନ୍ଦିରରେ ନିଆଁଲାଗି ସାମଗ୍ରୀ ଜଳିଗଲା

ଚଢ଼େଇଧରା,୯।୩(ଦିଲୀପ ପରିଡ଼ା):

ଧର୍ମଶାଳା ବ୍ଲକ ଗଡ଼ମଧୁପୁର ପଞ୍ଚାୟତ ଅଧୀନ କୁକୁଡ଼ା ଖାଳେଇ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ଗର୍ଭଗୃହରେ ନିଆଁଲାଗିଛି। ଫଳରେ ଚାନ୍ଦୁଆ ସହିତ ଫୁଲ ଛତ୍ରୀ ଓ କିଛି ପୂଜା ସାମଗ୍ରୀ ଜଳିଯାଇଛି। ଶୁକ୍ରବାର ଜାଗର ଥିବାରୁ ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତ ମନ୍ଦିର ଚତୁଃପାର୍ଶରେ ଦୀପ ଦାନ କରିଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ଗହଳଚହଳ ଲାଗି ରହିଥିଲା। ମୁଖ୍ୟପୂଜକ ପୂଜାର୍ଚ୍ଚନା ପରେ ମହାଦୀପ ଉଠାଇ ମନ୍ଦିରରେ ପହୁଡ଼ ପକାଇ ଚାଲି ଯାଇଥିଲେ। ଭୋର ସମୟରେ ସ୍ଥାନୀୟ ଜଣେ ବ୍ୟକ୍ତି ମନ୍ଦିର ପ୍ରାଙ୍ଗଣ ଝାଡୁ କରିବାକୁ ଯାଇଥିବାବେଳେ ମନ୍ଦିରରୁ ପୋଡ଼ା ଗନ୍ଧ ଆସୁଥିବା ଜାଣି ଲୋକଙ୍କୁ ଡାକିଥିଲେ। ପରେ ଦ୍ୱାର ଖୋଲିବାରୁ ଗର୍ଭ ଗୃହରେ ନିଆଁ ଲାଗି ଥିବା ଦେଖିବାକୁ ମିଳିଥିଲା। ପୋଖରୀରୁ ପାଣି ଆଣି କୁହୁଳା ନିଆଁ ଲିଭାଯାଇଥିଲା।

୨ ବାଇକ୍ ଧକ୍କା, ଜଣେ ମୃତ

ବରୀ,୯।୩(ମହେନ୍ଦ୍ର ସ୍ୱାଇଁ):

ବରୀକଳାମାଟିଆ ଗାନ୍ଧୀ ସଡ଼କର ସାଇମନ୍ଦିର ନିକଟରେ ୨ ବାଇକ୍ ଅରୋହୀଙ୍କ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଅନ୍ୟାସୀପୁର ଗ୍ରାମର ବାଙ୍କବିହାରୀ ମଲ୍ଲିକ(୩୪)। ସେ ବରୀ ମାଉଣ୍ଡରୁ ଘରକୁ ଫେରୁଥିବାବେଳେ ଅନ୍ୟ ଜଣେ ବାଇକ ଅରୋହୀଙ୍କ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ସେଠାରେ ବାଙ୍କବିହାରୀଙ୍କ ମୃତ୍ୟୁ ହୋଇଛି। ଗୁରୁତର ଯୁବକଙ୍କ ପରିଚୟ ମିଳିପାରି ନାହିଁ।

ପୂର୍ବ ଶତ୍ରୁତାରୁ ମାରପିଟ, ଜଣେ ଗିରଫ

ଧର୍ମଶାଳା,୯।୩(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଖରିପଡ଼ିଆ ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ମାରପିଟ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ମୁତାବକ, ଜାଗର ଯାତ୍ରା ପାଇଁ ସ୍ଥାନୀୟ ଶିବମନ୍ଦିରରେ ଗୌରାଙ୍ଗ ବେହେରା, ବିକାଶ ନାୟକ ଓ ରାଜକିଶୋର ନାୟକ ମଣ୍ଡପରେ ବସି ବ୍ୟବସ୍ଥା କରୁଥିବାବେଳେ ସେହି ଗ୍ରାମର କେତେଜଣ ଯୁବକ ପହଞ୍ଚି ସେମାନଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ଗୌରାଙ୍ଗଙ୍କ ସମେତ ୩ ଜଣ ଗୁରୁତର ହୋଇଥିଲେ। ଲୋକେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଚିକିତ୍ସା ପରେ ଗୌରାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରାହ୍ନରେ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ତପନ ନାୟକ ସୂଚନା ଦେଇଛନ୍ତି।

ବିଶ୍ୱ ମହିଳା ଦିବସରେ ଗଣବିବାହ

ଗଣ ବିବାହରେ ସମ୍ମିଳିତ ହୋଇଥିବା ବରକନ୍ୟା ଯୋଡ଼ି।

ଯାଜପୁରରୋଡ୍,୯।୩(ପବିତ୍ର ରଞ୍ଜନ ମହାନ୍ତି):

ବିଶ୍ୱ ମହିଳା ଦିବସ ଅବସରରେ ଯାଜପୁର ଜିଲାର ଅଗ୍ରଣୀ ମହିଳା ସଂଗଠନ ନବଉତ୍କଳ ମହିଳା ସମିତି ପକ୍ଷରୁ ୭ଯୋଡ଼ା ବର କନ୍ୟାଙ୍କୁ ନେଇ ଗଣବିବାହ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗରସ୍ଥିତ ପାଦୁକା ଆଶ୍ରମଠାରେ ସମିତି ସମ୍ପାଦିକା ଜୟନ୍ତୀ ଜେନାଙ୍କ ଅଧକ୍ଷତାରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିରେ ଛତ୍ରକଣାର ମାଧବ ପାତ୍ରଙ୍କ ସହ ରାବଣାର ସବିତା ପାତ୍ର, ବରଡ଼ିର ଅମର ଦାସଙ୍କ ସହ କୋଣାର୍କର ରେବତୀ ଦାସ, ଖଣ୍ଡିତରର ଜଗବନ୍ଧୁ ମଲ୍ଲିକଙ୍କ ସହ ବେଣ୍ଟପୁରର ମେନକା ମଲ୍ଲିକ, ଖଣ୍ଡାହତାର କେଶବ ମଲ୍ଲିକଙ୍କ ସହ ମୁଣ୍ଡମାଳର ରଶ୍ମି ମଲ୍ଲିକ, ତେଲିବାହାଳୀର ଅନାମ ସାହୁଙ୍କ ସହ ନିହଳପ୍ରସାଦର ଶାନ୍ତି ପ୍ରଧାନ, ସୋଲପଟାର ଦୀପକ ଯେନାଙ୍କ ସହ ବନ୍ଧାଳର ଟିକି ମଲ୍ଲିକ, ହୁଡ଼ିସାହିର ରାଜୁ ଓଝାଙ୍କ ସହ ଗୀତା ମଣ୍ଡଳଙ୍କ ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମରେ ମହିଳା ସମିତି ଉପଦେଷ୍ଟା ଶାନ୍ତିଲତା ମାଝି, ସଭାନେତ୍ରୀ ଅମୂଲୀ ପହିଙ୍କ ସମେତ ଯେମାମଣି କଅଁର, ରେଣୁବାଳା ପ୍ରଧାନ, ମମତା ବର୍ଦ୍ଧନ, ଦୀପ୍ତି ପଣ୍ଡା, ସୁଜାତା ବାରିକ, କବିତା ପାତ୍ର, ପୁଷ୍ପଲତା ମଲ୍ଲିକ, ରୀନା ସ୍ୱାଇଁ, ଜାନକୀ ସିଂ, ଜଞ୍ଜାଳି ମଲ୍ଲିକ, ସ୍ୱପ୍ନାରାଣୀ ସିଂ, ମାନସୀ ମଲ୍ଲିକ, ଗୀତାରାଣୀ ନାୟକ, ବିନିଲତା ଶତପଥୀ, ପ୍ରଭାତି ପରିଡ଼ା, ସୁଜାତା ପରିଡ଼ା, ସୁନିତା ଦାସ, ନେତ୍ରମଣି ମାରାଣ୍ଡି, ଅପର୍ଣ୍ଣା ବାରି, ମମତା ମଲ୍ଲିକ, ଲତା ଯେନା, ସଞ୍ଜୁଲତା ଦାସ, ଲକ୍ଷ୍ମୀପ୍ରିୟା ଯେନା, ସଞ୍ଜୁଲତା ଯେନା ଓ ସରସ୍ୱତୀ ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

ଯାଜପୁର ଜିଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଯାଜପୁର ଟାଉନ,୯।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୪୭ ମକୋଦ୍ଦମା ଫଇସଲା କରାଯାଇଛି। ଏଥି ମଧ୍ୟରୁ ୫୭୮ ଫୌଜଦାରୀ, ୨୩ ମୋଟର ଦୁର୍ଘଟଣା ଜନିତ, ୧୧୫ ଦେୱାନୀ, ୩୦ ପାରିବାରିକ କଳହ ଏବଂ ଗୋଟିଏ ଖାଉଟି ବିବାଦର ଫଏସଲା କରାଯାଇ ୨ କୋଟି ୨୨ଲକ୍ଷ ୧୩ ହଜାର ୮୭୩ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏତଦ୍‌ବ୍ୟତିତ ବିଭିନ୍ନ ବ୍ୟାଙ୍କର ମୋଟ୍ ୧୨୦ ପ୍ରାକ୍ ବିଚାରାଧୀନ ମାମଲା ଫଏସଲା କରାଯାଇ ୩୧ଲକ୍ଷ ୪୮ହଜାର ୨୨୧ଟଙ୍କା ଆଦାୟ କରାଯାଇଛି। ୩୪ ପ୍ରାକ୍ ବିଦ୍ୟୁତ୍ ସମ୍ବନ୍ଧୀୟ ଫଏସଲା କରାଯାଇ ୧୮ଲକ୍ଷ ୫୪ ହଜାର ୬୨୪ଟଙ୍କା ଆଦାୟ କରାଯାଇଛି। ୬ ଟେଲିଫୋନ୍ ସମ୍ବନ୍ଧନୀୟ ପ୍ରାକ୍ ବିଚାରାଧୀନ ମାମଲା ଫଏସଲା କରାଯାଇ ୧୫ ହଜାର ୬୦୦ ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତକୁ ଜିଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଡ. ଜୀବନଜ୍ୟୋତି ରଥ ଉଦ୍‌ଘାଟନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିଲେ। ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ହୃଷୀକେଶ ସାହୁ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ ପ୍ରମୁଖ ଅଂଶଗ୍ରହଣ କରି ବିଭିନ୍ନ କେକାଦ୍ଦମାର ଫଏସଲା କରିଥିଲେ।

ଟିଙ୍ଗୁଡ଼ିଆ ନାଳରେ କୁମ୍ଭୀର

ବରୀ,୯।୩(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ ଅଧୀନ ତନ୍ତୀ ଘାଇ ଶାଖା ଟିଙ୍ଗୁଡ଼ିଆ ନାଳରେ କୁମ୍ଭୀର ଦେଖିବାକୁ ମିଳିଛି। ନାଳରେ କୁମ୍ଭୀର ଚଳପ୍ରଚଳ କରୁଥିବା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହେବା ସହ ସରପଞ୍ଚ ପ୍ରଭାତୀ ପଲେଇଙ୍କୁ ସୂଚନା ଦେଇଛନ୍ତି। ସରପଞ୍ଚ ବନ ବିଭାଗକୁ ଫୋନ ମାଧ୍ୟମରେ ଜଣାଇଛନ୍ତି। ଏଥିସହିତ ପଞ୍ଚାୟତ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ନାଳକୁ କୌଣସି ବ୍ୟକ୍ତି ନ ଯିବାକୁ ସଚେତନ କରାଯାଇଛି। ପରେ ବନ ବିଭାଗ ପକ୍ଷରୁ ନାଳ କୂଳରେ ଏକ ସତର୍କ ବ୍ୟାନର ଲଗାଯାଇଛି। ଏହି ନାଳ ଅଧିକ ଗଭୀର ହୋଇଥିବାରୁ ସ୍ଥାନୀୟ ଲୋକେ ଦେଶୀ ଡଙ୍ଗା ଓ ଭୁଟୁଭୁଟିରେ ନାଳ ପାର ହେଉଛନ୍ତି। ବିଶେଷକରି ଭଅଁରା, ଭୁରୁଙ୍ଗା, ଚଟୁମାରୀ, ବୋଦୁଅ, କନ୍ତିଆ, କୁମ୍ଭକା ଓ ରାଇପୁର ଗ୍ରାମର ଚାଷୀମାନେ ନଦୀ ପାର ହୋଇ ଯାଇ କୃଷି କାର୍ଯ୍ୟ କରିଥାନ୍ତି। ସେମାନଙ୍କ ପାଇଁ ଏବେ ବିପଦ ସୃଷ୍ଟି ହୋଇଛି।

ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା

ପାଣିକୋଇଲି,୯।୩(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଗ୍ରାମର ଜଣେ ଯୁବତୀ ବିଷପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଗ୍ରାମର ସୁବାସ ପରିଡ଼ାଙ୍କ ଝିଅ ସୁଷମା ପରିଡା(୨୪)। ଗତ ୩ ତାରିଖରେ ସୁଷମା ବିଷ ପିଇଦେଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ହୋଇଛି। ଅପରାହ୍ନରେ ମୃତଦେହ ଆସି ପହଞ୍ଚିବା ପରେ ଗାଁ ଶଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ବିବାହ ସ୍ଥିର ହୋଇଥିଲା। ରାତ୍ରିରେ ପାଣିକୋଇଲି କଲ୍ୟାଣ ମଣ୍ଡପରେ ବିବାହ ହେବାକୁ ଥିବାବେଳେ ସକାଳୁ ସେ ବିଷ ପିଇଥିଲା। ପରିବାର ପକ୍ଷରୁ ତାଙ୍କୁ ପ୍ରଥମେ ଯାଜପୁର ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ତେବେ ସେ କାହିଁକି ବିଷ ପିଇ ଆତ୍ମହତ୍ୟା କଲେ ତାହା ଜଣାପଡ଼ିନାହିଁ।

୧୦୭୮ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ଅଧିକାରୀଙ୍କ ଗହଣରେ ହିତାଧିକାରୀ।

୧୯ ଜଣଙ୍କୁ ମିଳିଲା ବ୍ୟାଟେରି ଚାଳିତ ଗାଡ଼ି

ରସୁଲପୁର,୯।୩(ରଞ୍ଜିତ ରାଉତ):

ରସୁଲପୁର ବ୍ଲକରୁ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ୯ ପଞ୍ଚାୟତର ୧୦୭୮ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏଥିସହିତ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ହାତପାଣ୍ଠି ବ୍ୟୟରେ ୧୯ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରି ଚାଳିତ ଗାଡି ପ୍ରଦାନ କରାଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଭତ୍ତା ବଣ୍ଟନ ମେଳାରେ ବିଡିଓ ଅବନିକାନ୍ତ ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଶାଳା ବ୍ଲକ୍ ଅଧକ୍ଷ ପ୍ରଭାତ ବଳବନ୍ତରାୟ, ସମ୍ମାନିତ ଅତିଥି ଅରୁଣ ରାଉତ, ଏମ୍‌ପିଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ନାୟକ, ଅତିରିକ୍ତ ବିଡିଓ ଦିବ୍ୟକାନ୍ତି ମିଶ୍ର ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିନତି ରାଉତ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ଓ ତିନିଚକିଆ ଗାଡ଼ି ପ୍ରଦାନ କରିଥିଲେ। ବ୍ଲକ ଉପବିଭାଗୀୟ ଅଧିକାରୀ ହିରିଶ ହାଂସଦା, କର୍ମଚାରୀ କୁଶଧ୍ୱଜ ପରିଡ଼ା, ଗଗନ ବିହାରୀ ସାହୁ ଓ ରତିକାନ୍ତ ମିଶ୍ରଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ୍ ଏବଂ ସରପଞ୍ଚମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ

ଯାଜପୁର ଟାଉନ,୯।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ରୌଦ୍ରତାପ, ଅଂଶୁଘାତ, ଜଳ ଓ ବିଜୁଳି କଷ୍ଟ ନିବାରଣ ପ୍ରସ୍ତୁତି ବୈଠକ

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଆନୁକୂଲ୍ୟରେ ରୌଦ୍ରତାପ, ଅଂଶୁଘାତ, ଜଳ ଓ ବିଜୁଳି କଷ୍ଟ ନିବାରଣ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ଅଧକ୍ଷତା କରି ଅଂଶୁଘାତ ଓ ପ୍ରଚଣ୍ଡ ରୌଦ୍ରତାପର ମୁକାବିଲା ଏକ ସାମୂହିକ ଦାୟିତ୍ୱ। ଲୋକଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟରେ ଅଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଲଗାଇବା, ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକେ ପ୍ରଚଣ୍ଡ ଖରାରେ ଅତି ଆବଶ୍ୟକ ନ ହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା ଓ କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ଜଳଛତ୍ରରେ ପାଣିକୁ ବିଶୁଦ୍ଧ ଭାବେ ରଖିବା, ଜନଗହଳିପୂର୍ଣ୍ଣ ସ୍ଥାନରେ ଟ୍ୟାଙ୍କି ମାଧ୍ୟମରେ ପାନୀୟ ଜଳ ରଖିବାକୁ ସେ କହିଥିଲେ।

ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌରପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ୍ ଲାଇନ୍‌ଗୁଡ଼ିକୁ ଯୁଦ୍ଧକାଳୀନ ଭିତିରେ ମରାମତିକରିବା, ଅଧିକ ଟ୍ୟାଙ୍କର ଯୋଗାଡ଼ କରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଜଳ ସମସ୍ୟା ସମ୍ପର୍କିତ କୌଣସି ଅଭିଯୋଗ ଯେପରି ନ ଆସେ ସେ ଦିଗରେ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ।

ପଞ୍ଚାୟତ ଓ ବ୍ଲକସ୍ତରରେ ପାନୀୟ ଜଳ ସେବା କେନ୍ଦ୍ର ଖୋଲିବା, ଜିଲା ଜରୁରୀ ବିଭାଗ ତରଫରୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବା, ବ୍ଲକ, ତହସିଲ ଓ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟଗୁଡ଼ିକରେ ଅନୁରୂପ ଭାବେ ନିୟନ୍ତ୍ରଣ କକ୍ଷ ଖୋଲିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଂଶୁଘାତ ଚିକିତ୍ସା କକ୍ଷ ବ୍ୟବସ୍ଥା କରିବା, ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ପ୍ରତି ଗାଁ ପ୍ରବେଶ ପଥରେ ଜଳ କୁଣ୍ଡ ବ୍ୟବସ୍ଥା କରିବା, ଶ୍ରମିକ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା, କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟ ଜଳ, ଓଆରଏସ୍ ବ୍ୟବସ୍ଥା କରିବା, ମଧ୍ୟାହ୍ନରେ ବସ୍ ଚଳାଚଳ ବନ୍ଦ ରଖିବା, ବସ୍‌ରେ ପର୍ଯ୍ୟାପ୍ତ ପାନୀୟ ଜଳ, ବରଫ ଇତ୍ୟାଦି ବ୍ୟବସ୍ଥା କରିବା, ଶିକ୍ଷାନୁଷ୍ଠାନ ଗୁଡିକ ସରକାରୀ ଘୋଷଣା ଅନୁସାରେ କ୍ଲାସ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବ୍ୟକ୍ତି ନିଜ ଘର ଛାତ ବା ଖୋଲା ସ୍ଥାନରେ ପକ୍ଷୀ ଓ ପ୍ରାଣୀଙ୍କ ପାଇଁ ଜଳପୂର୍ଣ୍ଣ ପାତ୍ର ରଖିବାକୁ ଅନୁରୋଧ କରାଯାଇଥିଲା। କେନାଲରେ ଜଳ ଯୋଗାଣ କରିବାକୁ ଜଳସେଚନ ବିଭାଗର ଅଧିକାରୀଙ୍କୁ କୁହାଯାଇଥିଲା। ସେହିପରି ବରିଷ୍ଠ ଅଧିକାରୀଙ୍କୁ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ଏସବୁର ସମୀକ୍ଷା ପାଇଁ ପରାମର୍ଶ ଦିଆଯାଇଥିଲା। ବୈଠକକୁ ଜିଲା ଜରୁରୀ ଅଧିକାରୀ ସଞ୍ଚାଳନ କରିଥିଲେ। ଅନ୍ୟ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର ଓ ବିଡିଓ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଜଗତ୍‌ସିଂହପୁରରେ ରିହାତି ଚାଉଳ, ଡାଲି ପାଇଁ ଠେଲାପେଲା

ଜଗତ୍‌ସିଂହପୁର, ୯।୩ (ପ୍ରମୋଦ କୁମାର ନାୟକ)

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ କେନ୍ଦ୍ର ସରକାର ଖାଉଟିଙ୍କୁ ରିହାତି ଦରରେ ଚାଉଳ, ଚଣା ଡାଲି, ଅଟା, ଚିନି, ତେଲ ଓ ପିଆଜ ଯୋଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନାଫେଡ୍ (ନ୍ୟାଶନାଲ ଆଗ୍ରିକଲଚରାଲ କୋ-ଅପରେଟିଭ ମାର୍କେଟିଂ ଫେଡେରେଶନ ଅଫ ଇଣ୍ଡିଆ) ଏବଂ ଏନ୍‌ସିସିଏଫ୍ (ନ୍ୟାଶନାଲ କୋ-ଅପରେଟିଭ କଞ୍ଜ୍ୟୁମର୍ସ ଫେଡେରେଶନ ଅଫ ଇଣ୍ଡିଆ) ପକ୍ଷରୁ ବ୍ୟକ୍ତିଗତ ଏବଂ ମୋବାଇଲ ଆଉଟଲେଟ୍ (ଭ୍ୟାନ) ଜରିଆରେ ଏସବୁ ଖାଦ୍ୟ ସାମଗ୍ରୀ ଯୋଗାଇବା ପାଇଁ ସ୍ଥିର ହୋଇଛି। ଏହାବାଦ୍ ଏହି ସାମଗ୍ରୀ ଲୋକଙ୍କୁ ଯୋଗାଯିବା ପାଇଁ ଅନ୍ୟ ରିଟେଲ ଆଉଟଲେଟ୍ ଏବଂ ଇ-କମର୍ସ ପ୍ଲାଟ୍‌ଫର୍ମକୁ ସମ୍ପ୍ରସାରିତ କରାଯାଇଛି। ଚାଉଳ ବିଶେଷକରି ୫ ଓ ୧୦ କିଲୋଗ୍ରାମର ପ୍ୟାକେଟ୍ ରହିଛି। ଏହା ବଜାର ଦରଠାରୁ କମ୍ ଦାମରେ ଅର୍ଥାତ୍ କିଲୋଗ୍ରାମ ପ୍ରତି ଦର ସର୍ବାଧିକ ୨୯ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଭାରତ ଅଟା ୬ ଓ ୧୦ କିଲୋଗ୍ରାମ ପ୍ୟାକେଟରେ ବିକ୍ରି ହେଉଛି। ଏହାର କିଲୋପ୍ରତି ଦର ୨୭.୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଚଣା ଡାଲି ୧ କିଲୋଗ୍ରାମ ପ୍ୟାକେଟ୍‌ରେ ଉପଲବ୍ଧ। ଏହାର କିଲୋଗ୍ରାମ ପ୍ରତି ଦର ୬୦ ଟଙ୍କା ଧାର୍ଯ୍ୟ କରାଯାଇଛି। କିନ୍ତୁ ୩୦ କି.ଗ୍ରା. ପ୍ୟାକେଟ୍ ନେଲେ କିଲୋଗ୍ରାମ ପ୍ରତି ଦର ୫୫ ଟଙ୍କାକୁ ହ୍ରାସ କରାଯିବ ବୋଲି କୁହାଯାଇଛି। ପିଆଜ କିଲୋଗ୍ରାମ ପ୍ରତି ଦର ୨୫ ଟଙ୍କା ଧାର୍ଯ୍ୟ କରାଯାଇଛି। ପିଏମ୍‌ଜିକେଏୱାଇ (ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା)ରେ ପ୍ରତ୍ୟେକ ଏହାର ଫାଇଦା ପାଇପାରିବେ ବୋଲି ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଉଛି। ଏହି ଅନୁଯାୟୀ ଶନିବାର ପ୍ରଥମ ଥର ପାଇଁ ଜଗତ୍‌ସିଂହପୁର ସହରରେ ଏହା ବିକ୍ରି ଆରମ୍ଭ କରାଯାଇଛି।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଅପରାହ୍ନରେ ୨ଟି ମୋବାଇଲ ଭ୍ୟାନ୍ ଏସବୁ ସାମଗ୍ରୀ ନେଇ ପହଞ୍ଚିଲା ପରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ଭ୍ୟାନ୍‌ରେ ଥିବା କର୍ମଚାରୀ ଧାଡିରେ ଆସି ସାମଗ୍ରୀ କିଣି ନେବାକୁ ଅନୁରୋଧ କରିଥିଲେ ବି ଶୃଙ୍ଖଳା ଦେଖିବାକୁ ମିଳି ନ ଥିଲା। କାଳେ ସାମଗ୍ରୀ ସରିଯିବ ଆଶଙ୍କାରେ ଲୋକେ କିଣିବା ପାଇଁ ଉହଳବିକଳ ହୋଇଥିଲେ। ଏପରି କି ଚଢାମଢ଼ା ପରିସ୍ଥିତି ଉପୁଜିଥିଲା। ଅଟା ମାତ୍ର ୧୦ ମିନିଟ୍ ଭିତରେ ସରି ଯାଇଥିଲା। ଚାଉଳ ଓ ଡାଲି ବିକ୍ରି ସମୟରେ ଲୋକେ ପାଟିତୁଣ୍ଡ କରିବାକୁ ପଛାଇ ନ ଥିଲେ। କାହିଁକି ବିଳମ୍ବ ହେଉଛି ବୋଲି ଯୁକ୍ତି ବାଢି ଅନେକେ ଗାଡି ଭିତରେ ଅଖାରେ ଥିବା ସାମଗ୍ରୀ ପ୍ୟାକେଟ୍ ଟଣାଓଟରା କରିଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଯେ, ମୋବାଇଲ ଭ୍ୟାନ ସାମଗ୍ରୀ ନ ଦେଇ ଚାଲି ଯିବାକୁ ଚେଷ୍ଟା କରିଥିଲା। କିନ୍ତୁ କେତେଜଣ ଏହି ଗାଡିରେ ଓହଳିଥିଲେ ସୁଦ୍ଧା ଓହ୍ଲାଇ ନ ଥିଲେ। ଏହିଭଳି କିଛି ଦୂର ଗଲାପରେ ଏହି ମୋବାଇଲ ଭ୍ୟାନ୍ ଅଟକି ସେମାନଙ୍କୁ ସାମଗ୍ରୀ ଦେଇ ପୁଣି ପଳାଇଥିଲା। ପୋଲିସ ସୁରକ୍ଷା ସତ୍ତ୍ୱେ ଲୋକେ ବିଶୃଙ୍ଖଳା କରୁଥିବାରୁ ଆଗକୁ ପରିସ୍ଥିତି କେଉଁ ମୋଡ ନେଉଛି ତାହା ଦେଖିବା ବାକି ରହିଲା। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ପ୍ରତିକ୍ରିୟାରେ କହିଛନ୍ତି, ଆରମ୍ଭରୁ ଯଦି ଏଭଳି ବିଶୃଙ୍ଖଳା ହେଲାଣି ଆଗାମୀ ଦିନରେ ପରିସ୍ଥିତି ଜଟିଳ ରୂପ ନେଇପାରେ। ସମ୍ପ୍ରତି ଅଟା କିଲୋଗ୍ରାମ ପ୍ରତି ଦର ୪୦ ଟଙ୍କା ଥିବା ବେଳେ ମୋବାଇଲ ରିଟେଲ କାଉଣ୍ଟରରେ ମାତ୍ର ୨୭.୫୦ ଟଙ୍କାରେ ମିଳିପାରୁଛି। ସେହିପରି ଚାଉଳ, ଡାଲି ଦର ମଧ୍ୟ କମ୍। ତେଣୁ ଲୋକେ ଶସ୍ତାରେ ଏହା ପାଇବା ପାଇଁ ଭିଡ ଜମାଉଛନ୍ତି। ଆଗକୁ ଯେପରି ଶୃଙ୍ଖଳାର ସହ ଲୋକେ ସାମଗ୍ରୀ କିଣିପାରିବେ ସେଥିପ୍ରତି ପୋଲିସ ଓ ପ୍ରଶାସନ ବିଶେଷ ଦାୟିତ୍ୱବାନ ହେବାକୁ ଅନୁରୋଧ କରାଯାଇଛି।

ସାଧାରଣ ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ଆକୃଷ୍ଟ ପାଇଁ କେନ୍ଦ୍ରର ଉଦ୍ୟମ

ଭ୍ୟାନ୍ ପହଞ୍ଚିବା ପରେ ସାମଗ୍ରୀ ନେବାକୁ ଲୋକଙ୍କ ଭିଡ଼ ଜମାଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ବିପ୍ଳବ

@ ଚନ୍ଦ୍ରଶେଖର

@ ହରିଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ପାରାଦୀପ ବନ୍ଦରରେ ୧୩୫.୬୮ ଏମ୍‌ଏମ୍‌ଟି ପଣ୍ୟ କାରବାର

ଆର୍ଥିକ ବର୍ଷର ୨୩ ଦିନ ପୂର୍ବରୁ ପୂର୍ବ ରେକର୍ଡ ଟପିଲା

ଦେଶର ବୃହତ୍ ବନ୍ଦର ମଧ୍ୟରେ ସର୍ବାଧିକ

ପାରାଦୀପ,୯।୩ (ଶରତ ରାଉତ)

ରାଜ୍ୟର ଏକମାତ୍ର ବୃହତ୍ ବନ୍ଦର ପାରାଦୀପ ଚଳିତ ବର୍ଷ ମାର୍ଚ୍ଚ ୮ ସୁଦ୍ଧା ରେକର୍ଡ ୧୩୫.୬୮ ମିଲିୟନ ମେଟ୍ରିକ ଟନ୍ (ଏମ୍‌ଏମ୍‌ଟି)ପଣ୍ୟ କାରବାର କରିଛି। ଏହା ଦେଶର ସମସ୍ତ ବୃହତ୍ ବନ୍ଦର କ୍ଷେତ୍ରରେ ସର୍ବାଧିକ ବୋଲି ଶନିବାର ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ ଶେଷ (ମାର୍ଚ୍ଚ ୩୧)ପୂର୍ବରୁ ଗତବର୍ଷର ରେକର୍ଡ ଅତିକ୍ରମ କରିଛି। ଗତ ୨୦୨୨/୨୩ ବର୍ଷରେ ପାରାଦୀପ ବନ୍ଦର ସମୁଦାୟ ୧୩୫.୩୬ ଏମ୍‌ଏମ୍‌ଟି ପଣ୍ୟ କାରବାର କରିଥିଲା। ଚଳିତ ଆର୍ଥିକ ବର୍ଷ ଶେଷ ବେଳକୁ ୧୪୫ ଏମ୍‌ଏମ୍‌ଟି ପଣ୍ୟ କାରବାର ହେବାର ଲକ୍ଷ୍ୟ ରହିଛି ବୋଲି କୁହାଯାଇଛି। ଏହି ସମୟ ମଧ୍ୟରେ ବନ୍ଦର ପୋତାଶ୍ରୟକୁ ୨୫୪୫ ଜାହାଜ ଯାତାୟାତ କରିଛି। ଏହି ସଫଳତା ପାଇଁ ଅଧ୍ୟକ୍ଷ ପି.ଏଲ.ହାରାନ୍ଧ, କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ପକ୍ଷରୁ ବନ୍ଦରର କର୍ମଚାରୀ ଓ ଶ୍ରମିକଙ୍କୁ ସାଧୁବାଦ ଜଣାଇଛନ୍ତି।

ମାଛଧରାକୁ ନେଇ ଗଣ୍ଡଗୋଳ, ଜଣେ ମୃତ

ନ୍ୟାୟ ଦାବିରେ ଥାନା ସମ୍ମୁଖରେ ମୃତଦେହ ରଖି ଗାଁର ଲୋକେ ଘେରାଉ କରିଛନ୍ତି।

ପଟ୍ଟାମୁଣ୍ଡାଇ,୯।୩ (କଳ୍ପତରୁ ନାୟକ)

ମୃତଦେହକୁ ଧରି ଗ୍ରାମାଞ୍ଚଳ ଥାନା ଘେରିଲେ ମହିଳା

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ଅଠରବାଟିଆ ଗାଁରେ ୬ ତାରିଖରେ ନିଲାମ ମାଛ ପୋଖରୀରୁ ମାଛ ଧରିବାକୁ ନେଇ ଗଣ୍ଡଗୋଳ ଘଟିଥିଲା। ଏଥିରେ ଗୋଲକ ସେଠୀ ଓ ସୁନାକାର ସେଠୀ ଗୁରୁତର ଆହତ ହୋଇଥିଲେ। ଶନିବାର କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୋଲକଙ୍କ ମୃତ୍ୟୁ ଘଟିଛି। ଆହତ ସୁନାକାରଙ୍କ ପୁଅ ଅମର ସେଠୀ ଓ ସୌମ୍ୟ ରଞ୍ଜନ ସେଠୀ ଗ୍ରାମାଞ୍ଚଳ ଥାନାକୁ ଖବର ଦେବା ପାଇଁ ଆସିଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶନିବାର ସନ୍ଧ୍ୟାରେ ଗୋଲକଙ୍କ ମୃତଦେହକୁ ଧରି ଉପଯୁକ୍ତ ନ୍ୟାୟ ଦାବିରେ ଅଠରବାଟିଆ ଗାଁର ବହୁ ସଂଖ୍ୟକ ମହିଳା ଗ୍ରାମାଞ୍ଚଳ ଥାନା ଘେରାଉ କରିଥିଲେ। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଏହି ମାମଲାର ବିଧିବଦ୍ଧ ତଦନ୍ତ କରାଯାଇ ପ୍ରକୃତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ମହିଳାମାନେ ରାତି ସାଢେ ୮ଟାରେ ଥାନା ଘେରାଉ ଆନ୍ଦୋଳନ ପ୍ରତ୍ୟାହାର କରିନେଇଥିଲେ।

ହାଇୱା-ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

ପଟ୍ଟାମୁଣ୍ଡାଇ, ୯।୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ-ରାଜନଗର ଉପର ରାସ୍ତା ଅଳଭା ଲକ୍ ନିକଟରେ ଶନିବାର ଏକ ହାଇୱା ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍ ଆରୋହୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଆହତ ଦ୍ୱୟଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମୃତବ୍ୟକ୍ତି ଜଣକ ହେଲେ ନିମପୁର ଗ୍ରାମର ଅରୁଣ ବାରିକ (୨୭) ବୋଲି ଜଣାପଡିଛି। ବିଘ୍ନେଶ୍ୱର ବାରିକ (୨୨) ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ନିମପୁର ଗାଁର ଅରୁଣ ଓ ବିଘ୍ନେଶ୍ୱର ଏକ ବାଇକ୍ ନଂ. ଓଡି ୦୫ ବି ୬୦୧୮ ଯୋଗେ ପଟ୍ଟାମୁଣ୍ଡାଇରୁ ନିଜ ଘରକୁ ଫେରୁଥିବା ବେଳେ ଅଳଭା ଲକ୍ ନିକଟରେ ଏକ ହାଇୱା ନଂ. ଓଡି ୧୪ ଜି ୮୫୯୫ ଦ୍ରୁତଗତିରେ ଆସି ଦୁର୍ଘଟଣା ଘଟାଇଥିଲା। ଏହି ଦୁର୍ଘଟଣାରେ ୨ଯୁବକ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଉଦ୍ଧାର କରାଯାଇ ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରେ ଅରୁଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଘ୍ନେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଦୁର୍ଘଟଣା ସ୍ଥାନକୁ ଆମ୍ବୁଲାନ୍ସ ଆସିବା ବିଳମ୍ବ କରିଥିବାରୁ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ହସ୍ପିଟାଲରେ ଗାଳିଗୁଲଜ କରିଥିବା ସୂଚନା ମିଳିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ବାଇକ୍ ଓ ହାଇୱାକୁ ଜବତ କରି ଅଟକ ରଖିଛି।

ପିଇବା ପାଣି ପାଇଁ ଭରତପୁରରେ ରାସ୍ତାରୋକୋ

କେନ୍ଦ୍ରାପଡ଼ା, ୯।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଜଳ ସଙ୍କଟ ଆରମ୍ଭ ହୋଇଛି। ବ୍ଲକର ଭରତପୁର ପଞ୍ଚାୟତସ୍ଥ ଦିଆନପାଟଣା ଗ୍ରାମବାସୀ ପିଇବା ପାଣି ପାଇଁ ଶନିବାର ରାସ୍ତାରୋକୋ କରିଥିଲେ। ଏ ସମ୍ପର୍କରେ ପୂର୍ଣ୍ଣଚନ୍ଦ୍ର ଦାସ, ପାର୍ବତୀ ମଲ୍ଲିକ ପ୍ରମୁଖ କହିଛନ୍ତି, ଏହି ପଞ୍ଚାୟତରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ଅଛି। ଏହି ଟାଙ୍କିରୁ ପଞ୍ଚାୟତର ସମସ୍ତ ଗ୍ରାମକୁ ପାଣି ଦିଆଯିବା କଥା। ଦେଢ଼ବର୍ଷ ହେବ ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ଦିଆନପାଟଣାକୁ ପାଣି ଯୋଗାଇ ଦିଆଯାଉ ନାହିଁ। ଅପରପକ୍ଷରେ ଗ୍ରାମରେ ୩ଟି ନଳକୂପ ଖରାପ ଥିବାରୁ ବିଭାଗୀୟ ଅଧିକାରୀ ଓ ସରପଞ୍ଚଙ୍କୁ ଜଣାଯାଇଛି। ସୁଫଳ ନ ମିଳିବାରୁ ରାସ୍ତାରୋକୋ ହୋଇଛି। କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ପହଞ୍ଚି ଆସନ୍ତା ୭ ଦିନ ମଧ୍ୟରେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟାଯାଇଛି।

ଉତ୍ସବରେ ଟଳିପଡ଼ିଲେ ପୂର୍ବତନ ସରପଞ୍ଚ

ମାର୍ଶାଘାଇ,୯।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଣିକୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ସରୋଜକାନ୍ତ ଚୌଧୁରୀ (୭୬)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ଶନିବାର ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ଜେଜେ ମା' ଜେଜେବାପା ଉତ୍ସବରେ ସେ ଚେୟାରରେ ବସିଥିବା ବେଳେ ଟଳି ପଡ଼ିଥିଲେ। ତାଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚୌଧୁରୀ ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୂର୍ବତନ ସମ୍ପାଦକ ଥିଲେ। କଣକଷଟି ଗାଁ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ଅନୁପମ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କ୍ଷୀରୋଦ ରଥ, ପ୍ରଦୀପ୍ତ ରଥ, ପ୍ରମୋଦ ଚୌଧୁରୀ, ଅକ୍ଷୟ ରଥ, କୃତିବାସ ରଥ, ପୂର୍ବତନ ସମ୍ପାଦକ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ଓ ମଧୁସୂଦନ ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଦ୍ୱୀପାଞ୍ଚଳରେ ବିକାଶ ଶିଖରରେ ପହଞ୍ଚିବ

କୁଜଙ୍ଗ,୯।୩ (ମନୋଜ ପ୍ରଧାନ)

ରାଜ୍ୟ ସରକାର ଓଡ଼ିଶାର କୋଣ ଅନୁକୋଣ ଯଥା ନଦୀ,ବଣ, ଜଙ୍ଗଲ ଘେରା ଅଞ୍ଚଳରେ ରହୁଥିବା ସମସ୍ତ ଜନସାଧାରଣଙ୍କର ବିକାଶ ପାଇଁ ଅହରହ ଉଦ୍ୟମରତ। ଦୀପାଞ୍ଚଳରେ ଲୋକେ କିପରି ବିକାଶର ଶିଖରରେ ପହଞ୍ଚିବେ ସେଥିପାଇଁ ନବୀନ ପଟ୍ଟନାୟକ ଦିନରାତି ଚିନ୍ତାକରିବା ସହ ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି କୁଜଙ୍ଗ ବ୍ଲକ ଅନ୍ତର୍ଗତ ଜିଲାନାସି ପଞ୍ଚାୟତର ସାହାରାଡିଆଠାରେ ଅନୁଷ୍ଠିତ ବିଜୁ ସେତୁ ଶିଳାନ୍ୟାସ ଉତ୍ସବରେ ଅତିଥିମାନେ କହିଛନ୍ତି। ଜିଲାନାସି ଓ କୁଜଙ୍ଗ ପଞ୍ଚାୟତର ଭଣ୍ଡୁଆକୁ ସଂଯୋଗ କରିବାକୁ ଯାଉଥିବା ମହାନଦୀ ଉପରେ ୧୫କୋଟି ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ ନିର୍ମାଣ କରାଯିବ। ଏନେଇ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଯୋଗଦେଇଥିଲେ। ଉତ୍ସବରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେଇ କହିଥିଲେ, କୁଜଙ୍ଗ ବ୍ଲକର ଦ୍ୱୀପାଞ୍ଚଳ ରୂପେ ପରିଗଣିତ ଜିଲାନାସି ପଞ୍ଚାୟତକୁ ତାଳଦଣ୍ଡାଠାରେ ମହାନଦୀ ଉପରେ ନିର୍ମିତ ସେତୁ ସଂଯୋଗ କରୁଥିବା ବେଳେ ଏବେ ମୁଖ୍ୟମନ୍ତ୍ରୀ ମହାନଦୀ ଉପରେ ଆଉ ଏକ ସେତୁର ଉପହାର ଦେଇଛନ୍ତି । ପୂର୍ବରୁ ବ୍ଲକ ସଦର ମହକୁମା ବା ନିକଟସ୍ଥ ସହର କୁଜଙ୍ଗକୁ ଯିବାପାଇଁ ଦଶ କିଲୋମିଟର ଯିବାକୁ ପଡୁଥିଲା । ଏବେ ଏହି ପୋଲ ନିର୍ମାଣ ପରେ କୁଜଙ୍ଗ ମାତ୍ର ୧ କିଲୋମିଟର ଦୂରତା ହେବ। ଫଳରେ ଦ୍ୱୀପାଞ୍ଚଳର ଅର୍ଥନୈତିକ ଓ ସାମାଜିକ ବିକାଶରେ ଉକ୍ତ ସେତୁ ସହାୟକ ହେବ । ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ ଯୋଗଦେଇ କହିଥିଲେ, ସାହାରାଡ଼ିଆ ଭଣ୍ଡୁଆ ସେତୁ ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଓ ଜିଲାନାସି ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ମୁରଲୀ ସ୍ୱାଇଁଙ୍କ ସ୍ୱପ୍ନ ଥିଲା । ଏହାକୁ ବିଧାୟକ ସମ୍ବିତ ରାଉତରାୟ ସାକାର କରିଛନ୍ତି। ପବିତ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ୍ ସ୍ୱାଇଁ, ଗ୍ରାମ ଉନ୍ନୟନ ଉପଦେଷ୍ଟା ସବିତା ମହାପାତ୍ର, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ଜିଲା ପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଜିଲାନାସି ସରପଞ୍ଚ ନଳିନୀପ୍ରଭା ପରିଡା, ସମିତି ସଭ୍ୟା ସମିତା ପରିଡା, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଉପସଭାନେତ୍ରୀ ଆରତୀ ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ସୁଦ୍ଦଳ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ଅରୁପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଓ ଅନ୍ୟ ଅତିଥିମାନେ।

ପୌରାଞ୍ଚଳର ୬୮ ପ୍ରତିଶତ ଶ୍ରମିକ ଶ୍ରେଣୀର

୧୫୫ ବର୍ଷର ମ୍ୟୁନିସିପାଲିଟି କେନ୍ଦ୍ରାପଡ଼ା

- ଯମଧରରୁ ଜଜାଙ୍ଗ, ଗୋପରୁ ଓସ୍ତପୁର ପରିସୀମା ଦାବି

କେନ୍ଦ୍ରାପଡ଼ା, ୯।୩ (ଜଗନ୍ନାଥ ଧଳ)

ମାର୍ଚ୍ଚ ୧୦ ରେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଘୋଷଣାକୁ ୧୫୫ ବର୍ଷ ପୂରଣ ହେବ। ଏହି ସମୟ ଅବଧି ମଧ୍ୟରେ ପୌରାଞ୍ଚଳର ସୀମା ବୃଦ୍ଧି ଘଟିଛି। ସେହି ପରିମାଣରେ ଜନସଂଖ୍ୟା ମଧ୍ୟ ବୃଦ୍ଧି ହୋଇଛି। ୬୮ ପ୍ରତିଶତ ଶ୍ରମିକ ରହୁଥିବା ଏହି ମ୍ୟୁନିସିପାଲିଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ମ୍ୟୁନିସିପାଲିଟିକୁ ଏକ ସ୍ୱତନ୍ତ୍ର ଜିଲା ପାହ୍ୟା ମାନ୍ୟତା ଥିଲେ ମଧ୍ୟ ଅଧିକାଂଶ ଲୋକ ଗରିବୀକୁ ନେଇ ସଂଘର୍ଷ କରୁଛନ୍ତି। ସେହିପରି ସହର ମଧ୍ୟରେ ଥିବା ବିଭିନ୍ନ ଐତିହ୍ୟସ୍ଥଳୀର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଅବହେଳାର ଶିକାର ହେଉଛି। ୧୮୮୫ ମେ' ୧୮ରେ ଭାରତର ବ୍ରିଟିଶ୍ ଶାସକ ଲର୍ଡ ରିପନ ସ୍ୱାୟତ୍ତ ଶାସନର ପ୍ରସ୍ତାବ ଆଣିଥିଲେ। ମାତ୍ର ଏହା ପୂର୍ବରୁ ୧୮୬୯ରେ ଲର୍ଡ ମାୟୋଙ୍କ ଶାସନ ସମୟରେ କଲିକତା, ଓଡ଼ିଶା ଓ ବିହାର ପ୍ରେସିଡେନ୍ସି ମଧ୍ୟରେ ଥିବା କେନ୍ଦ୍ରାପଡ଼ାର ମାତ୍ର ୧୪ଟି ପଡ଼ାକୁ ନେଇ ଓଡ଼ିଶାର ପ୍ରଥମ ମ୍ୟୁନିସିପାଲିଟିରେ ମାନ୍ୟତା ମିଳିଥିଲା। ଏହି ଘୋଷଣା ପରେ ସ୍ଥାନୀୟ ଅଞ୍ଚଳର ସହରୀକରଣ ବ୍ୟବସ୍ଥା ଆରମ୍ଭ ହେଲା। ତତ୍କାଳୀନ ସମୟରେ ଇଂରେଜ ସରକାର ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଟ୍ୟାକ୍ସ ଆଦାୟକରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦିର ଉନ୍ନୟନ ବ୍ୟବସ୍ଥା କରିଥିଲେ। ମ୍ୟୁନିସିପାଲିଟି ମଧ୍ୟ ଦେଇ ପ୍ରବାହିତ ମଧୁସାଗରର ପାଣି ଜନଜୀବନକୁ ବଞ୍ଚାଇ ରଖିଥିଲା। ଇତିମଧ୍ୟରେ ମଧୁସାଗରରେ ଜଳ ପ୍ରବାହ ବନ୍ଦ ହୋଇଛି। ଏହାର ପାଣି ନିଷ୍କାସନ ପଥ ଉପରେ ବାସଗୃହ ନିର୍ମାଣ ହେଉଥିବା ବେଳେ ସହର ମଧ୍ୟରେ ଥିବା ଗୋବରୀ ନଦୀ ଓ କେନାଲ ଏବେ ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇ ପରିବେଶ ଦୂଷିତ କରିଛି। ସେହିପରି ମଧୁସାଗରର କେତେକ ଅଂଶ ଅଳିଆ ଓ ଦଳ ଭର୍ତ୍ତି ହୋଇଛି। ରାସ୍ତା ଜବରଦଖଲରେ ରହୁଥିବାରୁ ସ୍ୱେରେଜ୍ ସିଷ୍ଟମ ପ୍ରତି ଅଣଦେଖା ହେଉଛି। ବିଜୁ ପଟ୍ଟନାୟକ ପାର୍କ ବଣବୁଦାରେ ପରିଣତ ହୋଇଥିବା ବେଳେ ଟ୍ରାଫିକ୍ ସମସ୍ୟା ଗୁରୁତର ଅଛି। ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ, ମୁକୁଳା ଟ୍ରାନ୍ସଫର୍ମର, ବୁଲା ଗୋରୁ, ଭେଣ୍ଡିଂ ଜୋନ୍ ସହ ପୌରବାସୀ ବିଭିନ୍ନ ସମସ୍ୟାରେ ପଡ଼ିଛନ୍ତି। ସହରର ପରିକଳ୍ପନାରେ ସାଂସ୍କୃତିକ ଓ ଐତିହ୍ୟ ବିଭବକୁ ଗୁରୁତ୍ୱ ଦିଆଯାଇଥାଏ। ମାତ୍ର ଏହି ମ୍ୟୁନିସିପାଲିଟିରେ ଅବହେଳା କରାଯାଉଛି। ରାଜ୍ୟ ପର୍ଯ୍ୟଟନ ସ୍ଥଳୀ ଶ୍ରୀବଳଦେବଜୀଉ ମନ୍ଦିର, ସୂର୍ଯ୍ୟଘଡ଼ି ସହ ୧୫୦ ବର୍ଷ ପୂର୍ବର ଡାଇମଣ୍ଡ ଜୁବିଲି ପାଠାଗାର ପର୍ଯ୍ୟନ୍ତ ଅବହେଳାର ଶିକାର ହୋଇଛି।

ପ୍ରାୟ ୧୧ ବର୍ଗକିଲୋମିଟର ଅଞ୍ଚଳରେ ଥିବା ମ୍ୟୁନିସିପାଲିଟିରେ ୨୧ଟି ୱାର୍ଡ ରହିଛି। ୨୦୧୧ ଜନଗଣନା ସମୟରେ ୪୭ ହଜାର ବାସିନ୍ଦା ଥିବାବେଳେ ୨୦୨୩ ସୁଦ୍ଧା ଏହି ସଂଖ୍ୟା ୮୦ହଜାରରୁ ଉର୍ଦ୍ଧ୍ୱ ହୋଇଛି। ଜନଗଣନା ସମୟରେ ସହର ମଧ୍ୟରେ ହିନ୍ଦୁ ଧର୍ମାବଲମ୍ବୀ ୬୭.୯୭ ପ୍ରତିଶତ, ମୁସଲମାନ ସମ୍ପ୍ରଦାୟ ୩୧.୬୩ ପ୍ରତିଶତ ଓ ଅନ୍ୟ ୦.୪ % ଥିଲେ। ପୌରବାସୀଙ୍କ ମଧ୍ୟରୁ ମାତ୍ର ୩୧.୭ % କର୍ମ ସଂସ୍ଥାନରେ ନିୟୋଜିତ ଥିବାବେଳେ ଅବଶିଷ୍ଟ ଗରିବୀ ସୀମାରେଖା ତଳେ ଅଛନ୍ତି। କର୍ମଜୀବୀ ମହିଳାଙ୍କ ସଂଖ୍ୟା ମାତ୍ର ୮.୯ % ଥିବା ଏହି ତଥ୍ୟରୁ ମିଳିଛି। ସହର ମଧ୍ୟରେ ଗୋଟିଏ ମଧ୍ୟ ଶିଳ୍ପସଂସ୍ଥା ନାହିଁ। ସେହିପରି ଐତିହ୍ୟସ୍ଥଳର ସୁରକ୍ଷା ସହ ଜିଲା ମଧ୍ୟରେ ଥିବା ଐତିହ୍ୟ ସମ୍ପଦର ସୁରକ୍ଷା ପାଇଁ ଏକ ମ୍ୟୁଜିୟମ୍‌ର ଦାବି ବହୁବାର ହୋଇଛି। ଦ୍ରୁତବୃଦ୍ଧିରେ ଥିବା ସହରର ପରିସୀମା ଏବେ ଯମଧରରୁ ଜଜାଙ୍ଗ, ଗୋପରୁ ଓସ୍ତପୁର ପର୍ଯ୍ୟନ୍ତ ଅଛି। ଏହାକୁ ପୌରାଞ୍ଚଳ ମଧ୍ୟରେ ସାମିଲ ହେଲେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିବ। ଫଳରେ ସହରର ଉନ୍ନତୀକରଣ ପାଇଁ ସିଟି ହସ୍ପିଟାଲ, ସ୍ୱେରେଜ ସିଷ୍ଟମ, ଟ୍ରାଫିକ୍ ବ୍ୟବସ୍ଥା, ପାନୀୟ ଜଳର ଆବଶ୍ୟକତା ପଡ଼ିବ। ଏ ନେଇ ପ୍ରଶାସକ ଓ ପୌରାଞ୍ଚଳ ପରିଷଦ ତତ୍ପର ହେବା ଆବଶ୍ୟକ। ଅନ୍ୟଥା ସ୍ୱାୟତ୍ତ ଶାସନ କେବଳ ଏକ ପ୍ରହସନ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଅପରପକ୍ଷରେ ପୌରାଧ୍ୟକ୍ଷା ସରିତା ସାହୁଙ୍କୁ ପଚାରିବାରେ ପୌରାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ବିଶେଷ ଧ୍ୟାନ ଦେଇଛନ୍ତି। ୨ ବର୍ଷରେ ସହର ମଧ୍ୟରେ ବହୁ ଉନ୍ନୟନ କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।

ଲଡୁବାବାଙ୍କ ପୀଠରେ ଆବର୍ଜନା

ଦୁର୍ଗନ୍ଧରେ ନାକ ଫାଟି ପଡୁଛି

ନୟାଗଡ,୯।୩(ଲୋକନାଥ ମିଶ୍ର)

ଓଡିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳସ୍ଥ ଲଡୁବାବାଙ୍କ ପୀଠ ଓ ଆଖପାଖ ଅଞ୍ଚଳ ମହା ଶିବରାତ୍ରି ପରଦିନ ଆବର୍ଜନାମୟ ହୋଇ ରହିଛି। ଆବର୍ଜନା ଦୁର୍ଗନ୍ଧରେ ନାକ ଫାଟି ପଡୁଛି। କେତେଜଣ ସ୍ୱେଚ୍ଛାସେବୀ ଅବାର୍ଜନକୁ ଶନିବାର ସଫେଇ କରି ବାହାବା ନେଲେ। ଲୋକ ଦେଖାଣିଆ ସଫେଇ କରି ଅଳିଆ ଜମା କରି ଚାଲିଯିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଅନ୍ୟପକ୍ଷେ ମନ୍ଦିର ପ୍ରଶାସନ ମଧ୍ୟ କିଛି ପଦକ୍ଷେପ ନେଇନାହିଁ। ଶଣଣକୁଳ ଲଡୁବାବା ମନ୍ଦିର ନିକଟସ୍ଥ ଶୌଚାଳୟ, ତଳବଜାର, ସୁଆରସାହି କନ୍ଦି, ଲଡୁବାବାଙ୍କ ପଛ ପାଖ ଓଁମ ଶାନ୍ତି ରାସ୍ତା, ମନ୍ଦିର ପୁଷ୍କରିଣୀ ହୁଡା, ମନ୍ଦିର ପ୍ରାଚୀର, ମନ୍ଦିର ସମ୍ମୁଖ, ଶରଣକୁଳ ଥାନା ପ୍ରାଚୀର ପାଖ, ନୂଆ ମାର୍କେଟ ଭିତରେ, ଫଳ ଦୋକାନ ଆଗରେ ଅଳିଆ ଜମା ହୋଇ ରହିଛି। ସ୍ୱେଚ୍ଛାସେବୀମାନେ ସଫେଇ କରିଥିବା କିଛି ଅଞ୍ଚଳରେ ଆବାର୍ଜନାକୁ ଓଳେଇ ଜମା କରି ରଖାଯାଇଛି। ପ୍ରାୟ ୧୦୦ ଗଦା ଆବର୍ଜନା ଗଦା ହୋଇ ରହିଥିବାବେଳେ ସେଗୁଡିକ ପୁଣି ଗାଇ, କୁକୁର ଓ ଲୋକଙ୍କ ଯିବା ଆସିବାରେ ସବୁଆଡେ ବିଛେଇ ହୋଇ ଗନ୍ଧ ବାହାରିଲାଣି। ଲଡୁବାବାଙ୍କ ମହା ଶିବରାତ୍ରୀ ପର୍ବରେ ଲଡୁବାବାଙ୍କ ଦର୍ଶନ, ମହାଦୀପ ଦର୍ଶନ, ଦୀପ ଜାଳିବା, ଜାଗର ଯାତ୍ରା ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ଭିଡ ଜମେ। ହେଲେ ଏହାର ପରେ ଅବାର୍ଜନାକୁ ସଫେଇ କରା ନ ଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ୧୫ଦିନ ଧରି ଜାଗର ଯାତ୍ରା ଚାଲୁ ରହିଥିବାରୁ ଲୋକମାନେ ଦୁର୍ଗନ୍ଧକୁ ଦେଖି ଆସିବାକୁ ମୁହଁ ମୋଡିଲେଣି ବୋଲି ଅଭିଯୋଗ ଉଠିଛି। ସେବାୟତ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର କୁହନ୍ତି, ମହାଶିବରାତ୍ରୀରେ ଆବର୍ଜନା ପଡି ରହିଛି। ଶନିବାର କେତେଜଣ ସାମାଜିକ କର୍ମୀ ସଫେଇ କରି ଅଳିଆ ଗଦା କରି ଚାଲିଗଲେ। ହେଲେ ଅଳିଆ ନ ଉଠିବାରୁ ଦୁର୍ଗନ୍ଧ ବଢୁଛି। ଏହାର ତୁରନ୍ତ ପ୍ରତିକାର କରାଯାଉ।

ଦୋକାନ ସମ୍ମୁଖରେ ଅଳିଆ ଗଦା ହୋଇ ରହିଛି।

■ ଦେଖାଣିଆ ସଫେଇ କରି ଅଳିଆ ଜମେଇ ଚାଲିଗଲେ

■ ଲଡୁବାବା ମନ୍ଦିର ପ୍ରଶାସନ ମଧ୍ୟ ପଦକ୍ଷେପ ନେଲେନି

■ ଜାଗର ମେଳାକୁ ଯିବାକୁ ମୁହଁ ମୋଡିଲେଣି ଲୋକ

ଦୋଳ ମଣ୍ଡପରେ ସେଲଫି ପଏଣ୍ଟକୁ ବିରୋଧ

ଲଡୁବାବା ମନ୍ଦିର ନିକଟସ୍ଥ ଦୋଳ ମଣ୍ଡପରେ ସେଲଫି ପଏଣ୍ଟକୁ ବିରୋଧ କରାଯାଇଥିଲା। ସେଲଫି ନେବା ପାଇଁ ଦୋଳ ମଣ୍ଡପରେ ଭିଡ ଜମିଥିଲା। ହେଲେ ଦୋଳ ମଣ୍ଡପକୁ ଚପଲ ପିନ୍ଧି ଯିବା ପରେ ପ୍ରତିବାଦ ଓ ଚାପା ଉତ୍ତେଜନା ଦେଖା ଦେଇଥିଲା। କିଛି ସମୟ ଚପଲ କାଢ଼ି କେତେଜଣ ଲୋକ ସେଲଫି ନେଇଥିଲେ। ଧୀରେ ଧୀରେ ଗହଳି କମିଗଲା। ପରେ ରାତିରେ ଏଠାରେ ବସି ଦୀପ ପ୍ରଜ୍ୱଳନ କରାଗଲା।

ଚିନ୍ତା ବଢାଇ ଦେଲା ଚୋରି

ମହା ଶିବରାତ୍ରୀ ପାଇଁ ଜଣେ ଡିଏସପି, ୩ ଇନ୍ସପେକ୍ଟର, ୯ ସବଇନ୍ସପେକ୍ଟର, ୨୧ ଏସ୍ଆଇ, ହାବିଲଦାର ୨, କନେଷ୍ଟବଳ ୪୩, ହୋମଗାର୍ଡ ୭୩, ଦେଢ଼ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ ହେଁ ଚୋରି ବଢ଼ିଥିଲା। ୧୧ଜଣ ଶିଶୁଙ୍କ ବେକରୁ ଲକେଟ ଚୋରି ହୋଇଛି। ସେହିଭଳି ୭ଜଣ ମହିଳାଙ୍କ ବେକରୁ ସୁନା ଚେନ ଓ ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ଉଠିଛି। ଶୁକ୍ରବାର ରାତିରେ ଭିଡ ଜମିଥିବାବେଳେ ଚୋରି ବଢ଼ିବା ଦେଖି ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com

@ ବିପ୍ଳବ

@ ଚନ୍ଦ୍ରଶେଖର

@ ହରିଶଙ୍କର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ବଲାଙ୍ଗୀବନ୍ଧ ସାହିରେ ବଧୂହତ୍ୟା

ନୟାଗଡ଼,୯।୩(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ବଲାଙ୍ଗୀବନ୍ଧ ସାହିର ରିତାଞ୍ଜଳି ନାୟକ(୨୦) ବୋହୂଙ୍କୁ ଶାଶୁଘର ଲୋକେ ଶୁକ୍ରବାର ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ନଂ. ୭୭/୨୪ରେ ହତ୍ୟା ମାମଲା ରୁଜୁ କରି ବଲାଙ୍ଗୀବନ୍ଧ ସାହିର ସ୍ୱାମୀ ସୁଧାକର ନାୟକ(୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସ୍ୱାମୀ ସୁଧାକରଙ୍କୁ ନୟାଗଡ ସବଜେଲକୁ ପଠାଇ ଦିଆଯାଇଛି।

ପ୍ରାପ୍ତ ସୂଚନା ଅନୁସାରେ, ଫତେଗଡ ଥାନା ବାସୁଦେଇପୁର ଗାଁର ରିତାଞ୍ଜଳି ନୟାଗଡ ବଲାଙ୍ଗୀବନ୍ଧ ସାହିର ସୁଧାକରଙ୍କୁ ୮ମାସ ତଳେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା।

ଜେଲ ଗଲେ ସ୍ୱାମୀ

ବିଭିନ୍ନ ସମୟରେ ଅଧିକ ଯୌତୁକ ପାଇଁ ରିତାଞ୍ଜଳିକୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଶୁକ୍ରବାର ରୀତାଞ୍ଜଳିଙ୍କ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ନୟାଗଡ ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ଶାଶୁ ଘର ପକ୍ଷରୁ କୁହାଯାଉଛି ବୋହୂ ଆତ୍ମହତ୍ୟା କରିଥିଲେ। ବୋହୂଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାମଲା ରୁଜୁ କରି ସ୍ୱାମୀଙ୍କୁ ଗିରଫ କରି ଜେଲ ପଠାଇଛି। ଅନ୍ୟପକ୍ଷେ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଚାଲୁ ରହିଛି ବୋଲି ସେ କହିଛନ୍ତି।

ଜଙ୍ଗଲ ସୁରକ୍ଷା ନେଇ ସଚେତନତା

ଜଙ୍ଗଲ ସୁରକ୍ଷା ଲାଗି ଲୋକଙ୍କୁ ସଚେତନ କରାଯାଉଛି।

ଦଶପଲ୍ଲା, ୯।୩ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ସରିଗଣ୍ଡା ପଞ୍ଚାୟତର ବନ୍ଧୁ ଗାଁରେ ଜଙ୍ଗଲ ସୁରକ୍ଷା ମହାସଂଘ ନୟାଗଡ଼ ଦଶପଲ୍ଲା ଜୋନର ଜଙ୍ଗଲ ସୁରକ୍ଷା ଓ ମହିଳାଙ୍କ ଅଧିକାର ବିଷୟରେ ସଚେତନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲକୁ ସୁରକ୍ଷା ଦେବା ସହ ନିଆଁ ଦାଉରୁ ରକ୍ଷା କରିବା ଗଛ ଲଗାଇବା ସହ ଯତ୍ନ ନେଲେ ଗଛ ବିନା ଜୀବ ଜଗତ ବଞ୍ଚିବା ଅସମ୍ଭବ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଗଛ ହିଁ ସବୁ ଦିଇ ଥାଏ। ଫଳ, ଖାଦ୍ୟ, ଛାଇ, ପବନ, ଜଳ, ଅମ୍ଳଜାନ ବର୍ଷା, ଥଣ୍ଡା, କାଠ, ପତ୍ର ଏବଂ ଔଷଧ, ଜଡି ବୁଟି ଇତ୍ୟାଦି, ଏଣୁ ଜଙ୍ଗଲ ବିନା ଜୀବଜଗତ ତିଷ୍ଠିବ ନାହିଁ ତତ ସହିତ ମହିଳା, ମା', ନାରୀ, ଭଗିନୀ, ସ୍ତ୍ରୀ, ଝିଅ, ଯୁଗେ ଯୁଗେ ଆଦନୀୟ ମହିଳା ଅଧିକାର ବିଷୟରେ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ କିଶୋର ଚନ୍ଦ୍ର ଦଳବେହେରା, ଜଙ୍ଗଲ ସୁରକ୍ଷା ମହାସଂଘ ନୟାଗଡ଼, ସମ୍ପାଦକ ତଥା ପ୍ରକୃତି ବନ୍ଧୁ ଏବଂ ପ୍ରଭାତ କୁମାର ସାହୁ, ମାଟିର ସ୍ୱର ସଂଯୋଜକ ତଥା କବି, ସାମାଜିକ କର୍ମୀ, ଆଦି କନ୍ଦ ପ୍ରଧାନ ଦଶପଲ୍ଲା ଜୋନ ଜଙ୍ଗଲ ସୁରକ୍ଷା ମହାସଂଘ ଉପ ସଭାପତି, ଗୌରାଙ୍ଗ ଦେହୁରୀ କୋଷାଧକ୍ଷ, ଭୁବନେଶ୍ୱର ମଳିକ ସହ ସମ୍ପାଦକ କସ୍ତୁରୀ ବେହେରା ସରପଞ୍ଚ ସରିଗଣ୍ଡା ଗ୍ରାପ, ପିଙ୍କି ବେହେରା, ମାନସୀ ନାୟକ, ଗୀତ ନାୟକ, ଅଭିମନ୍ୟୁ ବେହେରା, ପବିତ୍ର ମଳିକ ସଦସ୍ୟ ଜଙ୍ଗଲ ସୁରକ୍ଷା ମହାସଂଘ ଦଶପଲ୍ଲା ଜୋନ ତଥା ବନ୍ଧୁ ଗାଁ ର ମହିଳା ଓ ପୁରୁଷ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଦଶପଲ୍ଲାର ସମସ୍ତ ପଞ୍ଚାୟତର ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସ୍ଥିର କରାଯାଇଛି। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ସହ ଜଙ୍ଗଲ କାଠ କଟା କୁ ବିରୋଧ ବୃକ୍ଷ ରୋପଣ ଓ ସୁରକ୍ଷା ନେଇ ସଚେତନତା କରାଯାଇଥିଲା।

ବନ୍ଧୁକ ଜବତ, ୨ ଗିରଫ

ଦଶପଲ୍ଲା, ୯।୩ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ବାଣୀଗୋଛା ଥାନା ଅଞ୍ଚଳରେ ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। କଳସାଖମଣ ଗାଁର ବୀରେନ୍ଦ୍ର ଜାନୀ ଓ ଚଢ଼େୟାପଲ୍ଲୀ ପଞ୍ଚାୟତର ବଡ଼ବିର୍କିରି ଗାଁର ଲକ୍ଷ୍ମୀଧର ମଳିକ ବେଆଇନ୍ ଭାବେ ଦେଶୀ ବନ୍ଧୁକ ରଖୁଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସ ୨ ଗ୍ରାମରେ ଚଢ଼ାଉ କରି ୨ ଅଭିଯୁକ୍ତଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ ଜବତ କରିଥିଲା। ଉଭୟଙ୍କୁ ନାମରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଲକ୍ଷ୍ମଣ ଦଣ୍ଡସେନା ସୂଚନା ଦେଇଛନ୍ତି।

୨୬୨ରୁ ୮୮ ମାମଲାର ଫଇସଲା

ଓଡ଼ଗାଁ, ୯।୩(ଆଦର୍ଶ କୁମାର ପଟ୍ଟନାୟକ)

■ ଓଡ଼ଗାଁରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଓଡ଼ଗାଁ ଦେୱାନି ଓ ଫୌଜଦାରୀ ଅଦାଲତରେ ଶନିବାର ତାଲୁକ ଆଇନ୍ ସେବା କମିଟି ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୨୬୨ଟି ମାମଲା ଉପରେ ବିଚାର କରାଯାଇଥିଲା। ସେଥିମଧ୍ୟରୁ ୮୮ଟିର ଫଇସଲା କରାଯାଇ ୨୦ ଲକ୍ଷ ୪୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ଅତିରିକ୍ତ ଜିଲା ଓ ଦୌରାଜଜ୍ ମାନସ ରଞ୍ଜନ ରଥଙ୍କ ଦ୍ୱାରା ପରିଚାଳିତ ଲୋକ ଅଦାଲତରେ ବରିଷ୍ଠ ଦେୱାନି ଜଜ ତଥା ଦୌରାଜଜ୍ ଜନ୍ମେଜୟ ଦାସ, ଦେୱାନି ବିଚାରପତି ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ହରମୋହନ ଦାସ, ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟାଧିକାରୀ ମିସ୍ ସୌମ୍ୟାଶ୍ରୀ ମହାପାତ୍ରଙ୍କ ଉପସ୍ଥିତିରେ ବିଭିନ୍ନ ମାମାଲାଗୁଡିକର ବିଚାର କରାଯାଇ ଫଇସଲା କରାଯାଇଥିଲା। ବ୍ୟାଙ୍କ ସମ୍ବନ୍ଧିତ ୧୭୭ ମାମଲାରୁ ୨୪ ମାମଲାର ଫଇସଲା କରାଯାଇ ୫ ଲକ୍ଷ ୬୦ ହଜାର ଟଙ୍କା ଅସୁଲ କରାଯାଇଥିଲା। ୩ ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା ବାବଦରେ ୧୪ ଲକ୍ଷ ୮୦ ହଜାର ଟଙ୍କା ଅସୁଲ ହୋଇଥିଲା। ୫ ବୈବାହିକ ମାମଲାରୁ ଗୋଟିଏ ମାମଲାର ଫଇସଲା ହୋଇଥିବାବେଳେ ୫୦ରୁ ରାଜସ୍ୱ ମାମଲାର ଫଇସଲା ହୋଇଥିଲା। ଅନ୍ୟ ୨୦ ଫୌଜଦାରୀ ମାମଲାରୁ ୧୦ମାମଲାର ମଧ୍ୟ ଫଇସଲା ହୋଇଥିଲା।

ବିଧାୟକଙ୍କ ଦ୍ୱାରା ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଓଡଗାଁ,୯।୩(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଶନିବାର ଓଡ଼ଗାଁ ଗସ୍ତ କରି ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କେତେଗୋଟିର ଲୋକାର୍ପଣ କରିଛନ୍ତି। ଏହିକ୍ରମରେ ବିଧାୟକ ୧୦ କୋଟି ବ୍ୟୟ ଅଟକଳରେ କେନାଲ ଛକଠାରୁ ବୁଢାବୁଢ଼ୀଆଣି ଡ୍ୟାମ ପର୍ଯ୍ୟନ୍ତ ୧୧ କିମି ରାସ୍ତା, ୯ କୋଟି ୧୬ ଲକ୍ଷ ବ୍ୟୟ ଅଟକଳରେ ଓଡ଼ଗାଁ ଏନ୍ଏସିରେ ନୂତନ ବସ୍ଷ୍ଟାଣ୍ଡ ଓ ୮ କୋଟି ୨୦ ଲକ୍ଷ ବ୍ୟୟରେ ମଶାବାରୀ କୁସୁମୀ ନଦୀ ଉପରେ ନୂତନ ସେତୁ, କୁରାଳଠାରେ ୩୦ ଲକ୍ଷ ବ୍ୟୟ ଅଟକଳରେ ପଞ୍ଚାୟତସ୍ତରୀୟ ମିଶନ ଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଠିକ୍ ସେହିପରି କେନାଲ ଛକ ଘସାଦେଇପୁରଠାରେ ନୂତନ ଲକ୍ଷ୍ମୀ ବସଷ୍ଟପ, ରଙ୍ଗଣୀପାଟଣା ଓ ଦଣ୍ଡୋର ଗ୍ରାମରେ ୨ଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର, ପାଣିଷଣ୍ଡ ଯୁବକ ସଂଘ ଗୃହ, କୁରାଳଠାରେ ଚଣ୍ଡେଶ୍ୱର ବଣିକ ସଂଘ ଗୃହ ପ୍ରଭୃତିର ଉଦ୍ଘାଟନ ମଧ୍ୟ କରିଛନ୍ତି। ଏହି ଅବସରରେ ବିଧାୟକଙ୍କ ନେତୃତ୍ୱରେ ବିଶାଳ ବାଇକ୍ ଶୋଭାଯାତ୍ରା କେନାଲ ଛକଠାରୁ ବାହାରି ଓଡ଼ଗାଁ ସହର ମଧ୍ୟ ଦେଇ ମଶାବାରୀଠାରେ ପହଞ୍ଚି ଥିଲେ। ଏହି ଅବସରରେ ବିଧାୟକ ସାହୁ ଓଡ଼ଗାଁର ବିକାଶ ପାଇଁ ପ୍ରୟାସ ଜାରି ରହିଛି। ବିଶେଷ କରି ବରକନ୍ୟା ଜଳପ୍ରପାତକୁ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ ରୂପେ ପରିଗଣିତ କରିବାକୁ ଦ୍ରୁତଗତିରେ କାର୍ଯ୍ୟ ଆରମ୍ଭ ହୋଇଛି। ଗୌଡ଼ପୁଟ ମୁଖ୍ୟ କେନାଲଠାରୁ ବରକନ୍ୟା ଜଳପ୍ରପାତ ନିକଟକୁ ସୁନ୍ଦର ଓ ପ୍ରଶସ୍ତ ରାସ୍ତା ନିର୍ମାଣ ହେବା ପାଇଁ ମୁଖ୍ୟମନ୍ତ୍ରୀ ପର୍ଯ୍ୟାପ୍ତ ଅର୍ଥରାଶି ମଞ୍ଜୁର କରିଛନ୍ତି। ଏହାଦ୍ୱାରା ଅଞ୍ଚଳର ଅଭିବୃଦ୍ଧି ହେବା ସହ ଲୋକଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ହୋଇପାରିବ। ଅନ୍ୟପକ୍ଷେ ଓଡ଼ଗାଁ ସହରବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବ ଓ ଆମ ବସ୍ଷ୍ଟାଣ୍ଡ ଏହାର ମୂକସାକ୍ଷୀ ରହିବ। ଠିକ୍ ସେହିପରି ମଶାବାରୀ କୁସୁମୀ ନଦୀ ଉପରେ ସେତୁକୁ ଭଙ୍ଗା ଯିବା ସହ ନୂତନ ସେତୁ ନିର୍ମାଣ ହେବ। ଜନସଂଖ୍ୟା ବଢିବା ଯୋଗୁ ଏହା ଏକ ବ୍ୟସ୍ତବହୁଳ ନିତିଦିନିଆ ରାସ୍ତାରେ ପରିଣତ ହୋଇଛି। ନୂତନ ସେତୁ କାର୍ଯ୍ୟ ଖୁବ୍ଶୀଘ୍ର ଆରମ୍ଭ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ୨୦୦୦ରୁ ଉର୍ଦ୍ଧ୍ୱ ବାଇକ୍ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ସମେତ ଜିଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ବିଜେଡି ଉପସଭାପତି ନିତ୍ୟାନନ୍ଦ ପ୍ରଧାନ ଓ ପୂର୍ତ୍ତ ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସରକାରୀ କାର୍ଯ୍ୟାଳୟର ରୂପାନ୍ତରିତ ମୁଖଶାଳା ଉଦ୍ଘାଟିତ

ବିଧାୟକ ଅରୁଣ ସାହୁ ମୁଖଶାଳା ଉଦ୍ଘାଟନ କରୁଛନ୍ତି।

ନୟାଗଡ଼,୯।୩(ଲୋକନାଥ ମିଶ୍ର)

ନୟାଗଡ଼ ସହରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟଗୁଡ଼ିକର ରୂପାନ୍ତରିତ ମୁଖଶାଳାକୁ ଶନିବାର ନୟାଗଡ଼ ବିଧାୟକ ଅରୁଣ ସାହୁ ଉଦ୍ଘାଟନ କରିଛନ୍ତି। ବିଧାୟକଙ୍କ ଦ୍ୱାରା ନୟାଗଡ଼ ଜଳସମ୍ପଦ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ, ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ନୟାଗଡ଼ ପୌର ପରିଷଦ କାର୍ଯ୍ୟାଳୟ, ନୟାଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖେଳପଡ଼ିଆ, ପୂର୍ତ୍ତ ବିଭାଗ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ମୁଖଶାଳା ତଥା ସୁଉଚ୍ଚ ତୋରଣକୁ ଉଦ୍ଘାଟନ କରାଯାଇଛି। ସେହିଭଳି ଭାବେ ତ୍ରିନାଥଛକଠାରେ ନିର୍ମାଣ କରାଯାଇଥିବା ବିଶୁଦ୍ଧ ପାନୀୟ ଜଳ କିଓସ୍କୋକୁ ଉଦ୍ଘାଟନ କରାଯାଇଛି। ଏହା ସହ ନୟାଗଡ଼ ବ୍ଲକ ଅନ୍ତର୍ଗତ ହରିପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁଉଦ୍ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ, ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ପୌର ପରିଷଦ ଉପାଧକ୍ଷ ଗୁରୁପ୍ରସାଦ ଜେନାଙ୍କ ସମେତ ସମସ୍ତ କାଉନସିଲରମାନେ ଯୋଗ ଦେଇଥିଲେ।

ଶିକ୍ଷକ ଶହୀଦ ଦିବସ ପାଳନ

ଦଶପଲ୍ଲାରେ ଶହୀଦ ହୋଇଥିବା ଶିକ୍ଷୟିତ୍ରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ଦଶପଲ୍ଲା/ ନୟାଗଡ଼, ୯।୩ (ପ୍ରକାଶ କୁମାର ପାଣି/ ଲୋକନାଥ ମିଶ୍ର)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଶିକ୍ଷକ ଶହୀଦ ଦିବସ ପାଳିତ ହୋଇଯାଇଛି। ବ୍ଲକ ଓଷ୍ଟା ସମ୍ପାଦକ ଅକ୍ରୁର ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିପିଆଇ(ଏମ୍) ନେତା କମ୍ରେଡ ଶରତ ବେହେରା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରଧାନଶିକ୍ଷକ ଦିଲୀପ କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ସାମାଜିକ କର୍ମୀ ରବିନାରାୟଣ ସେଠୀ, ବ୍ଲକ ଓଷ୍ଟାର କର୍ମକର୍ତ୍ତା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଶହୀଦ ଶିକ୍ଷୟିତ୍ରୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ସେହିପରି ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶିକ୍ଷକ ଶହୀଦ ଦିବସ ପାଳନ ହୋଇଯାଇଛି। ଶହୀଦ କାହ୍ନୁଚରଣ ପଟ୍ଟନାୟକଙ୍କ ସ୍ମୃତିସ୍ତମ୍ଭ ପାଖରେ ଶିକ୍ଷା ସଙ୍ଗମର ସଙ୍ଗଠକ ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ନୟାଗଡ଼ କଲେଜର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଓଷ୍ଟା ସଙ୍ଗଠନର ନେତା କିଶୋର ପରମଗୁରୁ, ଅଯୋଧ୍ୟାନାଥ ନାୟକ, ପରମାନନ୍ଦ ଦଳେଇ, ମାଣିକେଶ୍ୱର ସ୍ୱାଇଁ, ସୁଦାମ ସାର୍ ପ୍ରମୁଖ ଯୋଗଦାନ କରି ଶିକ୍ଷକ ଆନ୍ଦୋଳନର ଗୌରବମୟ ଇତିହାସକୁ ରୋମନ୍ଥନ କରିଥିଲେ। ଅନ୍ୟତମ ଶିକ୍ଷକ ନେତା ପ୍ରଦ୍ୟୁମ୍ନ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଥାଉକି, ୧୯୭୮ ମାର୍ଚ୍ଚ ୯ରେ ରାଜ୍ୟସ୍ତରୀୟ ଶିକ୍ଷକ ଆନ୍ଦୋଳନରେ ଯୋଗ ଦେବାକୁ ଯାଉଥିବା ବେଳେ ୬ଜଣ ଖୋର୍ଦ୍ଧା ଜିଲା ଟିକାତାଳଠାରେ ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

କିଆଝର ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୯।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ପଞ୍ଚାୟତରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ଜନ୍ମେଜୟ ନାୟକ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ, ସର୍ବେଶ୍ୱର ସ୍ୱାଇଁ, ପୂର୍ବତନ ବିଜେଡି ବ୍ଲକ ସଭାପତି ବରୁଣ ସ୍ୱାଇଁ, ସମ୍ପାଦକ ରାମଚନ୍ଦ୍ର ବିଶ୍ୱାଳ, କିଆଝର ପୂର୍ବତନ ସରପଞ୍ଚ ପଠାଣି ନାୟକ ଓ କର୍ମୀମାନେ ଯୋଗଦେଇ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ଦଳୀୟ କର୍ମୀମାନେ ଶଙ୍ଖ ଚିହ୍ନ ପୋଷ୍ଟର ଲଗାଇ ଥିଲେ।

ନୟାଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ନୟାଗଡ଼,୯।୩(ଲୋକନାଥ ମିଶ୍ର)

ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ନୟାଗଡ଼ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୨୨ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରିବାକୁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୮୨ଟି ଦେୱାନୀ ମାମଲା, ଏନ୍ଆଇ ଆକ୍ଟ କେସ୍ ୧ ଟି ଓ ବିବାହ ଜନିତ ୫ ଟି ମାମଲା ଫଇସଲା କରାଯାଇଛି। ଅନ୍ୟପକ୍ଷେ ବ୍ୟାଙ୍କରୁ ଋଣ ନେଇ ଋଣ ପରିଶୋଧ କରି ନ ଥିବା ୧୮୩ ଜଣ ଋଣ ଗ୍ରହିତାଙ୍କଠାରୁ ୭୬ ଲକ୍ଷ ୧୩ ହଜାର ୨୦୫ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଛି। ଅନ୍ୟ ଫୌଜଦାରୀ ୧୦୨ଟି ମାମଲା ଫଇସଲା କରାଯାଇ ୫୬୦୦ ଟଙ୍କା ଆଦାୟ କରାଯାଇଥିଲା। ୨୯ଟି ପ୍ରାକ୍ ବିଜୁଳି ମାମଲା ଫଇସଲା କରାଯାଇ ୪ ଲକ୍ଷ ୬୩ ହଜାର ୨୪ ଟଙ୍କା ଆଦାୟ କରଯାଇଛି। ପୁଣି ୩୯୯୫ ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୧୨ ଲକ୍ଷ ୬୧ ହଜାର ୯୫ ଟଙ୍କା ଆଦାୟ କରଯାଇଛି। ଲୋକ ଅଦାଲତରେ ଜିଲା ଓ ଦୌରା ଜଜ୍ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ଓ ଦୌରା ଜଜ ଲିଲି ସେନାପତି, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ସତ୍ୟବ୍ରତ ରଣା, ଉପଖଣ୍ଡ ଫୌଜଦାରୀ ବିଚାରପତି ସୌଭାଗ୍ୟ ରଞ୍ଜନ ପ୍ରଧାନ, ଜେଏମ୍ଏଫ୍ସି ସାବିତ୍ରୀ ଦାସ, ଜେଏମ୍ଏସ୍ସି ରାକେଶ କୁମାର ସାହୁ ଏବଂ ସମୃଦ୍ଧି ସାଗରିକା ବାରିକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୁତିସ୍ନିଗ୍ଧା ଦାସ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଶେଷ କୁମାର ସାହୁ, ମହିଳା ଅଦାଲତର ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରାଜଜ ରୀନତି ମିଶ୍ର ଏବଂ ସିଭିଲ କୋର୍ଟ ରେଜିଷ୍ଟ୍ରାର ନିଶାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୧୧ ତାରିଖରେ ପୁନଶ୍ଚ ଅନୁଷ୍ଠିତ ହେବ ବୋଲି ପ୍ରାଧିକରଣର ସଚିବ ବିଶେଷ କୁମାର ସାହୁ କହିଛନ୍ତି।

ଲୋକ ଅଦାଲତରେ ବିଚାରପତିଙ୍କ ଉପସ୍ଥିତିରେ ମାମଲାର ବିଚାର କରାଯାଉଛି।

ଦଳ ଚାହିଁଲେ ଚାନ୍ଦବାଲିରୁ ଲଢ଼ିବି: ମନମୋହନ

ଚାନ୍ଦବାଲି ଏନ୍‌ଏସିସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ଭାଜପା ନେତୃବୃନ୍ଦ।

ଚାନ୍ଦବାଲି,୯।୩ (କିଷାନ ପାତ୍ର)

ଓଡ଼ିଶାରେ ବିଜେଡି-ଭାଜପା ମେଣ୍ଟ ଚର୍ଚ୍ଚା ଚାଲିଥିବା ବେଳେ ଶୁକ୍ରବାର ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଦିଲ୍ଲୀରୁ ଫେରିବା ପରେ ମେଣ୍ଟରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶନିବାର ଚାନ୍ଦବାଲି ଗସ୍ତରେ ଆସିଥିବା ବେଳେ ଏନ୍‌ଏସିସ୍ଥିତ ଭାଜପା କାର୍ଯ୍ୟାଳୟରେ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ଅବସରରେ ସେ ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି, ଓଡ଼ିଶାରେ ଭାଜପା ଏକାକୀ ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନରେ ଲଢ଼ିବାକୁ ପ୍ରସ୍ତୁତ ଅଛି। ମେଣ୍ଟ ପ୍ରସଙ୍ଗରେ କୌଣସି ଆଲୋଚନା ହୋଇନାହିଁ କିମ୍ବା ରାଷ୍ଟ୍ରୀୟ ସଭାପତି କିଛି କହିନାହାନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଓଡ଼ିଶାରେ ଦଳ କେମିତି ଲଢ଼ିବ ତାହା ଭାଜପାର ସଂସଦୀୟ କମିଟି ନିଷ୍ପତ୍ତି ନେବ। ଚାନ୍ଦବାଲିରୁ ପ୍ରାର୍ଥୀ ହେବା ନେଇ ମନମୋହନ କହିଛନ୍ତି, ଗତ ୫ ବର୍ଷ ଧରି ଚାନ୍ଦବାଲି ଲୋକଙ୍କ ସହ ରହିଛନ୍ତି। ସୁବିଧା ଅସୁବିଧାରେ ଲୋକଙ୍କ ସାଙ୍ଗରେ ଛିଡ଼ା ହୋଇଛନ୍ତି। ଦଳ ନିଷ୍ପତ୍ତି କଲେ ସେ ନିଶ୍ଚିତ ଚାନ୍ଦବାଲିରୁ ଲଢ଼ିବେ।

ନିର୍ବାଚନ ପୂର୍ବରୁ ଫଳକ ଶୁଭଦିଆ ପରମ୍ପରାକୁ ନେଇ କହିଥିଲେ, ବାସୁଦେବପୁର ଓ ଚାନ୍ଦବାଲିର ପ୍ରାଣକେନ୍ଦ୍ର ହେଲା ବାଲିଆପାଳ ପୋଲ। ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ସମୟଠାରୁ ଏପର୍ଯ୍ୟନ୍ତ ବହୁ ଚେଷ୍ଟା କରି ସୁଦ୍ଧା ପୋଲ ନ ହୋଇ ଖାଲି ଫଳକ ମରା ଚାଲିଛି। ନିର୍ବାଚନକୁ ଲକ୍ଷ୍ୟ ରଖି କେବଳ ପ୍ରଚାର ଉଦ୍ଦେଶ୍ୟରେ ଖାଲି ଫଳକ ମରା ଚାଲିଛି। ବୈଠକରେ ଜିଲା ଭାଜପା ଉପସଭାପତି କମଳାକାନ୍ତ ସୂତାର, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ଆରଡ଼ି ଜୋନ୍ ସଭାପତି କିଶୋର ନାୟକ, ଘଣ୍ଟେଶ୍ୱର ଜୋନ୍ ସଭାପତି ମିତ୍ରଭାନୁ ଦାସ, ଧାମରା ଜୋନ୍ ସଭାପତି ଦେବେନ୍ଦ୍ର ନାୟକ, ଦୈତାରୀ ଦାସ, ରାଜାରାମ ମହାକୁଡ଼, ଏନ୍‌ଏସି ସଭାପତି ସରୋଜ ବଳ, ବରିଷ୍ଠ ନେତା କାହ୍ନୁଚରଣ ବେହେରା, ପୂର୍ଣ୍ଣଚନ୍ଦ୍ର ପାଣି, ସମିତିସଭ୍ୟ ଅଭୟ ବଳ, ମୀନକେତନ ବିଶ୍ୱାଳ, ଜିଲା ସମ୍ପାଦିକା ମାଳତୀଲତା ସାହୁ, ଯୁବନେତା ସ୍ମୃତିରଞ୍ଜନ ନାୟକ, ବିଜୟ ବେହେରା, ସୁଶାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

ନୂଆ ତତ୍ପର, ପୁରୁଖା ଛାନିଆ

ଦେବେଶ ଆଚାର୍ଯ୍ୟ

ନିପନ ଦାଶ


ଇରାସିସ୍ ଆଚାର୍ଯ୍ୟ

ନୀହାରିକା ଗିରି

ନୀହାର ମହାନନ୍ଦ

ବରଗଡ଼, ୯।୩ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା

ଓଡ଼ିଶାରେ ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ହେବ ବୋଲି ଚାରିଆଡ଼େ ହୁରି ପଡ଼ିଛି। ହେଲେ ବରଗଡ଼ ଜିଲାରେ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ନିଜ ଢଙ୍ଗରେ ନିର୍ବାଚନୀ ସଜବାଜ ଚଳାଇଛନ୍ତି। ଏଠାକାର ୫ଟି ଯାକ ବିଧାନସଭା ଆସନ ବିଜେଡି ପାଖରେ ଅଛି। ବରଗଡ଼ରେ ଦେବେଶ ଆଚାର୍ଯ୍ୟ, ଅତାବିରାରେ ସ୍ନେହାଙ୍ଗିନୀ ଛୁରିଆ, ଭଟଲିରେ ସୁଶାନ୍ତ ସିଂ, ବିଜେପୁରରେ ରୀତା ସାହୁ ଏବଂ ପଦ୍ମପୁରରେ ବର୍ଷା ସିଂ ବରିହା ବିଧାୟକ ଅଛନ୍ତି। ବିଜେଡି ପୁଣି ଜିଲାର ସବୁ ଆସନ ବଜାୟ ରଖିବା ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳୁଛି। ଆସନଗୁଡ଼ିକରେ ରହିଥିବା ବିଧାୟିକା, ବିଧାୟକଙ୍କୁ ଦଳ ପୁଣି ସୁଯୋଗ ଦେବ ବୋଲି ସେମାନେ ଆଶା ବାନ୍ଧିଛନ୍ତି। ହେଲେ ଦଳ ସେମାନଙ୍କୁ ସୁଯୋଗ ଦେବ ନା ନୂଆ ଚେହେରା ନିର୍ବାଚନ ମଇଦାନକୁ ଆଣିବ, ସେଥିପ୍ରତି ସମସ୍ତଙ୍କ ନଜର ମଧ୍ୟ ରହିଛି। ଭାଜପା, କଂଗ୍ରେସ ଭଳି ବିଜେଡିରେ ଅଧିକ ଆଶାୟୀ ନ ଥିଲେ ମଧ୍ୟ ଶାସକ ଦଳରେ କିଛି ନୂଆ ଚେହେରା ଆସିପାରନ୍ତି ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ନୂଆ ଚେହେରାଙ୍କ ତତ୍ପରତା ଦେଖି ଟିକେଟ୍ ଆଶାରେ ଥିବା ପୁରୁଖା ନେତାଙ୍କ ମଧ୍ୟରେ ଛନକା ପଶିଲାଣି।

ବିଜେପୁର ନିର୍ବାଚନମଣ୍ଡଳୀରେ ରୀତାଙ୍କୁ ପୁଣିଥରେ ଦଳ ସୁଯୋଗ ଦେଇପାରେ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ବିଜେଡିର ସାଧାରଣ ସମ୍ପାଦିକା ନୀହାରିକା ଗିରି ଏହି ନିର୍ବାଚନମଣ୍ଡଳୀକୁ ବାରମ୍ବାର ଗସ୍ତ କରୁଥିବା ଚର୍ଚ୍ଚାର ବିଷୟ ପାଲଟିଛି। ନୀହାରିକା ପେସାରେ ଆଇନଜୀବୀ ଏବଂ ସେ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ନାତୁଣୀ। ବିଜେପୁର ଆସନ ପାଇଁ ସେ ଦଳର ଆଶାୟୀ ଅଛନ୍ତି। ଏଠାରେ ଆପିକଲ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର, ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ୍, ସବିତା ସାହୁ, ମାନିନୀ ଭୋଇ ବିଜେଡି ଆଶାୟୀ ରହିଥିବା ଆଲୋଚନା ହେଉଛି। ସେହିପରି କଂଗ୍ରେସରେ ଦିଲୀପ ପଣ୍ଡା, ଦୁଷ୍ମନ୍ତ ମେହେର, ଭାଜପାରେ ସନତ ଗଡ଼ତିଆ, ସୁରେନ୍ଦ୍ର ପାତ୍ର, ହଳପାଣି ମାଝି, ଝରଣା ପାଣିଗ୍ରାହୀ ଆଶାୟୀ ରହିଥିବା ଚର୍ଚ୍ଚା ଚାଲିଛି।

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ପୁଣି ନିର୍ବାଚନ ମଇଦାନକୁ ଓହ୍ଲାଇ ହ୍ୟାଟ୍ରିକ କରିବା ଲକ୍ଷ୍ୟରେ ଅଛନ୍ତି। ଅନ୍ୟପଟେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦାନ କରିବା ପରେ ପୂର୍ବତନ ବିଧାୟକ ନୀହାର ରଞ୍ଜନ ମହାନନ୍ଦଙ୍କ ତତ୍ପରତା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଭାଜପାରେ ଯୋଗଦେବାର ଦିନକ ପରେ ଗୋଡ଼ଭଗାରୁ ଅତାବିରା ପର୍ଯ୍ୟନ୍ତ ଶତାଧିକ ସମର୍ଥକଙ୍କ ଗହଣରେ ନୀହାର ଶକ୍ତି ପ୍ରଦର୍ଶନ କରିଥିବାବେଳେ ଏବେ ଉକ୍ତ ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମକୁ ଗସ୍ତ କରୁଛନ୍ତି। ଭାଜପା ପକ୍ଷରୁ ଦଳୀୟ ଟିକେଟ ପାଇବା ନିଶ୍ଚିତ ହେବା ପରେ ସେ ଏଭଳି ଅଭିଯାନକୁ ଜୋର୍‌ଦାର୍ କରୁଥିବା କୁହାଯାଉଛି। ମାତ୍ର ନୀହାରଙ୍କୁ ଯଦି ଦଳ ଟିକେଟ ଦିଏ, ଦଳରେ ଦୀର୍ଘଦିନର କାର୍ଯ୍ୟକର୍ତ୍ତା ଭାବେ ରହି ଆସିଥିବା ଅନ୍ୟ ଆଶାୟୀଙ୍କ ଭୂମିକା କିଭଳି ରହିବ, ତାହାକୁ ସମସ୍ତେ ଚାହିଁ ବସିଛନ୍ତି। ଏଠାରେ କୁଶ କୁମ୍ଭାର, ରଞ୍ଜନ ସେଠ, ମିଳନ ସେଠଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ନୀହାର ଭାଜପାକୁ ଚାଲିଗଲା ପରେ ଏଠାରେ ଏବେ ପ୍ରାର୍ଥୀ ଖୋଜା କଂଗ୍ରେସ ପାଇଁ ଚିନ୍ତା ପାଲଟିଛି। ପୂର୍ବତନ ଏନଏସି ଅଧ୍ୟକ୍ଷା ସୁନୀତା ବାଗ, ରଞ୍ଜନ ସେଠୀ, ସୁରେଶ ମହାନନ୍ଦ, ରବିନ ସେଠ ପ୍ରମୁଖ ଟିକେଟ ପାଇଁ ଆଶାୟୀ ରହିଥିବା ଆଲୋଚନା ଚାଲିଛି।

ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦେବେଶଙ୍କ ସମେତ ଆଶାୟୀଙ୍କ ମଧ୍ୟରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ପୂର୍ବତନ ବିଧାୟକ ପ୍ରଶାନ୍ତ ବେହେରା, ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ୍‌ଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଛି। ଭାଜପାରୁ ଏଠାରେ ଅଶ୍ୱିନୀ ଷଡ଼ଙ୍ଗୀ, ଲିପ୍‌ସିତ ମିଶ୍ର, ଡା. ସଞ୍ଜିତ ମିଶ୍ର, ଅବନୀକାନ୍ତ ପଣ୍ଡାଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଥିବାବେଳେ କଂଗ୍ରେସରୁ ନିପନ ଦାଶ, ଆନନ୍ଦ ପ୍ରଧାନ, ମନୋହର ପ୍ରଧାନ ଏବଂ ପାଣ୍ଡବ କର୍ଣ୍ଣ ଆଶାୟୀ ରହିଥିବା ଆଲୋଚନା ହେଉଛି।

ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ବର୍ଷାଙ୍କ ସମେତ ପ୍ରୀତମ ମେହେର, ମଞ୍ଜୁଶ୍ରୀ ବଡ଼େଇ, କଂଗ୍ରେସରୁ ଟଙ୍କଧର ସାହୁ, ଗଜରାଜ ସିଂ ପୁଟା, ମୌସୁମୀ ସାହୁ ଏବଂ ଭାଜପାରୁ ପ୍ରଦୀପ ପୁରୋହିତ, ଗୋବର୍ଦ୍ଧନ ଭୋଏଙ୍କ ନାମ ଚର୍ଚ୍ଚାରେ ଚାଲିଛି।

ଭଟଲି ନିର୍ବାଚନମଣ୍ଡଳୀରେ ବିଜେଡିରୁ ସୁଶାନ୍ତ ପୁଣି ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଶୁଣିବାକୁ ମିଳୁଥିବାବେଳେ ଭାଜପାରୁ ଇରାସିସ୍ ଆଚାର୍ଯ୍ୟ, ସୁଶାନ୍ତ ମିଶ୍ର ଏବଂ କଂଗ୍ରେସରୁ ସରୋଜ ମହାପାତ୍ର, ସତ୍ୟନାରାୟଣ ଦେବତା, ବ୍ରହ୍ମା ମହାକୁଡ଼ ଦଳୀୟ ଟିକେଟ ପାଇବା ପାଇଁ ଆଶାୟୀ ଅଛନ୍ତି। ତେବେ ଦଳଗୁଡ଼ିକ ଏଥର ପୂର୍ବ ନିର୍ବାଚନର ପ୍ରାର୍ଥୀଙ୍କୁ ପୁଣିଥରେ ନିର୍ବାଚନ ମଇଦାନକୁ ଛାଡ଼ିବେ ନା ନୂଆ ଚେହେରାଙ୍କୁ ସୁଯୋଗ ଦେବେ, ତାହା ପ୍ରାର୍ଥୀ ତାଲିକା ଘୋଷଣା ପରେ ସ୍ପଷ୍ଟ ହୋଇଯିବ।

ଦୁର୍ନୀତି ଲୁଚାଇବା ପାଇଁ ଏମ୍‌ପି ସଚିବାଳୟରେ ନିଆଁ

ଭୋପାଳସ୍ଥିତ ମଧ୍ୟପ୍ରଦେଶ ସଚିବାଳୟ ୩ୟ ମହଲାରେ ନିଆଁ ଲାଗିଛି।

ଭୋପାଳ,୯।୩

ଶନିବାର ପୂର୍ବାହ୍ନ ୯ଟା ୩୦ରେ ଭୋପାଳସ୍ଥିତ ମଧ୍ୟପ୍ରଦେଶ ସଚିବାଳୟରେ ନିଆଁ ଲାଗିଥିଲା। ୧୫ରୁ ୨୦ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ବଲ୍ଲଭ ଭବନର ତୃତୀୟ ମହଲାରେ ନିଆଁ ବ୍ୟାପିବା ପରେ କେତେକ ଗୁରୁତ୍ୱପୂର୍ଣ୍ଣ ଫାଇଲ ପୋଡ଼ିଯାଇଥିବା କୁହାଯାଉଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ସ୍ଥିତି ସମୀକ୍ଷା ପରେ ଏଭଳି ଅଗ୍ନିକାଣ୍ଡ ଏଡ଼ାଇବା ପାଇଁ ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ।

କଂଗ୍ରେସର ଅଭିଯୋଗ

ଅଗ୍ନିକାଣ୍ଡକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ। ବରିଷ୍ଠ କଂଗ୍ରେସ ନେତା ଜିତେନ୍ଦ୍ର ପଟୱାରି କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ତାଙ୍କ ଶାସନ କାଳରେ ବହୁ ଦୁର୍ନୀତିରେ ଜଡ଼ିତ ଥିଲେ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତାଙ୍କ ଦୁର୍ନୀତିକୁ ଯେପରି ଧରି ନ ପାରିବେ, ସେଥିପାଇଁ ଶିବରାଜ ଲୋକ ଲଗାଇ ଦୁର୍ନୀତି ସମ୍ପର୍କିତ ଫାଇଲଗୁଡ଼ିକୁ ଜାଳିଦେବା ଲାଗି ସଚିବାଳୟରେ ନିଆଁ ଲଗାଇଦେଇଛନ୍ତି। କେବଳ ଏମ୍‌ପି ସଚିବାଳୟରେ ବାରମ୍ବାର କାହିଁକି ନିଆଁ ଲାଗୁଛି, ତା'ର ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ଜିତେନ୍ଦ୍ର ଦାବି କରିଛନ୍ତି। ଅନ୍ୟତମ କଂଗ୍ରେସ ନେତା ଉମଙ୍ଗ ସିଂହାର କହିଛନ୍ତି, ଶିବରାଜ ଓ ମୋହନଙ୍କ ମଧ୍ୟରେ ପଡୁ ନାହିଁ। ତେଣୁ ନିଜ ଉପରକୁ ଆଞ୍ଚ ନ ଆସିବା ଲାଗି ଶିବରାଜ ଏପରି କରିଛନ୍ତି।

ଆଶାୟୀଙ୍କଠୁ ଆଗରେ ଅରବିନ୍ଦ

କେନ୍ଦ୍ରାପଡ଼ା,୯।୩(ଜଗନ୍ନାଥ ଧଳ)

ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ

ଅରବିନ୍ଦ ମହାପାତ୍ର

ବିଜେଡିର ପ୍ରତିଷ୍ଠାତା ସଦସ୍ୟ ତଥ ଭାଜପା ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ନିକଟରେ ବିଜେଡିରେ ସାମିଲ ହେବା ପରେ କେନ୍ଦ୍ରାପଡ଼ା ଜିଲା ପାଟକୁରା ରାଜନୀତି ଚଳଚଞ୍ଚଳ ହୋଇଛି। ଗତ ୨୪ ବର୍ଷ ହେଲା ପ୍ରାୟ ସବୁଆଡୁ କୋଣଠେସା ହୋଇଥିବା ବିଜୟ ପୁଅର ଭବିଷ୍ୟତ ଦେଖି ବିଜେଡିରେ ମିଶ୍ରଣକୁ ସମ୍ମତି ପ୍ରଦାନ କରିଥିବା ସାଧାରଣରେ ଆଲୋଚନା ହେଉଛି। ବିଜେଡିରେ ମିଶିବା ପରେ ଅରବିନ୍ଦ କହିଛନ୍ତି, ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ, ତାହା ସେ ତୁଲାଇବେ। ଅନ୍ୟପକ୍ଷରେ ତାଙ୍କର ବିଜେଡିରେ ମିଶ୍ରଣ କେନ୍ଦ୍ରାପଡ଼ା ରାଜନୀତିରେ ଭୂକମ୍ପ ସୃଷ୍ଟି କରିଛି। ବହୁ ଆଶାୟୀ ପ୍ରାର୍ଥୀ ଏବେ ଆଶଙ୍କାରେ ଅଛନ୍ତି।

କେନ୍ଦ୍ରାପଡ଼ାର ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ଏକ ଅଣ କଂଗ୍ରେସର ଗଡ଼ ଭାବେ ପରିଚିତ ହୋଇଆସିଛି। ଏଠାରୁ ସ୍ୱର୍ଗତ ବିଜୁ ପଟ୍ଟନାୟକ ୧୯୮୦ରେ ବିଧାୟକ ଭାବେ ଜିତିଥିଲେ। ପରବର୍ତ୍ତୀ ସମୟରେ ଏଠାରୁ ବିଜୁବାବୁଙ୍କ ଏକାନ୍ତ ଅନୁଗତ ବିଜୟ ମହାପାତ୍ର ଉପ ନିର୍ବାଚନରେ ଜିତିଥିଲେ। ୧୯୮୦ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପାଟକୁରା ବିଧାୟକ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ବିଜୁବାବୁଙ୍କ ଦେହାନ୍ତ ପରେ ବିଜୁ ଜନତା ଦଳ ଗଠନରେ ବିଜୟଙ୍କ ସକ୍ରିୟ ଭୂମିକା ଥିଲା। ତେବେ ଦଳୀୟ ସଭାପତି ନବୀନ ପଟ୍ଟନାୟକଙ୍କ ରୋଷର ଶିକାର ହୋଇ ବିଜେଡିରୁ ବିଜୟ ବହିଷ୍କୃତ ହୋଇଥିଲେ। ଅଦ୍ୟାବଧି ସେ ଦଳକୁ ଫେରି ନ ଥିଲେ ମଧ୍ୟ ବିଜେଡି ପାଇଁ ସର୍ବଦା ବିଜୟ ଏକ ଚ୍ୟାଲେଞ୍ଜ ହୋଇ ରହିଆସିଥିଲେ।

୨୦୧୯ ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ର ଦୁଇଟି କାରଣରୁ ବେଶ୍ ଚର୍ଚ୍ଚିତ ଥିଲା। ବିଜୟ ମହାପାତ୍ର ଭାଜପାରୁ ଲଢ଼ିଥିବା ବେଳେ ବିଧାୟକ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଦପ୍ରକାଶ ଅଗ୍ରୱାଲଙ୍କ ନିର୍ବାଚନ ପୂର୍ବରୁ ପରଲୋକ ହୋଇଥିଲା। ଫଳରେ ବେଦପ୍ରକାଶଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ଏହି ନିର୍ବାଚନ ପାଇଁ ସ୍ୱତନ୍ତ୍ର ରଣନୀତି ସହ ବିଜେଡି ମଇଦାନକୁ ଓହ୍ଲାଇଥିଲା। ଏପରିକି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ବିଧାନସଭା କ୍ଷେତ୍ରରେ ପ୍ରଚାର ମଙ୍ଗ ଧରିଥିଲେ। ଏହାଯୋଗୁ ସାବିତ୍ରୀ ଅଗ୍ରୱାଲ ୯୬,୦୩୦ ଖଣ୍ଡ ଭୋଟ ପାଇଥିବା ବେଳେ ବିଜୟଙ୍କ ଭୋଟ ସଂଖ୍ୟା ୭୮,୧୩୨ ଖଣ୍ଡରେ ସୀମିତ ରହିଥିଲା। ଅପରପକ୍ଷେ ଏହି ଚର୍ଚ୍ଚିତ ଆସନ ପାଇଁ ଆଗାମୀ ନିର୍ବାଚନରେ ଆଶାୟୀଙ୍କ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିବା ଦେଖିବାକୁ ମିଳୁଛି। ଦଳର ବିଭିନ୍ନ ପଦବୀରେ ଥିବା ସଞ୍ଜୟ ଅଗ୍ରୱାଲ, ମଧୁମିତି ଅଗ୍ରୱାଲ, ରବି ସାମଲ, ଉତ୍କଳ ପରିଡା, ସରୋଜ ସାହୁ, ଅମରେଶ ପତ୍ରୀଙ୍କ ସମେତ ପ୍ରାୟ ୧୫ ବର୍ଷ ଧରି ଦଳୀୟ ଟିକେଟ ଆଶାରେ ଅଜୟ ରାଉତ ସଙ୍ଗଠନ ସଜାଡୁଛନ୍ତି। ସେହିପରି ଶୁଭଙ୍କର ନାୟକଙ୍କ ସମେତ କେତେଜଣ ଯୁବ ପ୍ରତିଭା ନିଜସ୍ୱ ସଙ୍ଗଠନ କରିଛନ୍ତି। ଏହି ସମୟରେ ଅରବିନ୍ଦଙ୍କ ବିଜେଡିରେ ଯୋଗଦାନ ପାଟକୁରା ରାଜନୀତିରେ ଆଶାୟୀଙ୍କୁ ଏକଦମ୍ ଚୁପ୍ କରିଦେବା ଭଳି ସ୍ଥିତି ସୃଷ୍ଟି କରିଛି। କାରଣ ଅରବିନ୍ଦଙ୍କୁ ଆଶୀର୍ବାଦ ଦେବା ବେଳେ ବାପାଙ୍କୁ ଏସବୁ କହିବ ବୋଲ ନବୀନ କହିଥିଲେ। ଏହି କଥାକୁ ଦେଖି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି ଯେ ପାଟକୁରାରୁ ଆରବିନ୍ଦଙ୍କ ପ୍ରାର୍ଥିତ୍ୱ ସମ୍ଭାବନା ଯଥେଷ୍ଟ ଅଧିକ। ତେଣୁ ଅନ୍ୟ ଆଶାୟୀଙ୍କ ଆଶା ମଉଳି ଗଲା ଭଳି ଲକ୍ଷ୍ୟ କରାଯାଉଛି। ଏହା ମଧ୍ୟ ଆଲୋଚନା ହେଉଛି, ଯଦି ବିଜେଡି-ଭାଜପା ମେଣ୍ଟ ହୁଏ, ତଥାପି ଅରବିନ୍ଦଙ୍କ ପଲା ଭାରି ରହିପାରେ।

ଭାଜପାରେ କାର୍ତ୍ତିକ, ସୁବିଧାଜନକ ସ୍ଥିତିରେ ବିଭୂତି

ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ

କାମାକ୍ଷାନଗର, ୯।୩ (ଅମଜାଦ ଖାନ୍)

କାର୍ତ୍ତିକ ସାହୁ


ବିଭୂତି ପ୍ରଧାନ

ଚାରିଆଡ଼େ ନିର୍ବାଚନୀ ପବନ ବହୁଛି। ନିଲମ୍ବନ, ବହିଷ୍କାର, ଦଳଡିଆଁ, ମିଶ୍ରଣପର୍ବ ଆଦି ଜାରି ରହିଛି। ବିଭିନ୍ନ ଦଳରେ ଟିକେଟକୁ ନେଇ ଟଣାଓଟରା ଆରମ୍ଭ ହୋଇଛି। ପୁଣି ବିଜେଡି-ଭାଜପା ମେଣ୍ଟ ଆଲୋଚନାକୁ ନେଇ ବହୁକଥା ଶୁଣିବାକୁ ମିଳୁଛି। ତେବେ ଢେଙ୍କାନାଳ ଜିଲା ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀକୁ ୨୦୦୯ରୁ ବିଜେଡି ଅକ୍ତିଆର କରିଆସିଛି। ବିଜେଡିର ନୃସିଂହ ଚରଣ ସାହୁ ପୁନଶ୍ଚ ପ୍ରାର୍ଥୀ ହୋଇ ୪ର୍ଥ ଥର ପାଇଁ ଏଠାରୁ ଜିତିବାକୁ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ ନୃସିଂହଙ୍କ ଗତିରୋଧ କରିବା ଲାଗି ଭାଜପା ଅଣ୍ଟା ଭିଡ଼ିଛି। ବିଜେଡି ମଧ୍ୟରେ ଗୋଷ୍ଠୀ କନ୍ଦଳ ଭାଜପାକୁ ସୁହାଇବ ବୋଲି ଏହାର ନେତା ଓ କର୍ମୀ କହୁଛନ୍ତି। ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରୁ ଆରମ୍ଭ ହୋଇଥିବା ବିଜେଡିର କନ୍ଦଳ ବର୍ତ୍ତମାନ ଏକ ବିସ୍ଫୋରକ ରୂପ ନେଇଛି। ଦଳର ଯୁବନେତା କାର୍ତ୍ତିକ ସାହୁ ବହିଷ୍କୃତ ହେବାପରେ, ଏବେ ସଦଳବଳେ ଭାଜପା ଶିବିରରେ ଆଶ୍ରୟ ନେଇଛନ୍ତି। ଯେହେତୁ ବିଜେଡିରୁ କାର୍ତ୍ତିକଙ୍କ ପ୍ରାର୍ଥୀ ହେବା ନେଇ ସାଧାରଣରେ ଅଧିକ ଚର୍ଚ୍ଚା ହେଉଥିଲା, ସେ ଦଳ ପରିବର୍ତ୍ତନ କରିବା ପରେ ଭାଜପା ସୁବିଧାଜନକ ସ୍ଥିତିରେ ରହିବ ବୋଲି ଆଲୋଚନା ହେଉଛି। ପରଜଙ୍ଗ ନିର୍ବାଚନମଣ୍ଡଳୀରେ ଭାଜପାର ଟିକେଟ ବିଭୂତି ପ୍ରଧାନଙ୍କୁ ମିଳିବା ନେଇ ଅଧିକ ଆଶା ଥିବାବେଳେ ଭାଜପାରେ କାର୍ତ୍ତିକଙ୍କ ପ୍ରବେଶ ବିଭୂତିଙ୍କୁ ଅଧିକ ଲାଭଜନକ ସ୍ଥିତିରେ ରଖିପାରେ ବୋଲି ଚର୍ଚ୍ଚା ହେଉଛି।

ଢେଙ୍କାନାଳ ଲୋକ ସଭା ଆସନ ଅନ୍ତର୍ଗତ ପରଜଙ୍ଗ ନିର୍ବାଚନମଣ୍ଡଳୀ ୨୦୦୯ ମସିହାରେ କଙ୍କଡ଼ାହାଡ଼ ବ୍ଲକର ୨୧ ଓ ପରଜଙ୍ଗ ବ୍ଲକର ୨୯ ପଞ୍ଚାୟତ ସହିତ କାମାକ୍ଷାନଗର ବ୍ଲକର ୬ ପଞ୍ଚାୟତକୁ ନେଇ ଗଠନ ହୋଇଥିଲା। ଏହି ଆସନଟି ଆରମ୍ଭରୁ ବିଜେଡି ହାତରେ ରହି ଆସିଛି। ୨୦୦୯ ମସିହାରେ କଂଗ୍ରେସ ଛାଡ଼ି ଶଙ୍ଖ ଧରିଥିବା ଡାକ୍ତର ନୃସିଂହ ସାହୁ ଲଗାତର ୩ଥର ଏଠାରୁ ବିଜେଡି ବିଧାୟକ ଭାବରେ ଜିତି ଆସିଛନ୍ତି। ସବୁଥର ନୃସିଂହଙ୍କୁ କଡ଼ା ଟକ୍କର ଦେଇ ଆସିଛନ୍ତି ଭାଜପାର ବିଭୂତି। ପାଲଲହଡ଼ାରୁ ଥରେ ଏବଂ ପରଜଙ୍ଗରୁ ୩ଥରକୁ ମିଶାଇ ଲଗାତର ୪ଥର ଭାଜପାର ବିଧାୟକ ପ୍ରାର୍ଥୀ ବିଭୂତି ନିଜର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଡାକ୍ତର ସାହୁଙ୍କ ଠାରୁ ପରାସ୍ତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ହାର ମାନି ନାହାନ୍ତି ଏବଂ ଦଳ ମଧ୍ୟ ତାଙ୍କ ଉପରୁ ଆସ୍ଥା ହରାଇ ନାହିଁ। ତେବେ ପରଜଙ୍ଗର ୩ଟି ନିର୍ବାଚନ ପରିଣାମ ଉପରେ ଦୃଷ୍ଟି ପକାଇଲେ, କ୍ରମାନ୍ୱୟରେ ବିଭୂତିଙ୍କ ପରାଜୟ ଭୋଟ ବ୍ୟବଧାନ କମ୍ ହୋଇଥିବା ଦେଖାଯାଇଛି। ୨୦୦୯ରେ ବ୍ୟବଧାନ ୫,୧୮୮ ଥିବାବେଳେ ୨୦୧୪ରେ ୩,୦୫୨ ଏବଂ ୨୦୧୯ରେ ବ୍ୟବଧାନ ୭୪୦ ରହିଥିଲା। ଏହି ଅନୁପାତ ଉପରେ ସମୀକ୍ଷା କଲେ ଆସନ୍ତା ୨୦୨୪ ନିର୍ବାଚନରେ ବିଭୂତିଙ୍କ ଅପେକ୍ଷାକୃତ ଭଲ ସ୍ଥିତିରେ ଅଛନ୍ତି ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ଭଣଜା ତଥା ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ପର୍କୀୟ ଭାଇ ହୋଇଥିବାରୁ ବିଭୂତିଙ୍କୁ ଭୋଟରଙ୍କ ସମର୍ଥନ ମିଳିପାରେ ବୋଲି କୁହାଯାଉଛି।

୩ ବର୍ଷରୁ ଊର୍ଦ୍ଧ୍ୱ ଗୋଟିଏ ଜାଗାରେ ଥିବା ଅଧିକାରୀଙ୍କୁ ବଦଳି କରାଯାଉ

ଭୁବନେଶ୍ୱର,୯।୩(ଅନିଲ ଦାସ)

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ଭାଜପା

ଆଗକୁ ଲୋକ ସଭା ଓ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ସରକାରୀ ଦଳ କଳବଳର ଅପପ୍ରୟୋଗ କରି ନିର୍ବାଚନ ଜିତିବାକୁ ଚାହୁଁଛି। ପୋଲିସ ପ୍ରଶାସନ, ସାମ୍ବିଧାନିକ ବିଧିବ୍ୟବସ୍ଥା ଏବଂ ଅନୁଷ୍ଠାନମାନଙ୍କୁ ବ୍ୟବହାର କରି ଜନମତକୁ ବିଭ୍ରାନ୍ତ କରୁଥିବାର ଏବେଠାରୁ ବହୁ ଅଭିଯୋଗ ଓ ପ୍ରମାଣ ଆସିଲାଣି। ନିର୍ବାଚନ ପରିଚାଳନାକୁ ଅବାଧ ଓ ନିରପେକ୍ଷ କରାଇବା ପାଇଁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅବସ୍ଥାପିତ ଥିବା ବିଭିନ୍ନ ବିଭାଗର ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯାଉ। ରାଜ୍ୟ ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହି ଦାବି କରିଛି।

ଭୁବନେଶ୍ୱରରେ ଦୀର୍ଘ ବର୍ଷ ଧରି ଅଥବା ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅବସ୍ଥାପିତ ଥିବା ବହୁ ଅଧିକାରୀ ଦୃଷ୍ଟିଗୋଚର ହେଉଛନ୍ତି। ସେମାନେ ହେଲେ ପୋଲିସ ଅଧିକାରୀଗଣ ଯଥା ଡିଏସ୍‌ପି ରଜତ ରାୟ, ଏସିପି ମାନସ ଗଡ଼ନାୟକ, ବାନାମ୍ବର ସେଠୀ ଓ ସଞ୍ଜୀବ ଶତପଥୀ, ଏଏସ୍‌ପି ଅଶୋକ ପାଣିଗ୍ରାହୀ, ହିମାଂଶୁ ସ୍ୱାଇଁ ଓ ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ଆଇଆଇସି ତୃପ୍ତି ରଞ୍ଜନ ନାୟକ, ଏସ୍‌ଆଇ ବିଜୟ ଦାସ ଓ ଷ୍ଟାଲିନ୍‌ଙ୍କ ସମେତ ଅନ୍ୟ ସରକାରୀ ଅଧିକାରୀମାନଙ୍କୁ ତୁରନ୍ତ ବଦଳି କରାଯାଉ।

ଏପରି କି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସରକାରୀ ଅଧିକାରୀମାନେ ନିଜ ଗୃହ ଜିଲାରେ ମଧ୍ୟ ଅବସ୍ଥାପିତ ହୋଇପାରିବେ ନାହିଁ। ଏପରି ଆହୁରିଅନେକଅଧିକାରୀ ଗୋଟିଏ ସ୍ଥାନରେ ଏବଂ ଗୋଟିଏ ପଦବୀରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ଦଳୀୟ କାର୍ଯ୍ୟରେ ଏମାନଙ୍କୁ ରାଜ୍ୟ ସରକାର ଜାଣିଶୁଣି ବ୍ୟବହାର କରୁଥିବା ଅନେକ ନଜିର ରହିଛି। ଏହା ଦ୍ୱାରା ଅବାଧ ଓ ନିରପେକ୍ଷ ନିର୍ବାଚନରେ ବାଧା ସୃଷ୍ଟି ହେବାରେ ଆଶଙ୍କା ରହିଛି। ସରକାରୀ ଅଧିକାରୀମାନେ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ଭୁଲି ଶାସକ ଦଳର ଏଜେଣ୍ଟ ଭାବେ କାର୍ଯ୍ୟ କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ଅଣସାମ୍ବିଧାନିକ। ଯଥାଶୀଘ୍ର ସେମାନଙ୍କୁ ବଦଳି କରାଯାଉ ବୋଲି ଲେଖାଶ୍ରୀ ଦାବି କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୦/୨୦୨୪ Bhubaneswar, Sunday, March 10/ 2024

ଭାରତର ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର ଉଦ୍‌ଘାଟିତ

କଳିଙ୍ଗ ଷ୍ଟାଡିୟମରେ ଶନିବାର ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିବୃନ୍ଦ।

ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଇନ୍‌ଡୋର ଡାଇଭିଂ ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଭାରତର ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର ଓ ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର ବିଶ୍ୱ ଆଥ୍‌ଲେଟିକ୍ସର କାଟେଗୋରୀ–୧ ମାନ୍ୟତାପ୍ରାପ୍ତ। ଏଥିରେ ୨୦୦ ମିଟର ଆଥ୍‌ଲେଟିକ୍ସ ଟ୍ରାକ୍ ସହିତ ପୋଲଭଲ୍ଟ, ଲଙ୍ଗଜମ୍ପ, ହାଇଜମ୍ପ, ଶର୍‌ପୁଟ୍ ଆଦି କ୍ରୀଡ଼ା ପାଇଁ ସୁବିଧା ଉପଲବ୍ଧ। ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ଏହି କ୍ୟାମ୍ପସରେ କାର୍ଯ୍ୟ କରିବ। ଆକ୍ୱାଟିକ୍ ସେଣ୍ଟରରେ ୫୦ ମିଟର ଅଲିମ୍ପିକ୍ସ ସାଇଜ୍ ସୁଇମିଂ ପୁଲ୍, ୱାର୍ମଅପ୍ ପୁଲ୍ ଆଦି ରହିଛି। ଓଡ଼ିଶା ଜେଏସ୍‌ଡବ୍ଲ୍ୟୁ ସୁଇମିଂ ଏଚ୍‌ପିସି ଏଥିରେ କାର୍ଯ୍ୟ କରିବ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଇନ୍‌ଡୋର ଡାଇଭିଂ ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ''ନୂଆ ଇନ୍‌ଡୋର ଷ୍ଟାଡିୟମରେ ଆମ ଆଥ୍‌ଲେଟମାନେ ବର୍ଷସାରା ଅଭ୍ୟାସ କରିପାରିବେ। ପାଗଜନିତ ପରିବେଶ ବାଧା ସୃଷ୍ଟି କରିପାରିବ ନାହିଁ। ଉଭୟ ଆଥ୍‌ଲେଟିକ୍ସ ଓ ଆକ୍ୱାଟିକ୍ ସେଣ୍ଟର ଆମ ଆଥ୍‌ଲେଟଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚ ପ୍ରଦର୍ଶନ ପାଇଁ ସହାୟକ ହେବ। ରିଲାଏନ୍ସ ଫାଉଣ୍ଡେସନ, ଜେଏସ୍‌ଡବ୍ଲ୍ୟୁ ସହ ପାର୍ଟନରଶିପ୍‌ରେ ଏହା ଓଡ଼ିଶାର ସ୍ପୋର୍ଟ୍ସ ଇକୋ ସିଷ୍ଟମ୍‌କୁ ଦୃଢ଼ୀଭୂତ କରିବ'' ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ଭାରତର ଏହି ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟରରେ ଇନ୍‌ଡୋର ମହାଦେଶୀୟ ଏବଂ ଆଞ୍ଚଳିକ ଚାମ୍ପିୟନଶିପ୍ ସମ୍ଭବ ହୋଇପାରିବ। ଏହି ବିଶ୍ୱସ୍ତରୀୟ ଭିତ୍ତିଭୂମି ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ଟ୍ରେନିଂ ଗ୍ରାଉଣ୍ଡଭାବେ ବ୍ୟବହାର ହେବ। ଏହି ସେଣ୍ଟରରେ ୧୦,୦୦୦ ସ୍କୋୟାର ମିଟର ଟ୍ରାକ୍ ରହିଛି। ଏହାକୁ ଇଟାଲୀର ଏକ ଜଣାଶୁଣା କମ୍ପାନୀ ମୋନ୍‌ଡୋ ଏସ୍‌ପିଏ ବିଛାଇଛି। ପୂର୍ବରୁ ଏହା ଅଲିମ୍ପିକ୍ସରେ ବ୍ୟବହାର ହୋଇସାରିଛି। ଏହା ବ୍ୟତୀତ ସେଣ୍ଟରରେ ୨୦୦ ମିଟର ସିନ୍ଥେଟିକ୍ ଟ୍ରାକ୍, ଏକ ୮୦ମି+୨୦ମି ରନିଂ ଟ୍ରାକ୍ ସହିତ ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ପୋଲ ଭଲ୍ଟ ଓ ଶର୍‌ପୁଟ୍ ପାଇଁ ବ୍ୟବସ୍ଥା ରହିଛି। ୨୦୨୩ ଡିସେମ୍ବରରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ପକ୍ଷରୁ ଏହାକୁ କାଟେଗୋରୀ–୧ ସାର୍ଟିଫିକେଟ ମିଳିଛି। ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟରରେ ତାପମାତ୍ରା ନିୟନ୍ତ୍ରିତ ୫୦ ମିଟର ଅଲିମ୍ପିକ୍ ସାଇଜ୍ ସୁଇମିଂ ପୁଲ୍ ଓ ୨୫ ମିଟର ୱାର୍ମଅପ୍ ପୁଲ୍ ରହିଛି। ଅନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଏଠାରେ ୧୦୦୦ ଦର୍ଶକଙ୍କ ବସିବା ପାଇଁ ବ୍ୟବସ୍ଥା ରହିଛି।

ଏହି ଅବସରରେ ଉପସ୍ଥିତ ସନ୍ତରଣକାରୀଙ୍କ ସହିତ ଭାବ ବିନିମୟ କରିଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ଆଡିଲ ସୁମାରିୱାଲା, ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ସମ୍ପାଦକ ମୋନାଲ ଚୋକ୍‌ସି, ଭେଟେରାନ କ୍ରୀଡ଼ା ପ୍ରଶାସକ ଆଶୀର୍ବାଦ ବେହେରା, ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ରିଲାଏନ୍ସ ଫାଉଣ୍ଡେସନ ନିର୍ଦ୍ଦେଶକ ଆଶିଷ କଞ୍ଚ୍ୱାକ୍ଟର, ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ସିଇଓ ମୁସ୍ତାଫା ଘୋଷ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଭାରତ ୪–୧ରେ ସିରିଜ ବିଜୟୀ

ଧର୍ମଶାଳା, ୯।୩

ଏଠାରେ ଅନୁଷ୍ଠିତ ଭାରତ–ଇଂଲଣ୍ଡ ୫ମ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ୩ ଦିନରେ ଶେଷ ହୋଇଛି। ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ଜବାବରେ ଭାରତ ୪୭୭ ରନ କରି ବୃହତ ଅଗ୍ରଣୀ ନେଇଥିଲା। ଶନିବାର ତୃତୀୟ ଦିବସରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୯୫ ରନ କରି ଅଲ୍‌ଆଉଟ ହୋଇଯାଇଛି। ଫଳରେ ଭାରତ ଏକ ଇନିଂସ ଓ ୬୪ ରନରେ ବିଜୟୀ ହୋଇଛି। ଏଥିସହ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ୪–୧ରେ ଜିତିଛି। ଦ୍ୱିତୀୟ ଇନିଂସରେ ୫ ଉଇକେଟ ସଫଳତା ସହ ମୋଟ ୯ ଉଇକେଟ ହାସଲ କରି ନିଜର ୧୦୦ତମ ଟେଷ୍ଟକୁ ସ୍ମରଣୀୟ କରିଛନ୍ତି ଭାରତର ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ପ୍ରଥମ ଇନିଂସରେ ୫ ଓ ଦ୍ୱିତୀୟ ଇନିଂସରେ ୨ ଉଇକେଟ ନେଇଥିବା କୁଲଦୀପ ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେହିପରି ପୂରା ସିରିଜରେ ଚମତ୍କାର ବ୍ୟାଟିଂ କରିଥିବା ଭାରତର ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଛନ୍ତି।

- ୩ ଦିନରେ ଶେଷ ହେଲା ୫ମ ଟେଷ୍ଟ
- ଇଂଲଣ୍ଡ ଏକ ଇନିଂସ ୬୪ ରନରେ ପରାସ୍ତ
- କୁଲଦୀପ ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ
- ଯଶସ୍ୱୀ ଜୟସ୍ୱାଲ ପ୍ଲେୟର ଅଫ୍ ଦି ସିରିଜ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୪୭୩/୮ରୁ ଖେଳ ଆରମ୍ଭ କରିଥିବା ଭାରତ ପ୍ରଥମ ଇନିଂସରେ ଆଉ ୪ ରନ ଯୋଗକରି ଅବଶିଷ୍ଟ ୨ଟି ଉଇକେଟ ହରାଇଥିଲା। କୁଲଦୀପ ଯାଦବ ୩୦ ଓ ଯଶପ୍ରୀତ୍ ବୁମ୍‌ରା ୨୦ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଶୋଏବ ବଶିର ୫ ଉଇକେଟ ସଫଳତା ପାଇଥିଲେ। ଜେମ୍ସ ଆଣ୍ଡରସନ ୨ ଉଇକେଟ ନେବାସହ ଟେଷ୍ଟରେ ୭୦୦ ଉଇକେଟ ପୂରଣ କରିଥିଲେ।

ଦ୍ୱିତୀୟ ଇନିଂସ ଆରମ୍ଭରୁ ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ୩୬ ରନରେ ୩ ଉଇକେଟ ହରାଇ ଭ୍ରମଣକାରୀ ଦଳ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ମିଡିଲ ଅର୍ଡରରେ ଜୋ ରୁଟ୍ ୮୪ ଓ ଜନି ବେୟାରଷ୍ଟୋ ୩୯ ରନ କରି ଯଦିଓ ଭାରତୀୟ ବୋଲରଙ୍କୁ କିଛି ସମୟ ମୁକାବିଲା କରିବାକୁ ସକ୍ଷମ ହୋଇଥିଲେ, ତେବେ ତାହା ଇଂଲଣ୍ଡକୁ ଇନିଂସ ପରାଜୟରୁ ରକ୍ଷା କରିପାରି ନ ଥିଲା। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୫ଟି, ଯଶପ୍ରୀତ୍ ବୁମ୍‌ରା ଓ କୁଲଦୀପ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ: ୨୧୮। ଭାରତ ପ୍ରଥମ ଇନିଂସ: ୪୭୭। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୯୫/ଅଲଆଉଟ (ଜୋ ରୁଟ୍–୮୪, ଜନି ବେୟାରଷ୍ଟୋ–୩୯, ରବିଚନ୍ଦ୍ରନ ଅଶ୍ୱିନ–୫/୬୭, ଯଶପ୍ରୀତ୍ ବୁମ୍‌ରା–୨/୩୮, କୁଲଦୀପ ଯାଦବ–୨/୪୦, ରବୀନ୍ଦ୍ର ଜାଡେଜା–୧/୨୫)।

ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ୍ ବିଜୟୀ ଭାରତୀୟ ଦଳ।

ଏସ୍‌ଆଇଆର୍‌ଏସ୍ ଚାମ୍ପିୟନ୍ସ ଟ୍ରଫି ୧୨ରୁ

ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)

ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲ (ଏସ୍‌ଆଇଆର୍‌ଏସ୍) ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହା ହେବ ପ୍ରତିଯୋଗିତାର ତୃତୀୟ ସଂସ୍କରଣ। ରୋମାଞ୍ଚଭରା ଏହି କ୍ରିକେଟ ପ୍ରତିଯୋଗିତାରେ ଏଥର ମୋଟ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଦଳଗୁଡ଼ିକର ନାମ ହେଲା କୋହଲି ୱାରିୟର୍ସ, ଗାଙ୍ଗୁଲି ଗ୍ୟାଙ୍ଗ୍, ସଚିନ ସ୍ମାଶର୍ସ, ଧୋନୀ ଡେଭିଲ୍ସ, ସେହ୍ୱାଗ ସ୍ୱାଗର୍ସ ଓ ଡ୍ରାଭିଡ ଡଡ୍‌ଗର୍ସ। ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାର ଖେଳାଳି ଚୟନ ପ୍ରକ୍ରିୟା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଢାଞ୍ଚାରେ ଅକ୍ସନ ଜରିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ ଦଳର ଅଧିନାୟକ ଓ ଆଇକନ୍ ଖେଳାଳିମାନେ ସେମାନଙ୍କ ମନପସନ୍ଦର ଖେଳାଳି କିଣିଛନ୍ତି। ଅକ୍ସନ ପୂର୍ବରୁ ଏସ୍‌ଆଇଆରଏସ୍ ପିଲାମାନଙ୍କର ବାଦ୍ୟ ଏବଂ ନୃତ୍ୟ ପରିବେଷଣ ବେଶ୍ ମନୋଜ୍ଞ ହୋଇଥିଲା। ଆଗାମୀ ଟୁର୍ନାମେଣ୍ଟ ସମ୍ପର୍କରେ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ ସ୍କୁଲର ଅଧ୍ୟକ୍ଷା ଶିଲ୍ପୀ ସାହୁ। ସାଇ କାଲିଡୋସ୍କୋପ ୨୦୨୪ର ଏକ ଅଂଶବିଶେଷ ହେଉଛି ଏହି ଚାମ୍ପିୟନ୍ସ ଟ୍ରଫି। ଅକ୍ସନ ପ୍ରକ୍ରିୟା ମାଧ୍ୟମରେ ପ୍ରତି ଦଳରେ ୧୮ ଜଣ ଖେଳାଳି ରହିବେ। ବୃଦ୍ଧାନ୍ତ ଏକାଦଶରେ ଖେଳିବାକୁଥିବା ୧୧ ଖେଳାଳିଙ୍କ ମଧ୍ୟରେ ଅତିକମ୍‌ରେ ୨ ଜଣ ବାଳିକା ଓ ଜଣେ ଶିକ୍ଷକ ରହିବେ। ପ୍ରତି ଦଳରେ ଅତିକମ୍‌ରେ ଜଣେ ବାଳିକା ଖେଳାଳି ନିଶ୍ଚିତ ବୋଲିଂ ଓ ବ୍ୟାଟିଂ ସୁଯୋଗ ପାଇବେ। ବାଳିକା ସଶକ୍ତୀକରଣକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ସେ ସୂଚନା ଦେଇଥିଲେ। ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ହେବ। ଟୁର୍ନାମେଣ୍ଟରେ ମୋଟ ୧୫ଟି ମ୍ୟାଚ ଅନୁଷ୍ଠିତ ହେବ। ଏହା ମଧ୍ୟରେ ୨ଟି ସେମିଫାଇନାଲ ଓ ଫାଇନାଲ ସାମିଲ।

ଶିଳ୍ପୀ ସାହୁ

ଆଶୁତୋଷ ଚାମ୍ପିୟନ, କୁନାଲ ରନରଅପ୍

ଭୁବନେଶ୍ୱର, ୯।୩ (ବିଜୟ ରଣା)

ସ୍ଥାନୀୟ ଭୁବନେଶ୍ୱର କ୍ଲବଠାରେ ଶନିବାର ବିଏସ୍‌ଏଓ ଅଲ୍ ଓଡ଼ିଶା ଓପନ ରେଡ୍ ସ୍ନୁକର ଟୁର୍ନାମେଣ୍ଟ ୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କୁନାଲ ଅଗ୍ରୱାଲଙ୍କୁ ୭–୨ରେ ପରାସ୍ତ କରି ଆଶୁତୋଷ ପାଢ଼ୀ ଚାମ୍ପିୟନ ହୋଇଛନ୍ତି। ଏହି ଅବସରରେ ଭୁବନେଶ୍ୱର କ୍ଲବର ସଭାପତି ଅସିତ ତ୍ରିପାଠୀ, ବିଲିଆର୍ଡ୍ସ ଓ ସ୍ନୁକର ଇନ୍‌ଚାର୍ଜ କୌଶିକ ମହାପାତ୍ର, ବିଏସ୍‌ଏଓ'ର ସମ୍ପାଦକ ସମୀର ଅଲି, ଉପସଭାପତି ଅଶୋକ ଦାସ, ପାଟ୍ରନ ପ୍ରବୀର ସିଂଦେଓ, କୋଷାଧ୍ୟକ୍ଷ କଲ୍ୟାଣ ଛୋଟରାୟ, କାର୍ଯ୍ୟନିର୍ବାହୀ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଚାମ୍ପିୟନଙ୍କୁ ୨୧ ହଜାର ଟଙ୍କା ଓ ଟ୍ରଫି ଏବଂ ରନରଅପ୍‌ଙ୍କୁ ୧୧ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ଝାଝାରିଆ ନିର୍ଦ୍ୱନ୍ଦ୍ୱରେ ପିସିଆଇ ସଭାପତି ନିର୍ବାଚିତ

ନୂଆଦିଲ୍ଲୀ, ୯।୩(ପି.ଟି.)

ଦୁଇଥର ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଦେବେନ୍ଦ୍ର ଝାଝାରିଆ ଶନିବାର ନିର୍ଦ୍ୱନ୍ଦ୍ୱରେ ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ଅନ୍ୟ ଜଣେ ସେଲିବ୍ରିଟି ପାରା ଆଥ୍‌ଲେଟ ଦୀପା ମଲିକଙ୍କ ସ୍ଥାନରେ ଏହିପଦବୀରେ ଅଧିଷ୍ଠିତ ହୋଇଛନ୍ତି। ୪୨ ବର୍ଷୀୟ ଜାଭେଲିନ ଥ୍ରୋୟର ୨୦୦୪ ଏଥେନ୍ସ ଓ ୨୦୧୬ ରିଓ ପାରାଲିମ୍ପିକ୍ସ ଏଫ୍‌୪୬ ଡିଜାବିଲିଟି କାଟେଗୋରିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଜିତିଥିଲେ। ଶନିବାର ସଭାପତି, ଦୁଇ ଉପସଭାପତି, ସେକ୍ରେଟାରୀ ଜେନେରାଲ, କୋଷାଧ୍ୟକ୍ଷ, ଦୁଇ ଯୁଗ୍ମସମ୍ପାଦକ ଏବଂ ୫ କାର୍ଯ୍ୟନିର୍ବାହୀ କମିଟି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତେବେ ସମସ୍ତ ନୂଆ କର୍ମକର୍ତ୍ତା ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ସୂଚନାଯୋଗ୍ୟ, ଝାଝାରିଆ ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପା ଟିକେଟରେ ରାଜସ୍ଥାନର ଚୁରୁ ସହରରୁ ନିର୍ବାଚନ ଲଢୁଛନ୍ତି। ରିଟର୍ନିଂ ଅଫିସର ଉମେଶ ସିହ୍ନା ଝାଝାରିଆଙ୍କ ନେତୃତ୍ୱରେ ନିର୍ବାଚିତ ସମସ୍ତ ନୂଆ କର୍ମକର୍ତ୍ତାଙ୍କୁ ନିର୍ବାଚନ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଗୋଆର ରେଫରି ତଥା ଜଣେ ଅନ୍ତର୍ଜାତୀୟ କୋଚ୍ ଜୟନ୍ତ ହାମନାଗ୍ଲାର ନିର୍ଦ୍ୱନ୍ଦ୍ୱରେ ସେକ୍ରେଟାରୀ ଜେନେରାଲ ଭାବେ ନିର୍ବାଚିତ ହୋଇଥିବା ବେଳେ କୋଷାଧ୍ୟକ୍ଷ ପଦବୀ ପାଇଁ ସୁନୀଲ ପ୍ରଧାନ ଜଣେ ମାତ୍ର ପ୍ରାର୍ଥୀ ରହିଥିଲେ। ଲଳିତ ଠାକୁର ଓ ଟି. ଦିବାକର ଦୁଇ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ